୬ ଓଡ଼ିଶାରୁ ବିଦାୟ ନେଲେ ଭାରତ-ଇଂଲଣ୍ଡ ଖେଳାଳି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୧୬ ● ୧୧ ଫେବୃଆରୀ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-16 ● 11th February 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ରାଜ୍ୟର ଗ୍ରାମାଞ୍ଚଳକୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ସରକାରଙ୍କ ପ୍ରାଥମିକତା

## ୨୦୨୬ ସୁଦ୍ଧା କାର୍ଯ୍ୟକ୍ଷମ ହେବ ୨୦୭ ବୃହତ୍ ପାନୀୟ ଜଳ ପ୍ରକଳ୍ପ

**ଭୁବନେଶ୍ୱର, ୧୦।୨**
**ନ୍ୟୁଜ୍ ବ୍ୟୁରୋ**

ଜନ ସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଗ୍ରୀଷ୍ମପ୍ରବାହ ପୂର୍ବରୁ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣକୁ ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ରାଜ୍ୟର ଗ୍ରାମାଞ୍ଚଳକୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ହେଉଛି ସରକାରଙ୍କ ପ୍ରାଥମିକତା । ସେଥିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସୋମବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ।

ବିଗତ ବର୍ଷମାନଙ୍କରେ ବିଦ୍ୟୁତ ଦେୟ ପଇଠ ହୋଇନଥିବା ଯୋଗୁଁ ଗ୍ରାମାଞ୍ଚଳର ଅନେକ ପାନୀୟ ଜଳ ପ୍ରକଳ୍ପର ବିଦ୍ୟୁତ ସରବରାହ ବନ୍ଦ ହୋଇ ଯାଉଥିଲା । ତେଣୁ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଥିଲା । ସେଥିଯୋଗୁଁ ବିଭିନ୍ନ ଜିଲ୍ଲାର ଗ୍ରାମାଞ୍ଚଳମାନଙ୍କରେ ବିଶୁଦ୍ଧ ଜଳଯୋଗାଣ ପାଇଁ ଅସୁବିଧା ହେଉଥିଲା ଓ ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଗ୍ରାମାଞ୍ଚଳର ବୃହତ ପାନୀୟ ଜଳପ୍ରକଳ୍ପର ବକେୟା ବିଦ୍ୟୁତ ଦେୟ ପାଇଁ ବସୁଧା ଯୋଜନା ଅଧୀନସ୍ଥ ଅନୁଦାନକୁ ବ୍ୟବହାର କରିବା ପାଇଁ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ନିର୍ଦ୍ଦେଶନାମା ଯୋଗେ ଜଣାଇ ଦିଆଯାଇଥିବା ନେଇ ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଛନ୍ତି ।



ଏହା ସହ ନଳକୂପ ଖନନକୁ ପୁନଃ ଅନୁମତି ପ୍ରଦାନ କରାଯାଇଥିବା ନେଇ ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଛନ୍ତି । ଗ୍ରାମାଞ୍ଚଳରେ ଅଚଳ ହୋଇଯାଇଥିବା ନଳକୂପ ବଦଳରେ ନୂତନ ନଳକୂପ, ନଳକୂପ ନଥିବା ନୂତନ ଜନବସତି, (ପୃଷ୍ଠା ୭ରେ)

## ରାଜ୍ୟରେ ପଞ୍ଚାୟତ ଓ ବ୍ଲକ ସଂଖ୍ୟା ବଢ଼ିବ

**ଭୁବନେଶ୍ୱର, ୧୦।୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବଢ଼ିବ ପଞ୍ଚାୟତ ଓ ବ୍ଲକ ସଂଖ୍ୟା । ଆସନ୍ତା ମାର୍ଚ୍ଚ ପରେ ଏନେଇ ଆରମ୍ଭ ହେବ ପ୍ରକ୍ରିୟା। ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ । ସେ କହିଛନ୍ତି ୧୦ ବର୍ଷରେ ଥରେ ପଞ୍ଚାୟତ ପୁନର୍ଗଠନ କରାଯାଇଥାଏ। ୨୦ ବର୍ଷରେ ଥରେ ବ୍ଲକ ଗଠନ ହୋଇଥାଏ । ସେହି ପ୍ରାବଧାନରେ ନୂଆ ପଞ୍ଚାୟତ (ପୃଷ୍ଠା ୭ରେ)

## ପରୀକ୍ଷାର୍ଥୀଙ୍କୁ ମୋଦିଙ୍କ ଟିପ୍ସ

# ନିଜ ସହ କଥା ହୁଅ, ପରୀକ୍ଷା ଜୀବନରେ ସବୁ କିଛି ଭାବିବା ଭୁଲ

**ନୂଆଦିଲ୍ଲୀ, ୧୦।୨**

ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା'। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପିଏମ ମୋଦି ପରୀକ୍ଷାର୍ଥୀମାନଙ୍କୁ କହିଛନ୍ତି କେବେ କେବେ ନିଜ ସହ ମଧ୍ୟ କଥା ହେବା ଉଚିତ୍ । ଯେଉଁଠି କେହି ନ ଥିବେ ସେଠି ଆପଣ ପହଞ୍ଚନ୍ତୁ, ନେତୃତ୍ୱ ନେଇପାରିବେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ପରୀକ୍ଷାର୍ଥୀ ମାନଙ୍କୁ ଟିପ୍ସ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ପିଲାଙ୍କୁ ଚାପମୁକ୍ତ କରିବାକୁ ଅଭିଭାବକ ଓ ଶିକ୍ଷକମାନଙ୍କୁ ବାର୍ତ୍ତା ଦେଇଛନ୍ତି। ପିଲାର ଟାଲେଣ୍ଟ ଦେଖି ସେହି ଆଧାରରେ ବଢ଼ିବାକୁ ସହଯୋଗ କରନ୍ତୁ । ପରୀକ୍ଷା ଜୀବନରେ ସବୁ କିଛି, ତାହା ଭାବିବା ଭୁଲ। ଲେଖିବାର ଅଭ୍ୟାସ ଥିଲେ ପରୀକ୍ଷାରେ ଲେଖିବାକୁ କଷ୍ଟ ହେବନି। ଛାତ୍ରଛାତ୍ରୀମାନେ ସମୟର ସଦୁପଯୋଗ କରିବା ଉଚିତ ଏବଂ ଟାଇମ ମ୍ୟାନେଜମେଣ୍ଟ କରିବା ଶିଖିବା ଦରକାର। ଅଧିକ ନ ଭାବି ବର୍ତ୍ତମାନ ସମୟରେ ଧ୍ୟାନ ଦେଲେ ସଫଳତା ନିଶ୍ଚୟ ମିଳିବ। ତେବେ ପ୍ରଧାନମନ୍ତ୍ରୀ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସିଧାସଳଖ କଥା ହୋଇଛନ୍ତି । ଏହି ଅଷ୍ଟମ ସଂସ୍କରଣରେ ଅଭିନେତା ବିକ୍ରମ ମାସି, ଅଭିନେତ୍ରୀ ଦୀପିକା ପାଦୁକୋନ ଓ ଭୂମି ପେଡନେକର ପ୍ରମୁଖ ଯୋଗଦେଇଛନ୍ତି।



## ମହାକୁମ୍ଭରେ ବୁଡ ପକାଇଲେ ମହାମହିମ ରାଷ୍ଟ୍ରପତି



**ପ୍ରୟାଗରାଜ, ୧୦।୨**

ମହାକୁମ୍ଭରେ ବୁଡ ପକାଇଲେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ପ୍ରୟାଗରାଜରେ ପହଞ୍ଚି ତ୍ରିବେଣୀ ସଂଗମରେ ବୁଡ ପକାଇ ପବିତ୍ର ସ୍ନାନ କରିଛନ୍ତି ରାଷ୍ଟ୍ରପତି । ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ବୁଡ ପକାଇବାରେ ସେ ଏହି ସୌଭାଗ୍ୟଲାଭ କରିଛନ୍ତି । ତେବେ ସଂଗମରେ ସ୍ନାନ ପରେ ସୂର୍ଯ୍ୟଙ୍କୁ ପାଣି ଟେକିଥିଲେ ରାଷ୍ଟ୍ରପତି । ଏଥିସହ ହନୁମାନ ମନ୍ଦିର ସମେତ ଅନେକ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଗସ୍ତର ଦିନ ତମାମ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଡିଜିଟାଲ ମହାକୁମ୍ଭ କେନ୍ଦ୍ର ପରିଦର୍ଶନ କରିଥିଲେ। ତେବେ ସୋମବାର ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ପ୍ରୟାଗରାଜରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ସେଠୁ ସେ ପ୍ରୟାଗରାଜର ତ୍ରିବେଣୀ ସଂଗମରେ ପହଞ୍ଚିଥିଲେ । ସେଠାରେ ସେ ବିଦେଶାଗତ ପକ୍ଷୀଙ୍କୁ ଦାନା ଖୁଆଇଥିଲେ ଏବଂ ପରେ ପରେ ତ୍ରିବେଣୀ ସଂଗମରେ ସ୍ନାନ କରିଛନ୍ତି ରାଷ୍ଟ୍ରପତି।

# ଏନ୍‌ସିଟିଇର ବଡ଼ ନିଷ୍ପତ୍ତି : ପୁଣି ଆରମ୍ଭ ହେବ ବର୍ଷକିଆ ବି.ଇଡି, ଏମ୍‌ଇଡି ପାଠ୍ୟକ୍ରମ

**ନୂଆଦିଲ୍ଲୀ, ୧୦।୨**

ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ପ୍ରାୟ ଏକ ଦଶନ୍ଧି ଧରି ଚାଲିଥିବା ଏହାର ନୀତିରେ ଏକ ବଡ଼ ପରିବର୍ତ୍ତନ କରି ଏକ ବର୍ଷିଆ ବି.ଏଡ ଏବଂ ଏମ.ଏଡ ପାଠ୍ୟକ୍ରମକୁ ପୁନଃଆରମ୍ଭ କରିବାକୁ ଯାଉଛି। ଏହି ଅବଧି ଦୁଇ ବର୍ଷକୁ କରିବାର ଏକ ଦଶନ୍ଧି ପରେ ପୁଣି ନିଷ୍ପତ୍ତିରେ ପରିବର୍ତ୍ତନ କରାଯିବ। ନୂତନ ଡ୍ରାଫ୍ଟରେ ପ୍ରସ୍ତୁତ ନିୟମାବଳୀ ଅନୁଯାୟୀ ଏହି ପରିବର୍ତ୍ତନ ୨୦୨୬-୨୭ ରୁ କାର୍ଯ୍ୟକାରୀ ହେବ ଏବଂ ପୁଣି ଥରେ ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଦାନ କ୍ୟାରିୟର ପଥ ସରଳ ହେବ।

ଏନ୍‌ସିଟିଇର ସମ୍ପ୍ରତି ଏକ ସାଧାରଣ ପରିଷଦ ବୈଠକରେ ଡ୍ରାଫ୍ଟ ନିୟମାବଳୀ ୨୦୨୫ କୁ ଅନୁମୋଦନ କରାଯାଇଛି ଏବଂ ମତାମତ ଲୋଡ଼ିବା ପାଇଁ ଶୀଘ୍ର ଏହାକୁ ସାର୍ବଜନୀନ କରାଯିବ।

ଦଶନ୍ଧି ଧରି ଗୋଟିଏ ବର୍ଷ ପାଇଁ ଚାଲିଥିବା ବି.ଏଡ ଏବଂ ଏମ.ଏଡ ପାଠ୍ୟକ୍ରମକୁ ୨୦୧୪ ମସିହାରେ ଏନ୍‌ସିଟିଇ (ସ୍ୱୀକୃତି ମାନଦଣ୍ଡ ଏବଂ ପ୍ରକ୍ରିୟା) ନିୟମାବଳୀ ଅନୁଯାୟୀ ଦୁଇ ବର୍ଷକୁ ବୃଦ୍ଧି କରାଯାଇଥିଲା। ୨୦୧୫ ମସିହାରେ ସଂସଦରେ ଏକ ପ୍ରଶ୍ନର ଉତ୍ତରରେ, ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ କହିଥିଲେ ଯେ, ଯୋଗ ଶିକ୍ଷା ଏବଂ ଲିଙ୍ଗ ଅଧ୍ୟୟନ ସମେତ ନୂତନ ମଡ୍ୟୁଲ ସହିତ ୨୦୧୪ ନିୟମାବଳୀ ଅନୁଯାୟୀ ବି.ଏଡ ପାଠ୍ୟକ୍ରମକୁ ସଂଶୋଧନ କରାଯାଇଥିଲା ଏବଂ ୨୦ ସପ୍ତାହର ଇଣ୍ଟର୍ନସିପ ପ୍ରଚଳନ କରାଯାଇଥିଲା। ଏହାର ଗୁଣବତ୍ତା ଉନ୍ନତ କରିବା ଉଦ୍ଦେଶ୍ୟରେ, ବି.ଏଡ କାର୍ଯ୍ୟକ୍ରମର ଅବଧିକୁ ବୃଦ୍ଧି କରାଯାଇଛି ଯାହା ଦ୍ୱାରା ଏହାକୁ ଅଧିକ ବୃତ୍ତିଗତ ଏବଂ କଠୋର ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ କରାଯାଇପାରିବ।



ତେବେ ପୁଣିଥରେ ଏକ ବର୍ଷିଆ ବି.ଏଡ ଏବଂ ଏମ.ଏଡ ପାଠ୍ୟକ୍ରମର ପୁନଃଆରମ୍ଭର ଅର୍ଥ ନୁହେଁ ଯେ ଦୁଇ ବର୍ଷର ପାଠ୍ୟକ୍ରମକୁ ବନ୍ଦ କରାଯାଉଛି । ଏକ ବର୍ଷର ଏମ.ଏଡ ପାଠ୍ୟକ୍ରମ ପୂର୍ଣ୍ଣକାଳୀନ ହେବ, ଯେତେବେଳେ (ପୃଷ୍ଠା ୭ରେ)

# ୨.୫ ଲକ୍ଷ ଯୋଗ୍ୟ ମହିଳା ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ

**ଭୁବନେଶ୍ୱର, ୧୦।୨**
**ନ୍ୟୁଜ୍ ବ୍ୟୁରୋ**

ଇ-କେଓ୍ୱାଇସି ଏବଂ ଅନ୍ୟାନ୍ୟ ନିୟମ ପାଳନ ନକରିବା କାରଣରୁ ଓଡ଼ିଶାରେ ୨.୫ ଲକ୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପାଇ ନାହାନ୍ତି ବୋଲି ରାଜ୍ୟ ସରକାର ସୋମବାର ଦିନ କହିଛନ୍ତି।

ସୁଭଦ୍ରା ଯୋଜନାର ଲାଭ ପାଇବା ପାଇଁ ୨.୫ ଲକ୍ଷରୁ ଅଧିକ ଯୋଗ୍ୟ ମହିଳା ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ସକ୍ଷମ କରିନାହାନ୍ତି । ଏହା ବ୍ୟତୀତ ସେମାନେ ଏପର୍ଯ୍ୟନ୍ତ ଇ-କେଓ୍ୱାଇସି କରିନାହାନ୍ତି।

ଏହି ହିତାଧିକାରୀମାନେ ଏପର୍ଯ୍ୟନ୍ତ ଯୋଜନାର ଲାଭରୁ ବଞ୍ଚିତ ହୋଇଛନ୍ତି ବୋଲି ମହିଳା ଏବଂ ଶିଶୁ ବିକାଶ ବିଭାଗ ଏକ ବିବୃତିରେ କହିଛି।

ଏଥିରେ କୁହାଯାଇଛି ଯେ, ଏହି ହିତାଧିକାରୀଙ୍କ ତାଲିକା ବ୍ଲକ, ପୌରପାଳିକା ଏବଂ ନଗର ନିଗମ ସ୍ତରରେ କର୍ତ୍ତୃପକ୍ଷଙ୍କ ପାଖରେ ଉପଲବ୍ଧ। ସମସ୍ତ ଯୋଗ୍ୟ ହିତାଧିକାରୀ, ଯେଉଁମାନେ ଏପର୍ଯ୍ୟନ୍ତ ସୁଭଦ୍ରା ଯୋଜନାର ଲାଭ ପାଇ ନାହାନ୍ତି, ସେମାନେ ତାଲିକା ଯାଞ୍ଚ କରିବା ଉଚିତ୍ । ସେମାନଙ୍କର ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ଥିବା ଆବଶ୍ୟକ। ବ୍ୟାଙ୍କ ଆକାଉଣ୍ଟଟି ହିତାଧିକାରୀଙ୍କ ଆଧାର ନମ୍ବର ସହିତ ଲିଙ୍କ ହୋଇଥିବା ଆବଶ୍ୟକ। ଆକାଉଣ୍ଟଟି ଡିବିଟି ସକ୍ଷମ ହୋଇଥିବା ଆବଶ୍ୟକ। ହିତାଧିକାରୀମାନେ ସୁଭଦ୍ରା ପୋର୍ଟାଲରେ ବାୟୋମେଟ୍ରିକ ପଦ୍ଧତି ମାଧ୍ୟମରେ ସେମାନଙ୍କର ଇ-କେଓ୍ୱାଇସି କରିଥିବା ଆବଶ୍ୟକ।

ପ୍ରଥମ ତିନୋଟି କାର୍ଯ୍ୟ ସମାପ୍ତ କରିବା ପାଇଁ ଆବେଦନକାରୀମାନଙ୍କୁ ସେମାନଙ୍କ ବ୍ୟାଙ୍କକୁ ଯିବାକୁ ପରାମର୍ଶ ଦିଆଯାଉଛି। ଯେତେବେଳେ ଚତୁର୍ଥ କାର୍ଯ୍ୟ ଜନ ସେବା କେନ୍ଦ୍ର କିମ୍ବା ମୋ ସେବା କେନ୍ଦ୍ରରେ କରାଯାଇପାରିବ ବୋଲି ଡବ୍ଲୁଏଣ୍ଡସିଡି ବିଭାଗ କହିଛି।

ଆବେଦନକାରୀମାନେ ଏହି ଚାରୋଟି କାର୍ଯ୍ୟ ପୂରଣ କରି ଆବଶ୍ୟକତା ପୂରଣ କରିବା ପରେ, ସେମାନେ ମାର୍ଚ୍ଚ ୮ ପୂର୍ବରୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପାଇବେ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଏପର୍ଯ୍ୟନ୍ତ ରାଜ୍ୟର (ପୃଷ୍ଠା ୭ରେ)




# ପ୍ରଧାନମନ୍ତ୍ରୀଙ୍କ ୪ ଦିନିଆ ଫ୍ରାନ୍ସ-ଆମେରିକା ଗସ୍ତ

**ନୂଆଦିଲ୍ଲୀ, ୧୦।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଫ୍ରାନ୍ସ ଓ ଆମେରିକାକୁ ୪ଦିବସୀୟ ଗସ୍ତରେ ଯାଇଛନ୍ତି । ଦୁଇ ଦେଶକୁ ଯାତ୍ରା କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେ ପ୍ୟାରିସରେ ଏଆଇ ଆକ୍ସନ ସମିଟର ସହ ଅଧ୍ୟକ୍ଷତା କରିବାକୁ ଏବଂ ଆମେରିକାରେ ତାଙ୍କ ବନ୍ଧୁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟିବାକୁ ନେଇ ଉତ୍ସାହିତ ଅଛନ୍ତି ।

ପ୍ରଧାନମନ୍ତ୍ରୀ ଫ୍ରାନ୍ସ ଓ ଆମେରିକାର ଯାତ୍ରା ପୂର୍ବରୁ ନିଜ ପ୍ରସ୍ଥାନ ବକ୍ତବ୍ୟରେ କହିଛନ୍ତି ଯେ, ରାଷ୍ଟ୍ରପତି ମେକ୍ରୋଙ୍କ ନିମନ୍ତ୍ରଣ କ୍ରମେ ସେ ଫେବୃୟାରୀ ୧୦ରୁ ୧୨ ଯାଏଁ ଫ୍ରାନ୍ସ ଯାତ୍ରାରେ ରହିବେ । ସେ କହିଛନ୍ତି ଯେ, ସେ ପ୍ୟାରିସରେ ଏଆଇ ଆକ୍ସନ ସମିଟର ସହ-ଅଧ୍ୟକ୍ଷତା କରିବା ପାଇଁ ଉତ୍ସୁକ ଅଛନ୍ତି। ସେଠାରେ ବିଶ୍ୱ ନେତା ଓ ବୈଶ୍ୱିକ ଟେକ୍ନିକାଲ ସିଇଓଙ୍କ ଏକ ସଭା ହେବ, ଯେଉଁଠି ଆମେ ସମବେଶୀ, ସୁରକ୍ଷିତ ଓ ଭରସାଯୋଗ୍ୟ ପ୍ରଣାଳୀରେ ଉଦ୍ଭାବନ ଓ ବ୍ୟାପକ ସାର୍ବଜନୀନ କଲ୍ୟାଣକୁ ନେଇ ଏଆଇ ପ୍ରଯୁକ୍ତିବିଦ୍ୟା ପାଇଁ ସହଯୋଗୀ ଦୃଷ୍ଟିକୋଣରେ ବିଚାରର ଆଦାନ ପ୍ରଦାନ କରିବୁ । ସେ ଫ୍ରାନ୍ସରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିମନ୍ତ୍ରଣ କ୍ରମେ ଆମେରିକା ଗସ୍ତ କରିବେ । ସେ ତାଙ୍କ ବନ୍ଧୁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟିବାକୁ ଉତ୍ସୁକ ଥିବା କହିଛନ୍ତି ।



## ଅମିତ ଶାହାଙ୍କୁ ଭେଟିଲେ ପ୍ରଦୀପ ପୁରୋହିତ

# ଜଣାଇଲେ ଗନ୍ଧମାର୍ଦ୍ଦନକୁ ଜାତୀୟ ସମ୍ପତ୍ତି ମାନ୍ୟତା ମିଳୁ

**ବରଗଡ, ୧୦।୨**
**ନ୍ୟୁଜ୍ ବ୍ୟୁରୋ**

ବରଗଡ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ସୋମବାର ପାର୍ଲାମେଣ୍ଟ ଭବନରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ କରି ବରଗଡ଼ ଲୋକସଭା କ୍ଷେତ୍ର ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ପୀଠକୁ ପରିଦର୍ଶନରେ ଆସିବା ପାଇଁ ଆମନ୍ତ୍ରଣ କରିଥିବାର ସୂଚନା ମିଳିଛି । ମଧ୍ୟାହ୍ନ ୧୨ଟା ୪୦ ମିନିଟରେ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ପାର୍ଲାମେଣ୍ଟ ଭବନରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କୁ ବରଗଡ ଲୋକସଭା ସାଂସଦ ଶ୍ରୀ ପୁରୋହିତ ସାକ୍ଷାତ କରିବା ସହ ୨ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ିଶାର ପଶ୍ଚିମାଞ୍ଚଳର ୧୧ଟି ଜିଲ୍ଲାର ଲୋକଙ୍କ ସମ୍ବଲପୁରୀ-କୋଶଳି ଭାଷା ମାତୃଭାଷା ହୋଇଥିବା ବେଳେ ଓ ଭାଷାର ଏକ ସମୃଦ୍ଧ ସାହିତ୍ୟ ବ୍ୟାକରଣ ଥିବାରୁ ସମ୍ବଲପୁରୀ କୋଶଳି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଏବଂ ପ୍ରାକୃତିକ, ଐତିହାସିକ ପୀଠ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ସହ ଏହାକୁ ଜାତୀୟ ସମ୍ପତ୍ତିର ମାନ୍ୟତା ଦେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ସାଂସଦ ଦାବିପତ୍ର ପ୍ରଦାନ କରିଥିଲେ।



## ପ୍ରୟାଗରାଜର ସମସ୍ତ ୮ ଷ୍ଟେସନରୁ ସୁରୁଖୁରୁରେ ଚଳାଚଳ କରୁଛି ଟ୍ରେନ୍

**ନୂଆଦିଲ୍ଲୀ, ୧୦।୨**

ପ୍ରୟାଗରାଜରେ ରେଳ ଷ୍ଟେସନ ବନ୍ଦ ହେବା ଖବରକୁ ଖଣ୍ଡନ କରିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଏହାକୁ ଗୁଜବ ବୋଲି କହି ଏଥିପ୍ରତି ଧ୍ୟାନ ନ ଦେବାକୁ କହିଛନ୍ତି ମନ୍ତ୍ରୀ। ଏଥିସହ ଅଞ୍ଚଳର ସମସ୍ତ ୮ଟି ଷ୍ଟେସନରୁ ଟ୍ରେନ୍‌ଗୁଡ଼ିକ ସୁଚାରୁ ଓ ସୁବ୍ୟବସ୍ଥିତ ଭାବେ ଚଳାଚଳ କରୁଥିବା ସେ କହିଛନ୍ତି।

ରେଳ ଭବନରେ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି ଯେ, ଷ୍ଟେସନ ବନ୍ଦକୁ ନେଇ ପ୍ରଚାରିତ ଗୁଜବକୁ ଶ୍ରଦ୍ଧାଳୁମାନେ ବିଶ୍ୱାସ କରିବା ଉଚିତ ନୁହେଁ । ସେ କହିଛନ୍ତି, ପ୍ରୟାଗରାଜର ସମସ୍ତ ଆଠଟି ଷ୍ଟେସନରେ ଟ୍ରେନ ଚଳାଚଳ ସୁଚାରୁ ରୂପେ ଚାଲିଛି । ରାଜ୍ୟ ପ୍ରଶାସନ ସହ ରେଲୱେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ପଖାଳ



ଲାଇଟ୍ ଲିଭିଗଲା ଯେ ଭାଇନା
କଟିଗଲା ଯାହା ନାକ
ହିଟ୍ ମ୍ୟାନ୍ ପିଟିବା ବେଳକୁ
ଛି ଛି ଗୀତ ଯୋକ
ଆରେ ଅବିବେକୀ ନୋକ
ରାଇଜର ଛବି ମଇଳା କରିଲ
ପରିଣାମ ଏବେ ଦେଖ।

# ମହାକୁମ୍ଭ ଅସମ୍ଭାଳ ଭିଡ଼: ବୁଡ଼ ପକାଇଲେ ଏକ-ତୃତୀୟାଂଶ ଭାରତୀୟ



**ପ୍ରୟାଗରାଜ, ୧୦।୨**

ସମସ୍ତ ଆକଳନକୁ ଭୁଲ ସାବ୍ୟସ୍ତ କରିଛି ଭାରତୀୟ ମାନଙ୍କର ପ୍ରଚଣ୍ଡ ଆସ୍ଥା ଏବଂ ବିଶ୍ୱାସ । ମହାକୁମ୍ଭ ଆରମ୍ଭ ସମୟରେ ଆକଳନ କରାଯାଉଥିଲା ଯେ, ପ୍ରାୟ ୪୫ କୋଟି ଲୋକେ ତ୍ରିବେଣୀ ଘାଟରେ ବୁଡ଼ ପକାଇବାକୁ ଆସିପାରନ୍ତି । କିନ୍ତୁ ଏ ସମସ୍ତ ଆକଳନ ଭୁଲ ପ୍ରମାଣିତ ହୋଇଛି । ବର୍ତ୍ତମାନ ସୁଦ୍ଧା ପ୍ରାୟ ଏକ ତୃତୀୟାଂଶ ଭାରତୀୟ ପ୍ରୟାଗରାଜରେ ବୁଡ଼ ପକାଇ ସାରିଲେଣି।

ବୃଦ୍ଧି ପାଉଥିବା ଭିଡ଼କୁ ଦେଖି ମହାକୁମ୍ଭ ଆସୁଥିବା ଶ୍ରଦ୍ଧାଳୁ ଏବଂ ଖବରଦାତାମାନଙ୍କୁ ଉତ୍ତରପ୍ରଦେଶର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ଅନୁରୋଧ କରିଛନ୍ତି ଯେ, ସେମାନେ ସେମାନଙ୍କର ଯାତ୍ରା ଦୁଇରୁ ତିନି ଦିନ ବିଳମ୍ବରେ ଆରମ୍ଭ କରନ୍ତୁ।

ଏଭଳି ଅନୁରୋଧ ଏପରି ସମୟରେ ଆସିଛି ଯେତେବେଳେ କି ପ୍ରୟାଗରାଜରେ ଭକ୍ତମାନଙ୍କ ଅହେତୁକ ଭିଡ଼ ବଢ଼ିବାରେ ଲାଗିଛି । ମହାକୁମ୍ଭ ଆରମ୍ଭ ହେବା ଦିନରୁ ଫେବୃଆରୀ ୧୦ ତାରିଖ ସୁଦ୍ଧା ପ୍ରାୟ ୪୩.୫୭ କୋଟି ଶ୍ରଦ୍ଧାଳୁ ମହାକୁମ୍ଭରେ ବୁଡ଼ ପକାଇସାରିଲେଣି ଅର୍ଥାତ ଭାରତର ଏକ ତୃତୀୟାଂଶ ଭକ୍ତ ମହାକୁମ୍ଭରେ ବୁଡ଼ ପକାଇସାରିଲେଣି। ସମ୍ପ୍ରତି ଭକ୍ତଙ୍କ ଦ୍ରୁତ ବୃଦ୍ଧିରେ ମୌନି (ପୃଷ୍ଠା ୭ରେ)

# ବାରବାଟୀରେ ଫ୍ଲଡ ଲାଇଟ୍ ଲିଭିଯିବା ଘଟଣା
# ଓସିଏକୁ କାରଣଦର୍ଶାଅ ନୋଟିସ୍ ଜାରି କଲେ ସରକାର

**କଟକ , ୧୦।୨ : ନ୍ୟୁଜ୍ ବ୍ୟୁରୋ**

ବାରବାଟୀ ଷ୍ଟାଡିୟମରେ ଫ୍ଲଡ ଲାଇଟ୍ ବନ୍ଦ ହେବା ଘଟଣାରେ ଓସିଏକୁ ସୋ କଜ୍ ନୋଟିସ ଜାରି କରାଯାଇଛି । ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ପକ୍ଷରୁ ଏହି ନୋଟିସ୍ ଓସିଏକୁ ଜାରି କରାଯାଇଛି। ଷ୍ଟାଡିୟମର ଫ୍ଲଡ୍ ଲାଇଟ୍ ବନ୍ଦ ହୋଇଯିବା ଯୋଗୁ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। କେଉଁ କାରଣରୁ ଏଭଳି ଗୁରୁତର ତ୍ରୁଟି ଘଟିଲା ସେ ସମ୍ପର୍କରେ ଜଣାଇବା ପାଇଁ ଓସିଏକୁ ଚିଠି ଲେଖିଛନ୍ତି କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ।



କଟକର ବାରବାଟୀ ଷ୍ଟାଡିୟମରେ ରବିବାର ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଦ୍ୱିତୀୟ ଦିନିକିଆ କ୍ରିକେଟ୍ ମ୍ୟାଚ୍ ସମୟରେ, ଗୋଟିଏ ଫ୍ଲଡ୍ ଲାଇଟ୍ ବନ୍ଦ ହୋଇଯାଇଥିଲା ଏବଂ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ଏହି ଘଟଣା ଯୋଗୁଁ ପ୍ରାୟ ୩୦ ମିନିଟ୍ ପାଇଁ ମ୍ୟାଚ୍ ବନ୍ଦ ରହିଥିଲା, ଯାହା ଫଳରେ ଖେଳାଳି (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଫେବୃୟାରୀ,ମଙ୍ଗଳବାର, ୨୦୨୫





# ବ୍ରହ୍ମପୁର ସହରରେ ପୁଣି ନକଲି ପୋଲିସ ସକ୍ରିୟ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହରରେ ପୁଣି ଥରେ ନକଲି ପୋଲିସ ଡର । ଦୁର୍ବୃତ୍ତମାନେ ନିଜକୁ ପୋଲିସ ବୋଲି ପରିଚୟ ଦେଇ ଲୋକଙ୍କ ଠାରୁ ସୁନା ଲୁଟ୍ କରୁଥିବା ଦେଖିବାକୁ ମିଳୁଛି । ଏହି ନକଲି ପୋଲିସ ଦଳକୁ ଧରିବାରେ ଅସଲି ପୋଲିସ ବିଫଳ ହେଉଥିବା ବେଳେ ସହରବାସୀଙ୍କ ପାଇଁ ବିପଦ ହେଉଛି । ପ୍ରକାଶଥାଉକି, ଗତ ମାସ ୧୯ ତାରିଖରେ ଭି. ସୁସମା ରାଜୁ ନାମକ ଜଣେ ମହିଳା ବଡ଼ବଜାର ନିକଟ ମିଠା ଦୋକାନରୁ ଘରକୁ ଫେରୁଥିବା ବେଳେ ଏକ ସୁନା ଦୋକାନ ସମ୍ମୁଖରେ ଦୁଇ ଜଣ ଦୁର୍ବୃତ୍ତ ନିଜକୁ ପୋଲିସ ପରିଚୟ ଦେଇ ତାଙ୍କୁ ଅଟକାଇଥିଲେ । ଆଗରେ ପୋଲିସ ଯାଞ୍ଚ ଚାଲିଛି । ସୁନା ଅଳଙ୍କାର ପିନ୍ଧି କାହିଁକି ଯାଉଛ ବୋଲି ଦୁର୍ବୃତ୍ତମାନେ କହିଥିଲେ । ଏହାପରେ ମହିଳାଙ୍କ ଠାରୁ ସମସ୍ତ ସୁନା ମାଗି ନେଇ ଏକ କାଗଜ ପୁଡ଼ିଆରେ ବାନ୍ଧି ତା ବଦଳରେ ପ୍ଲାଷ୍ଟିକ୍ ସାମଗ୍ରୀ ଧରାଇ ଦେବା ସହ ତାଙ୍କ ଠାରୁ ୯୦ ଗ୍ରାମର ଓଜନର ସୁନା ଅଳଙ୍କାର ଲୁଟି ନେଇଥିଲେ । ଏନେଇ ମହିଳା ଜଣଙ୍କ ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । କିନ୍ତୁ ଆଜି ଯାଏଁ ସେହି ଦୁର୍ବୃତ୍ତଙ୍କୁ କାବୁ କରିବାରେ ପୋଲିସ ବିଫଳ ହୋଇଛି । ଏହା ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ବାଣପୁର ଅଞ୍ଚଳର ଜଣେ ବ୍ୟକ୍ତି ବ୍ୟବସାୟ କାମରେ ବ୍ରହ୍ମପୁର ବଡ଼ ବଜାରକୁ ଆସିଥିଲେ । ଗଣେଶ ମାର୍କେଟ୍ ଛକ ନିକଟରେ ଦୁଇ ଜଣ ଯୁବକ ତାଙ୍କ ନିକଟକୁ ଆସି ପୋଲିସ ପରିଚୟ ଦେଇ ସେ ଧରିଥିବା ବ୍ୟାଗରେ କଣ ଅଛି ବୋଲି ପଚାରି ବ୍ୟାଗ ଯାଞ୍ଚ କରିଥିଲେ । ଯାଞ୍ଚ ଆଳରେ ବ୍ୟାଗ୍‌ରେ ଥିବା ୨ ଲକ୍ଷ ଟଙ୍କା ନେଇ ଦୌଡ଼ି ପଳାଇଥିଲେ । ଘଟଣାକୁ ନେଇ ସେ ବଡ଼ବଜାର ଥାନାରେ ଦ୍ୱାରସ୍ଥ ହୋଇଥିଲେ । ସେହିପରି ଡାଇମଣ୍ଡ ଟ୍ୟାଙ୍କ ରୋଡ୍ ନିକଟରେ ଖଲାସୀ ସାହିର ମହିଳାଙ୍କ ଠାରୁ ୩ ଜଣ ଦୁର୍ବୃତ୍ତ ପୋଲିସ ପରିଚୟ ଦେଇ କୌଶଳ କ୍ରମରେ ସୁନା ଲୁଟି ନେଇଥିଲେ । ଏହାପୂର୍ବରୁ ଗଜପତିନଗର ଛକଠାରେ ପୋଲିସ ପରିଚୟ ଦେଇ ଜଣେ ବୃଦ୍ଧା ମହିଳାଙ୍କ ଠାରୁ ଦୁର୍ବୃତ୍ତମାନେ ସୁନା ଲୁଟି ନେଇଥିଲେ । ସହରରେ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ ଲୋକମାନେ ସଚେତନ ହେଉନାହାନ୍ତି କିମ୍ବା ପୋଲିସ ମଧ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହିଁ । ତେବେ ଏହି ନକଲି ପୋଲିସ କିଏ ସେମାନେ ବାହାର ରାଜ୍ୟର ନା ସ୍ଥାନୀୟ ଅଞ୍ଚଳର ତାହା ମଧ ଜଣାପଡୁ ନାହିଁ । ଦୁର୍ବୃତ୍ତମାନେ ଲୋକଙ୍କ ଠାରୁ ସୁନା ଲୁଟ୍ କରିବାକୁ ଯେଉଭଳି କୌଶଳ କରୁଛନ୍ତି ସେଥିରେ ସାଧାରଣ ଲୋକମାନେ ଫସି ଯାଉଛନ୍ତି । ବିଶେଷ କରି ପୋଲିସ ଯାଞ୍ଚ ନାଁରେ ସେମାନେ ସୁନା ଓ ଟଙ୍କା ଲୁଟ୍ କରୁଥିବାରୁ ଲୋକମାନେ ହଠାତ୍ କିଛି ଚିନ୍ତା ନକରି ନିଜର ସମସ୍ତ ଅଳଙ୍କାର ବାହାର କରି ଦେଇ ଦେଉଛନ୍ତି । ଏ ଦିଗରେ ପୋଲିସ ପକ୍ଷରୁ ପୁଣି ଥରେ ସଚେତନତା ଅଭିଯାନ ଆରମ୍ଭ କରାଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି ।

# ଶତାଧିକ ପରିବାର ୧୦ମାସରୁ ଊର୍ଦ୍ଧ୍ୱ ହେଲା ବିଦ୍ୟୁତ ସେବାରୁ ବଞ୍ଚିତ

**କେନ୍ଦୁଝର, ନ୍ୟୁଜ୍**

ଯୋଡ଼ା ବ୍ଲକ ବଳଦା ପଞ୍ଚାୟତର ସିରାଜୁଦିନ ବି ପ୍ଲଟ୍ ଅଞ୍ଚଳରେ ରହୁଥିବା ୧୫୦ଆଦିବାସୀ ଓ ଗୋପାଳ ପରିବାର ଦୀର୍ଘ ୧୦ମାସରୁ ଅଧିକ ଦିନ ହେଲା ବିଦ୍ୟୁତ ସେବାରୁ ବଞ୍ଚିତ ହୋଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇପଡୁଥିବାର ଅଭିଯୋଗ ହୋଇଛି ।



ସରକାର ଗରିବ ଅଧିବାସୀ ମାନଙ୍କୁ ଯୋଗାଇ ଦେଉଥିବା ବିଦ୍ୟୁତ ଓ ରାସନକାର୍ଡ ସ୍ୱାଭାବିକ ଜୀବନ ଧାରଣ ଲାଗି ଏକମାତ୍ର ଭରସା ହୋଇ ଥିବା ବେଳେ ଏହି ବହଳଦା ପଞ୍ଚାୟତର ସିରାଜୁଦିନ ବି ପ୍ଲଟ୍‌ର ଶତାଧିକ ଗରିବ ପରିବାର ଦୀର୍ଘ ୧୦ ମାସରୁ ଅଧିକ ଦିନ ହେଲା ବିଦ୍ୟୁତ ସେବାରୁ ବଞ୍ଚିତ ହୋଇ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁ ଥିବାର ଅଭିଯୋଗ ହୋଇଛି । ସରକାର ଯୋଗାଇ ଦେଉଥିବା ବିଦ୍ୟୁତ ସେବା ଓ ରେସନ କାର୍ଡ ଗରିବ ଲୋକମାନଙ୍କ ଜୀବନ ଧାରଣ ପାଇଁ ଏକ ମାତ୍ର ଭରସା ହୋଇ ଥିବାବେଳେ ଉକ୍ତ ଅଞ୍ଚଳର ଅଧିବାସୀ ଉକ୍ତ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଦୁଃଖ କଷ୍ଟରେ ଦିନ କାଟୁଥିବା ବେଳେ ଖଣିରୁ ନିର୍ଗତ ଧୂଳି ଧୂଆଁର ପ୍ରଭାବରୁ ଅଞ୍ଚଳବାସୀ ବିଭିନ୍ନ ରୋଗର ସମ୍ମୁଖୀନ ହୋଇ ପଡୁଛନ୍ତି । ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ ଉକ୍ତ ସରକାରୀ ସୁବିଧା ଉକ୍ତ ଅଞ୍ଚଳର ଅଧିବାସୀଙ୍କ ପାଇଁ ସ୍ୱପ୍ନ ହୋଇପଡ଼ିଛି ବୋଲି ହ୍ୱାଟ୍‌ସଅପ ଜରିଆରେ କରିଥିବା ଅଭିଯୋଗରୁ ଜଣାପଡ଼ିଛି । ଏ ସମ୍ପର୍କରେ ବିଦ୍ୟୁତ ବିଭାଗ, ଜିଲ୍ଲାପାଳ ଓ ନେତାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ ଅଦ୍ୟବଧି କୌଣସି ପ୍ରତିକାର କରାଯାଉ ନ ଥିବାରୁ ଉକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି, ଯାହାକି ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଉକ୍ତ ଅଞ୍ଚଳରେ ଦେଖାଯାଇଥିବା ସମସ୍ୟାର ସମାଧାନ କରିବାକୁ ଦୃଢ଼ ଦାବି ହୋଇଛି ।

# ଶିବାନୀ ମନ୍ଦିରର ବାର୍ଷିକୋତ୍ସବ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୂଆସାହି ସ୍ଥିତ ମା' ଶିବାନୀ ଦେବୀଙ୍କ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରଭାତରୁ ଅଙ୍କୁରାରୋପଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମାଙ୍କ ବିଭୁକୃପା ଲାଭ କରିଥିଲେ । ମୋହନ ଚରଣ ନାୟକ, ସୁକାନ୍ତି ନାୟକ କର୍ତ୍ତା ଓ କର୍ତ୍ତୀ ଭାବେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ । ପୂଜକ ଦିଲ୍ଲିପ କୁମାର ନନ୍ଦ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ । କାଉନସିଲର ଆଶୁତୋଷ ଦାସ, ଭାସ୍କର ଚନ୍ଦ୍ର ପ୍ରଧାନ,ହଂସ ଚରଣ ସାହୁ, ଯଦୁମଣୀ ଦଳେଇ, ଗିରିଧାରୀ ଦଳେଇ,ଲିଲି ପଟ୍ଟନାୟକ, ସୁପ୍ରିୟା ଦାସ, ନିକୁଞ୍ଜ ପଣ୍ଡା, ମନୋଜ ବେହେରା, ଭରତ ଜେନାଙ୍କ ସମେତ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ ।

# ଓଡ଼ିଶା ଜୀବିକା ମିଶନ ଇସି ସଂଘର ରାଲି ଓ ୪ ଦଫା ଦାବିପତ୍ର ପ୍ରଦାନ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ୨୯ଟି ପଞ୍ଚାୟତର ଓଡ଼ିଶା ଜୀବିକା ମିଶନ ଶକ୍ତି ଇସି ସଙ୍ଘର ତିର୍ତ୍ତୋଲ ବିଡିଓଙ୍କ ଜରିଆରେ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ମିଶନଶକ୍ତି ଅଧୀନ ଓଡ଼ିଶା ଜୀବିକା ମିଶନର ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘରେ ଇସି ସଦସ୍ୟାଙ୍କ ପୁନର୍ଗଠନ ପ୍ରକ୍ରିୟାକୁ ପ୍ରତ୍ୟାହାର କରିବା ସହିତ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଗ୍ରାମପଞ୍ଚାୟତ ଲେଭୁଲ ଫେଡ଼ରେସନ ଇସି ସ୍ତରରେ ପୁନର୍ଗଠନ ପାଇଁ ନିର୍ଦ୍ଦେଶନାମା ଓ ନୂଆ ଗାଇଡ୍ ଲାଇନ୍‌କୁ ପ୍ରତ୍ୟାହାର କରାଯାଉ, ମିଶନ ଶକ୍ତି ଅଧିନସ୍ଥ ଓଡ଼ିଶା ଜୀବିକା ମିଶନର ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ ଇସି କାର୍ଯ୍ୟରତ ମହିଳା ଇସି ସଦସ୍ୟାଙ୍କ କାର୍ଯ୍ୟକାଳର ସମୟସୀମା ବୃଦ୍ଧି କରାଯାଉ, ମିଶନ ଶକ୍ତି ବିଭାଗର ସ୍କୁଟି ଋଣ ଯୋଜନାର ସର୍ତ୍ତାବଳି ଅନୁଯାୟୀ ୪୮ଟି କିସ୍ତି ମଧ୍ୟରୁ ୧୨ଟି କିସ୍ତି ଦେୟ ହୋଇଥିବାବେଳେ ବାକି କିସ୍ତିଗୁଡିକ ସମ୍ପର୍କରେ ସରକାର ବିଚାର କରନ୍ତୁ, ମିଶନ ଶକ୍ତି ଅଧିନସ୍ଥ ଇସି କର୍ମୀମାନଙ୍କର ସାମାଜିକ ନିରାପତ୍ତା ଓ କାର୍ଯ୍ୟକାଳ ସମୟରେ ଦୁର୍ଘଟଣା ଜନିତ ବୀମା ଯୋଜନା ପ୍ରଦାନ କରାଯାଉ । ଇସି ସଙ୍ଘ ବ୍ଲକ ସଭାନେତ୍ରୀ ଶିବାନୀ ବାରିକ, କୋଷାଧ୍ୟକ୍ଷ କବିତା ମିଶ୍ର, ବିଏଲେଫ ସଭାନେତ୍ରୀ ସବିତା ରାଉତ, ସମ୍ପାଦକ ତୃପ୍ତି ମୟୀ ମହାନ୍ତି, ଝୁନିବାଳା ଦାସ, ପ୍ରଭାତି ମଲ୍ଲିକ, ନମିତା ଦାସ, ସରୋଜିନୀ ଦାସଙ୍କ ନେତୃତ୍ୱରେ ୫୦୦ ରୁ ଉର୍ଦ୍ଧ ଇସି ସଭ୍ୟମାନେ କଟକ ପାରାଦ୍ୱୀପ ରାସ୍ତା ବ୍ଲକ ଛକଠାରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଅନୁପସ୍ଥିତରେ ବ୍ଲକର ବଡ଼ବାବୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଆମ୍ଭମାନଙ୍କର ଦାବି ପୂରଣ ନହେଲେ ଆଗାମୀ ଦିନରେ ଭୁବନେଶ୍ୱର ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଥିଲେ ।

## ଶ୍ୟାମସୁନ୍ଦରଜୀଉ ନାଟ୍ୟ ପରିଷଦର ନାଟକ ଉତ୍ସବ ଉଦ୍‌ଘାଟିତ

# 'ଅବକ୍ଷୟମୁଖୀ ସମାଜକୁ ନାଟକ ଉପଯୁକ୍ତ ମାର୍ଗଦର୍ଶନ ଦେଇଥାଏ'



**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମର ସରସ୍ୱତୀ ପୂଜା କମିଟି ଆନୁକୂଲ୍ୟରେ ଶ୍ୟାମସୁନ୍ଦର ଜୀଉ ନାଟ୍ୟ ପରିଷଦର ନାଟକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଦ୍ୱିଦିବସୀୟ ଏହି ନାଟକ ଉତ୍ସବକୁ ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅଜିତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ ଭରତ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଓ ହରିଶଙ୍କର ମହାବିଦ୍ୟାଳୟର ଅଧକ୍ଷ ବଳଭଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ନାଟକ ମନୋରଞ୍ଜନ ପାଇଁ ନୁହେଁ ଏଥିରେ ସାମାଜିକ ବାର୍ତ୍ତା ରହିଥାଏ । ଆଜିର ସମାଜରେ ନୈତିକତା ଓ ଆଦର୍ଶ କମି ଯାଉଥିବା ବେଳେ ଆମେ ନାଟକରୁ ଏହା ଶିକ୍ଷା ଲାଭ କରିବା ଉଚିତ ବୋଲି ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ୧୯୬୧ରେ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଉଦ୍ୟମରେ ପ୍ରଥମେ ଏହି ଗ୍ରାମରେ ନାଟକ ମଞ୍ଚସ୍ଥ ହୋଇଥିବା ବେଳେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଟକୃଷ୍ଣ ବେହେରା, ପ୍ରଭାତ ବଳ, ଗୋବିନ୍ଦ ପଣ୍ଡା ଓ ନିତେଶ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାପରେ ସାମାଜିକ ନାଟକ 'କାନ୍ଦେନା ଲୁହ ସରିଯିବ ନାଟକ' ମଞ୍ଚସ୍ଥ ହୋଇଥିଲା । ଶହ ଶହ ମହିଳା ପୁରୁଷ ଦର୍ଶକ ଉପସ୍ଥିତ ରହି ନାଟକକୁ ଉପଭୋଗ କରିଥିଲେ । ସରସ୍ୱତୀ ପୂଜା କମିଟିର ଦେବଦତ୍ତ ପଣ୍ଡା, ସୁଧାଂଶୁ ଜେନା, ବିବେକାନନ୍ଦ ଦାସ, ସବ୍ୟସାଚୀ ପଣ୍ଡା, ଶୁଭ୍ରଜିତ ପଣ୍ଡା, ନରେଶ ବେହେରା, ପ୍ରଦ୍ୟୁମ୍ନ ପଣ୍ଡା, ମାଗୁଣି ବେହେରା ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ । ଯୁବ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ସୃଜନଶୀଳତା ହିଁ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଜୀବନ ଗଠନର ମୂଳଭିତ୍ତି'

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସୃଜନଶୀଳତା ପ୍ରୋତ୍ସାହନ ହିଁ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଜୀବନ ଗଠନର ମୂଳଭିତ୍ତି ସାମାଜିକ ସାଂସ୍କୃତିକ ଐତିହାସିକ ପୀଠ ସ୍ଥଳୀ ରୂପେ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ମାନ୍ୟତା ପ୍ରାପ୍ତ ବିକ୍ରମ ପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ବବିତା କୁମାରୀ ଦାଶ ସର୍ବପ୍ରଥମେ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରିତ କରିଥିଲା ବେଳେ ପରମ ବନ୍ଦନୀୟା ମା'ଙ୍କ ଉଦ୍ଦେଶ୍ୟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଦୀପ ମନ୍ତ୍ର, ଶ୍ଳୋକ, ବନ୍ଦନା ଆଦି ପାରମ୍ପରିକ କାର୍ଯ୍ୟ ପରେ ଅତିଥିମାନଙ୍କୁ ଉତ୍ତରୀୟ ସହିତ ସମ୍ବର୍ଦ୍ଧନା କରାଯାଇ ଥିଲା । ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନକରିବା ପରେ ବିଦ୍ୟାମନ୍ଦିରର ବାର୍ଷିକ ବିବରଣୀ ପଠନ କରିଥିଲେ । ସମିତା ନାୟକ ଗୁରୁମା ଅମୃତ ବଚନ ପାଠ କରିଥିଲେ । ଆୟୋଜିତ ଉତ୍ସବରେ କନକା କ୍ଲଷ୍ଟରର ସିଆରସିସି ତଥା ଯୁବ ସାହିତ୍ୟିକ ଡକ୍ଟର ଦ୍ୱାରିକାନାଥ ମହାରଣା ମୁଖ୍ୟ ଅତିଥି, ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ରଜନୀକାନ୍ତ ମହାପାତ୍ର ମୁଖ୍ୟ ବକ୍ତା, କେଶପୁର



କ୍ଲଷ୍ଟରର ସିଆରସିସି ପବନା ସ୍ୱାଇଁ ସମ୍ମାନୀତ ଅତିଥି, ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି ସ୍ୱତନ୍ତ୍ର ଅତିଥି ପ୍ରମୁଖ ଯୋଗଦେଇ ମଣିଷ ତିଆରି କାରଖାନା ଗଠନର ଅସଲ ଲକ୍ଷ୍ୟ, କୋମଳ ମତି ଶିଶୁଙ୍କ ସୃଜନଶୀଳତା ପ୍ରତି ଗୁରୁତ୍ୱ, ସଂସ୍କାରମୂଳକ ଶିକ୍ଷା, ରାଷ୍ଟ୍ର ନିର୍ମାଣରେ ଶିଶୁଙ୍କ ମଧ୍ୟରେ ରାଷ୍ଟ୍ରୀୟ ଭାବନା ସୃଷ୍ଟି, ଆଦର ପ୍ରୋତ୍ସାହନ ବଳରେ ଶିକ୍ଷାର୍ଥୀଙ୍କ ଭବିଷ୍ୟତ କିଭଳି ଉଜ୍ଜ୍ୱଳ ହୋଇଥାଏ । ତତ୍ ସମ୍ପର୍କିତ ସାରସ୍ୱତ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଡକ୍ଟର ମହାରଣା ଅନୁଷ୍ଠାନର ଶିକ୍ଷାର୍ଥୀଙ୍କ ଗଳ୍ପ, କବିତା, ଚିତ୍ରକଳା, ଗଣିତ ମଜା, ନୀତିକଥା ଆଦିରେ ପରିପୁଷ୍ଟ ଚଳିତ ବର୍ଷର ମୁଖପତ୍ର ହାତୀ ପଥରକୁ ଉନ୍ମୋଚନ କରି ସେମାନଙ୍କ କଞ୍ଚା ହାତର ଶିଳ୍ପକଳା କିଭଳି ଆଗାମୀ ଦିନରେ ଅଧିକରୁ ଅଧିକ ସୃଜନାତ୍ମକ ସୃଷ୍ଟି ପାଇଁ ପ୍ରଭାବିତ କରିବ ବୋଲି ଅଭିହିତ କରିଥିଲେ । ଅନୁଷ୍ଠାନର ସଭାପତି ଭଗବାନ ପ୍ରଧାନ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । କେଶପୁର କ୍ଲଷ୍ଟରର ସିଆରସିସି ପବନା ସ୍ୱାଇଁଙ୍କୁ ସଭାପତି ମାନପତ୍ର ସହିତ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ଭିତରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର, ସିଲ୍ ଦେଇ ସମ୍ମାନୀତ କରିଥିଲେ । ସନ୍ଧ୍ୟାରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ନାଚ, ଗୀତ, ଅଭିନୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଉତ୍ସବରେ ଅନୁଷ୍ଠାନର ଗୁରୁମା ରଞ୍ଜୁକତା ପ୍ରଧାନ, ଜାନକୀ ମିଶ୍ର, ପୁଷ୍ପିତା ପରିଡ଼ା, ରିଙ୍କି ସେଠୀ, ବିଷ୍ଣୁ ବେହେରା, ବିନତି ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଅନୁଷ୍ଠାନର କୋଷାଧ୍ୟକ୍ଷ ମନ୍ମଥ କୁମାର ପଣ୍ଡାଙ୍କ ସମେତ ପଠନରତ ଛାତ୍ର ଛାତ୍ରୀଙ୍କ ଅଭିଭାବକ ଅଭିଭାବିକା, ଶିକ୍ଷାବିତ୍ ବୁଦ୍ଧିଜୀବୀ ଅଞ୍ଚଳବାସୀ ଉତ୍ସାହୀ ଯୁବ ଗୋଷ୍ଠୀ ଉପସ୍ଥିତ ଥିଲେ ।

# କ୍ଲଷ୍ଟର ସ୍ତରୀୟ ଅବସର କାଳୀନ ସମ୍ବର୍ଦ୍ଧନା ସଭା

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ତିର୍ତ୍ତୋଲ ବ୍ଲକ ଶିକ୍ଷା ଅନ୍ତର୍ଗତ କୋଲଟା ସରକାରୀ ପ୍ରାଇମେରୀ ବିଦ୍ୟାଳୟ ପରିସରରେ ବାଲ୍ଲିବିହାରୀ କ୍ଲଷ୍ଟର ସ୍ତରୀୟ ଅବସର କାଳୀନ ସମ୍ବର୍ଦ୍ଧନା ସଭା ସିଆରସିସି ପ୍ରଣବ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବାୟାଅବଧୂତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ରଂଜିତା ସିଂହ, ସମ୍ମାନିତ ଅତିଥିଭାବେ ସରପଞ୍ଚ ରାଜଶ୍ରୀ ମହାପାତ୍ର, କନିମୁଳ ସମିତି ସଭ୍ୟ ବସନ୍ତ କୁମାର ମହାପାତ୍ର, ପୂର୍ବତନ ସମିତି ସଭ୍ୟ ଅମୂଲ୍ୟ ମହାପାତ୍ର, ମୁରବି ନାରାୟଣ ବେହେରା, ଶିକ୍ଷକ ପ୍ରଶାନ୍ତ ସ୍ୱାଇଁ, ତିର୍ତ୍ତୋଲ ସିଆରସିସି ଦୀପକ କୁମାର ମହାନ୍ତି, କୋଲଟା ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ, ମୋହନ ଟୁଡୁ, ନିମ୍ନ ପ୍ରାଥମିକ ଶିକ୍ଷକ ସଙ୍ଘ ସମ୍ପାଦକ ଗୌରାଙ୍ଗ ଚରଣ ଦାଶ, ବଲ୍ଲିବିହାରୀ ସରକାରୀ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କ ବେଦ ମନ୍ତ୍ର ପାଠରେ ଅତିଥିମାନେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ କୁନି କୁନି ପିଲାମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇ ଥିଲା । ଅତୀଥିମାନଙ୍କ ଦ୍ୱାରା ବିଦାୟୀ ଶିକ୍ଷକ ସୁରଥ କୁମାର ମଲ୍ଲ, ମହମ୍ମଦ ସଲ୍ଲାହା ଉଦ୍ଦିନ, ଶିକ୍ଷୟିତ୍ରୀ କାନନ ବାଳା ଦାସ, ମିନୁ କୁମାରୀ ବେହେରା, ବନଲତା ଦାସ ପ୍ରମୁଖଙ୍କୁ ପୁଷ୍ପମାଲ୍ୟ, ମାନପତ୍ର, ଅଙ୍ଗବସ୍ତ୍ର ସହିତ ବିଭିନ୍ନ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# 'ଛାତ୍ରଛାତ୍ରୀମାନେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ସହ ଦେଶ ପାଇଁ କାମ କରନ୍ତୁ'

**କେନ୍ଦୁଝର, ନ୍ୟୁଜ୍**

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ନୀରିକ୍ଷକ ସଞ୍ଜୟ କୁମାର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ପାଠ ପଢ଼ାରେ ମନୋନିବେଶ କରି ନିଜକୁ ସମାଜରେ ପ୍ରତିଷ୍ଠା କରିବା ସହ ଦେଶ ପାଇଁ କାମ କରିବାକୁ କହିଥିଲେ । ଏହି ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି । ତେଣୁ ବର୍ତ୍ତମାନର ଛାତ୍ରଛାତ୍ରୀମାନେ କର୍ତ୍ତବ୍ୟନିଷ୍ଠ ହୋଇ ପାଠ ପଢ଼ିଲେ ଭଲ ମଣିଷ ହୋଇପାରିବେ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ମୁଖ୍ୟାଳୟର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତ ସିଂହାର ଉତ୍ତମ ଛାତ୍ର ଗଠନରେ ଏକ ଆଦର୍ଶ ବିଦ୍ୟାଳୟ ଶ୍ରେଷ୍ଠ କାରଖାନା ବୋଲି



ବକ୍ତବ୍ୟ ମାଧ୍ୟମରେ କହିଥିଲେ । ସମ୍ମାନିତ ଅତିଥି ଭାବେ କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ଆଇଚ, ଶୁଆକାଟୀ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ଦାସ, ଶୁଆକାଟୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ସାମଲ, ଗୋନାସିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୀର୍ଥାନନ୍ଦ ସେଠୀ, ବାଂଶପାଳ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅନୁରାଗ ବରାଳ ଓ ବାଂଶପାଳ ବ୍ଲକର ଆଶ୍ୱାୟାର ଶିକ୍ଷଣ ସଂଯୋଜକ ଦେବାଙ୍ଗ ବିଭାର ପ୍ରମୁଖ ଯୋଗ ଦେଇ କଠିନ ପରିଶ୍ରମ ହିଁ ସଫଳତାର ଋବି କାଠି ତଥା ପିତାମାତାଙ୍କ ଭକ୍ତି, ମାତୃଭୂମି ଓ ମାତୃଭାଷା ପ୍ରତି ଆଦର ଦ୍ୱାରା ଜଣେ ସୁନାଗରିକ ହୋଇପାରିବ ବୋଲି ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଦେଶର ସ୍ୱର୍ଣ୍ଣାଭ ଭବିଷ୍ୟତ ଭାବେ ଅଭିହିତ କରି ପାଠପଢ଼ା ସମୟରେ ଗଭୀର ଅଧ୍ୟବସାୟ, ନିଷ୍ଠା ଓ ପ୍ରଚେଷ୍ଟା ଜାରି ରଖିଲେ ଛାତ୍ରୀମାନେ ଭବିଷ୍ୟତରେ ସଫଳ ମଣିଷ ହୋଇପାରିବେ ଅତିଥିମାନେ କହିଥିଲେ । ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକାଶ ଶତପଥି ବାର୍ଷିକ ବିବରଣୀ ପାଠ ଏବଂ ଶିକ୍ଷୟିତ୍ରୀ ସବିତା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ପୁରସ୍କାର ବିତରଣ କରାଯାଇଥିଲା । ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପ୍ରାରମ୍ଭରେ ଅତିଥି ମାନଙ୍କୁ ଛାତ୍ରଛାତ୍ରୀମାନେ ଆଦିବାସୀ ନୃତ୍ୟ ସହ ସ୍ୱାଗତ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ସୁଜାତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ସଫଳ ପରିଚାଳନାରେ ଶିକ୍ଷକ ଶ୍ରୀକାନ୍ତ ବିଶ୍ୱାଳ, ଶକ୍ତିରଞ୍ଜନ ଜେନା, ଶୁଆକାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ନୃତ୍ୟ ଶିକ୍ଷୟିତ୍ରୀ ସୁନିତା ପଟ୍ଟନାୟକ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଜଗତସିଂହପୁର ପଞ୍ଜାବ ନ୍ୟାସ୍‌ନାଲ ବ୍ୟାଙ୍କରେ ଅଗ୍ନିକାଣ୍ଡ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ସହର ସ୍ଥିତ ଦୁର୍ଗା ବଜାରରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡର ସର୍ଟ ସର୍କିଟ କାରଣରୁ ହୋଇଥିବା ସନ୍ଦେହ କରାଯାଉଛି । ଏହି ଅଗ୍ନିକାଣ୍ଡରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, କମ୍ପ୍ୟୁଟର, ପ୍ରିଣ୍ଟର, ଆଲାରାମ, ସିସି ଟିଭି, ଏସି ସମେତ ବ୍ୟାଙ୍କରେ ଲାଗିଥିବା ୱାରିଙ୍ଗ ପୋଡ଼ି ପାଉଁଶ ହୋଇଯାଇଛି । ସକାଳ ୭.୪୫ ମିନିଟ୍‌ରେ ବ୍ୟାଙ୍କ କର୍ମଚାରୀ ଧୂଆଁ ବାହାରୁଥିବା ଦେଖି ଘର ମାଲିକକୁ ଜଣାଇବା ସହିତ ଜଗତସିଂହପୁର ଅଗ୍ନିଶମ ବାହିନୀକୁ ଖବର କରିଥିଲେ । ଖବର ପାଇ ଦୁଇଟି ଅଗ୍ନିଶମ ଗାଡ଼ି ନିଆଁକୁ ଆୟତ୍ତକୁ ଆଣିବା ପାଇଁ ଚେଷ୍ଟା କରିଥିଲେ । ନିଆଁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀକୁ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା । ସଟର ଓ ଗ୍ରିଲକୁ ଭାଙ୍ଗି ନିଆଁକୁ ଆୟତ୍ତ କରିବାକୁ ପଡ଼ିଥିଲା । ଦୀର୍ଘ ଦୁଇ ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲା ଅଗ୍ନିଶମ ବିଭାଗ । ଏହି ଅଗ୍ନିକାଣ୍ଡ ଘଟଣାକୁ ବ୍ୟାଙ୍କ ଶାଖା ପକ୍ଷରୁ ଜଗତସିଂହପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା ।




# ବାରକୋଶ ମହୋତ୍ସବ : ଆଦିବାସୀ ନୃତ୍ୟ ସଂଗୀତରେ ମଞ୍ଚ ଦୁଲୁକିଲା

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ସ୍ଥିତ ବିରୁପାକ୍ଷ ମନ୍ଦିର ପ୍ରାଙ୍ଗଣରେ ବାରକୋଶ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ବାରକୋଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବାଲିଗୁଡ଼ାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କନ୍ଧମାଳ କଳା ବିକାଶ କେନ୍ଦ୍ରର କଳାକାରଙ୍କ ପ୍ରସ୍ତୁତି 'ବାଦୁ ବାଦୁଲା ରାଧା କୁଞ୍ଜବନ ତାନି ସାନା' ଓ ପାରମ୍ପରିକ ଆଦିବାସୀ ନୃତ୍ୟ ସଂଗୀତରେ ଝୁମିଲେ ଦର୍ଶକ । କନ୍ଧମାଳର ସଂସ୍କୃତି, ପରମ୍ପରା, ସାମାଜିକ ଚଳଣି ଉପରେ ପର୍ଯ୍ୟବେଶିତ ଏହି ନୃତ୍ୟ ଗୀତରେ ଉପସ୍ଥିତ ଦର୍ଶକ ବିଭୋର ହୋଇଥିଲେ । ଅନୁଷ୍ଠାନର ସମ୍ପାଦକ ତଥା ଯୁବ ନାଟ୍ୟକାର ପ୍ରମୋଦ ଦଣ୍ଡସେନାଙ୍କ ନେତୃତ୍ୱରେ ଛବିଶ ଜଣିଆ ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିଥିଲେ । କନ୍ଧମାଳର ଲୋକପ୍ରିୟ



କଣ୍ଠ ଶିଳ୍ପୀ ଚରଣ ବିନ୍ଧାଣୀଙ୍କ ଲୋକପ୍ରିୟ କୁଇ ଗୀତ 'ବାଦୁବାଦୁଲା ରାଧା କୁଞ୍ଜ ବନ ତାନି ସାନା' ଗୀତ ଓ ନୃତ୍ୟରେ ମଞ୍ଚ ଦୁଲୁକିଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବାରକୋଶ ମହୋତ୍ସବର ସଭାପତି ତଥା ଫୁଲବାଣୀ ବିଧାୟକ ଅଧ୍ୟକ୍ଷତା କରି ଥିଲେ । ମୁଖ୍ୟ ଅତିଥିଭାବେ କବିସୂର୍ଯ୍ୟ ନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଘୁ. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ଜିଲ୍ଲା ବିଜେପି ସଭାପତି ଜଗନ୍ନାଥ ସାହୁ, ବାଲିଗୁଡା, ଏନଏସି ସାଂସଦଙ୍କ ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, କ. ନୂଆଗାଁ ବ୍ଲକ ସାଂସଦଙ୍କ ପ୍ରତିନିଧି ପଣ୍ଡିତ ବିଶି ମାଝି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ବାରକୋଶ ମହୋତ୍ସବର କାର୍ଯ୍ୟକାରୀ ସଭାପତି ବିଡ଼ିଓ ହୃଦୟ ରଞ୍ଜନ ସାହୁ, ସମ୍ପାଦକ ଦେବାଶିଷ ପ୍ରିୟ ରଞ୍ଜନ ସାହୁ, ଶିବ ସାହୁ, କୋଷାଧ୍ୟକ୍ଷ ପିଙ୍କୁ ନନ୍ଦ, ପରିଚାଳନା କରିଥିବା ବେଳେ ଶିକ୍ଷକ ବଳରାମ ମହାପାତ୍ର ଓ ନିରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ ।

# ବଦଳିବ ଗଳଗଳି ଶଙ୍ଖର ରୂପରେଖ : ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ଅନ୍ତର୍ଗତ ଗଳଗଳି ଶଙ୍ଖ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମ କ୍ରମେ ଭୁବନେଶ୍ୱର ସ୍ଥାପତ୍ୟ କଳା କାର୍ଯ୍ୟାଳୟର ସ୍ଥପତି ମନୋରଞ୍ଜନ ରଥ, ସ୍ଥପତି ପ୍ରତୀକ ରଥଙ୍କ ସହିତ ସ୍ଥାନୀୟ ବ୍ଲକ ପ୍ରଶାସନର ଅଧିକାରୀ ଗଳଗଳି ଶଙ୍ଖ ପରିଦର୍ଶନ କରିଛନ୍ତି । ଗଳଗଳି ଶଙ୍ଖଠାରେ ଥିବା ସତରନଳା ପୋଲର ପୁନରୁଦ୍ଧାର କାର୍ଯ୍ୟ କରାଯିବା ସହିତ ଏହାର ପାରିପାର୍ଶ୍ୱିକ ଉନ୍ନତି ତଥା ସୌନ୍ଦର୍ଯ୍ୟକରଣ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଗସ୍ତ ସମୟରେ ଏହି ଦୁଇ ଅଧିକାରୀ ପ୍ରକାଶ କରିଛନ୍ତି । ଧର୍ମଶାଳାର ଅତିରିକ୍ତ ତହସିଲଦାର ଗଗନ ଦାଶ, ଧର୍ମଶାଳା ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଲିଙ୍ଗରାଜ ପଣ୍ଡା, କନିଷ୍ଠ ଯନ୍ତ୍ରୀ ପ୍ରତୀମୟୀ ସାମଲ, ନେଉଳପୁର



ଆର୍‌ଆଇ ଜଗବନ୍ଧୁ ଜେନା ଏହି ଗସ୍ତରେ ସାମିଲ ହୋଇଥିଲେ । ପ୍ରଶାସନିକ ଅଧିକାରୀ ଏହି ଗଳଗଳି ପୀଠର ଉନ୍ନୟନ କାର୍ଯ୍ୟ ନେଇ ଶଙ୍ଖ ଗ୍ରାମବାସୀ ତଥା ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କର ମତାମତ ନେଇଥିଲେ । ଏଠାରେ ଏକ ଶିଶୁ ଉଦ୍ୟାନ, ପିକ୍‌ନିକ ପିଣ୍ଡି ଏବଂ ଶୌଚାଳୟ ନିର୍ମାଣ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଥିଲା । ଏହି ଆଲୋଚନା ବେଳେ ବିଧାୟକ ପ୍ରତିନିଧି ଅଭିଷେକ ରାଉତ, ପ୍ରାଧାପକ ବଳଭଦ୍ର ଦାଶ, ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, ଶଙ୍ଖ ଗ୍ରାମର ବିବେକାନନ୍ଦ ଦାସ, ପ୍ରଶାନ୍ତ ଜେନାଙ୍କ ସହିତ ଗ୍ରାମବାସୀ ତଥା ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ଦୁଇଦିନ ପୂର୍ବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗଦେବାକୁ ଆସିଥିବାବେଳେ ଏହି ପୀଠର ବିକାଶ ପାଇଁ ଖୁବ୍ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରଶାସନିକ ଅଧିକାରୀଙ୍କ ଗସ୍ତପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଫେବୃୟାରୀ ୨୦୨୫ ମଙ୍ଗଳବାର





# ଏମ୍‌କେସିଜିରେ ବର୍ଜ୍ୟବସ୍ତୁ ପରିଚାଳନା ଅବହେଳାରୁ ଘରୋଇ ସଂସ୍ଥାକୁ ଗଣିବେ ମାସକୁ ୧୧ ଲକ୍ଷ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଛୋଟିଆ ଡ୍ରେନ୍ ଓ ଚଟାଣ ଭଳି ସାମାନ୍ୟ ଭିତ୍ତିଭୂମି ଅଭାବରୁ ଏମ୍‌କେସିଜି ମେଡ଼ିକାଲ୍‌ର ଜୈବ ବର୍ଜ୍ୟବସ୍ତୁ ପରିଚାଳନା ଦାୟିତ୍ୱ ଏକ ଘରୋଇ ସଂସ୍ଥା ହାତକୁ ଯାଇଛି । ଅନିର୍ଦ୍ଦିଷ୍ଟ କାଳ ପାଇଁ ମେଡ଼ିଏଡ୍ ମାର୍କେଟିଂ ସର୍ଭିସେସ୍ ନାମକ ଏକ ଘରୋଇ ସଂସ୍ଥା ମାସିକ ୧୧ ଲକ୍ଷରୁ ଅଧିକ ଟଙ୍କା ନେବ ବୋଲି ଜଣାପଡ଼ିଛି । ବର୍ଜ୍ୟ ପରିଚାଳନା ପାଇଁ ଏମ୍‌କେସିଜି ପରିସରରେ କୋଟି କୋଟି ଟଙ୍କାର ଭିତ୍ତିଭୂମି ନିର୍ମାଣ କରାଯାଇଥିଲେ ମଧ୍ୟ ଏଭଳି ପରିସ୍ଥିତି କାହିଁକି ଉପୁଜିଲା ଏବଂ ଏଥିରେ କାହାର ଅବହେଳା ରହିଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ । ପ୍ରକାଶଥାଉକି, ଏମ୍‌କେସିଜି ମେଡ଼ିକାଲ୍‌ରେ ଥିବା ବିଭିନ୍ନ ବିଭାଗର ଆଉଟ୍‌ଡ୍ରୋର୍, ଇନ୍‌ଡ୍ରୋର୍, ଅସ୍ତ୍ରୋପଚାର କକ୍ଷ ସମେତ ଅନ୍ୟାନ୍ୟ ସ୍ଥାନରୁ ଦୈନିକ ୧୦୦ରୁ ୧୫୦ କେଜି ରକ୍ତଭିଜା ତୁଳା, ସିରିଞ୍ଜ୍, ସାଲାଇନ୍ ବୋତଲ, ମନୁଷ୍ୟ ଅଙ୍ଗପ୍ରତ୍ୟଙ୍ଗ ବାହାରୁଛି । ଏହି ଜୈବ ବର୍ଜ୍ୟବସ୍ତୁକୁ ପୋଡ଼ି ନଷ୍ଟ କରିବା ତଥା ପୁନଃ ପ୍ରକ୍ରିୟାକରଣ କରିବା ପାଇଁ ଏମ୍‌କେସିଜିରେ ବହୁ ବର୍ଷ ହେଲା ଜୈବ ବର୍ଜ୍ୟବସ୍ତୁ ପରିଚାଳନା କାରଖାନା ରହିଥିଲା । କାରଖାନାଟି ଲାଇଫ୍‌ଲାଇନ୍ ନାମକ ଏକ ଘରୋଇ ସଂସ୍ଥା ଦ୍ୱାରା ବହୁ ବର୍ଷ ହେବ ପରିଚାଳିତ ହେଉଥିଲା । ହେଲେ ସେହି କାରଖାନାରେ ଥିବା ଇନ୍‌ସିନେରେଟରଟି ପୁରୁଣା ହୋଇଯିବା ସହ କାରଖାନାରୁ ମାତ୍ରାଧିକ କଳା ଧୂଆଁ ବାହାରୁଥିବାରୁ ଏମ୍‌କେସିଜି ପରିସରରେ ଏକ ନୂତନ କାରଖାନା ସ୍ଥାପନ ପାଇଁ ଯୋଜନା ହୋଇଥିଲା । ପୁରୁଣା କାରଖାନା ନିକଟରେ ହିଁ ଏକ ନୂତନ କାରଖାନା ସ୍ଥାପନ କରାଯାଇଥିଲା । ହେଲେ ନୂତନ କାରଖାନା ପରିଚାଳନା ପୂର୍ବରୁ ରାଜ୍ୟ ପ୍ରଦୂଷଣ ବୋର୍ଡ଼ ପକ୍ଷରୁ ପରିଚାଳନାଗତ ଅନୁମତି ଲୋଡ଼ା ଯାଇଥିଲା । ହେଲେ ନୂତନ କାରଖାନାର ଏକାଧିକ ଭିତ୍ତିଭୂମି ଅଭାବ ରହିଥିବା ପ୍ରଦୂଷଣ ବୋର୍ଡ଼ ପକ୍ଷରୁ ଦର୍ଶାଯିବା ସହ ସେଗୁଡ଼ିକ ତୁରନ୍ତ ପୂରଣ କରିବାକୁ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା । ନୂତନ ପ୍ଲାଣ୍ଟ ସମ୍ମୁଖରେ ଚଟାଣ ନିର୍ମାଣ ଏବଂ ଏକ ଛୋଟ ଡ୍ରେନ୍ ନିର୍ମାଣ କରି ଏଥିରୁ ବାହାରୁଥିବା ଜଳକୁ ନିକଟରେ ଥିବା ଇଟିପି ସହ ସଂଯୋଗ କରିବାକୁ କୁହାଯାଇଥିଲା । ସେହିପରି ଜନସାଧାରଣଙ୍କ ଅବଗତି ନିମନ୍ତେ ଅନ୍‌ଲାଇନ୍‌ରେ ତଥା ଡିସ୍‌ପ୍ଲେ ବୋର୍ଡ଼ ଜରିଆରେ ଆନାଲାଇଜର ତଥ୍ୟ ଉପଲବ୍ଧ କରିବାକୁ କୁହାଯାଇଥିଲା । ହେଲେ ଏହି ଛୋଟ ଛୋଟ ଭିତ୍ତିଭୂମି ଉପଲବ୍ଧ କରାଇବାରେ ଏମ୍‌କେସିଜି କର୍ତ୍ତୃପକ୍ଷ ଅହେତୁକ ଅବହେଳା ପ୍ରଦର୍ଶନ କରିଥିଲେ । ଏଭଳି ସ୍ଥିତିରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଏକ ଟିମ୍ ଏମ୍‌କେସିଜିର ଉପରୋକ୍ତ କାରଖାନାଗୁଡ଼ିକ ପରିଦର୍ଶନ କରି ନୂତନ ପ୍ଲାଣ୍ଟର ଭିତ୍ତିଭୂମି ନିର୍ମାଣ ସମ୍ପୂର୍ଣ୍ଣ ନହେବା ଯାଏଁ ବାହାରର ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି କ୍ରମରେ ଏମ୍‌କେସିଜି କର୍ତ୍ତୃପକ୍ଷ ଏବଂ ମେଡ଼ିଏଡ୍ ସଂସ୍ଥା ମଧ୍ୟରେ ଚୁକ୍ତି ହୋଇଥିଲା । ଚୁକ୍ତି ମୁତାବକ ମେଡ଼ିଏଡ୍ ସଂସ୍ଥା ଦୈନିକ ଏମ୍‌କେସିଜିର ପ୍ରତି ଶଯ୍ୟା ପିଛା ୨୨ ଟଙ୍କା ଏବଂ ଅଲଗା ଭାବେ ପରିବହନ ଖର୍ଚ୍ଚ ନେବ । ଏମ୍‌କେସିଜିରେ ପାଖାପାଖି ୧୬୦୦ ଶଯ୍ୟା ରହିଥିବା ବେଳେ ଏହି ସଂସ୍ଥା ଦୈନିକ ୩୫ ହଜାର ଟଙ୍କାରୁ ଅଧିକ ହିସାବରେ ମାସିକ ୧୧ ଲକ୍ଷ ନେବ । ଯାହା ସରକାରୀ ତହବିଲରୁ ଭରଣା କରାଯିବ । ଏମ୍‌କେସିଜିର ନିଜସ୍ୱ କାରଖାନା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଘରୋଇ ସଂସ୍ଥାକୁ ଅଯଥାରେ ଟଙ୍କା ପ୍ରଦାନ କରାଯିବ ବୋଲି ସାଧାରଣରେ ଅଭିଯୋଗ ହୋଇଛି । ପ୍ରକାଶଥାଉକି, ବର୍ଜ୍ୟ ଜଳର ପରିଚାଳନା ପାଇଁ ଏମ୍‌କେସିଜିରେ ଥିବା ଇଟିପି ଓ ଏସ୍‌ଟିପି ପ୍ଲାଣ୍ଟର ସଠିକ୍ ପରିଚାଳନା ହେଉନଥିବାରୁ କିଛି ମାସ ତଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ଜରିମାନା ପକାଯାଇଥିଲା । ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ହିଁ ଏହି ଜରିମାନା ପଡ଼ିଥିଲା ।



# ବିପଦପୂର୍ଣ୍ଣ ଅବସ୍ଥାରେ କେନାଲ୍ ଫଲ୍

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ମୁର୍ଷୁଣ୍ଡି ପଞ୍ଚାୟତ ତେତେଲେଙ୍ଗା ଗ୍ରାମ ଠାରୁ ଡାଙ୍ଗପଡା ଛକ ଆଡକୁ ଯାଇଥିବା ରାସ୍ତା କଡରେ ଡାଙ୍ଗପଡା ନିକଟରେ ସାଲୁଙ୍କୀ କେନାଲ୍‌ର ଏକ ଫଲ୍ ଜରାଜୀର୍ଣ୍ଣ ଅବସ୍ଥାରେ ମୁକୁଳା ହୋଇ ପଡିଛି । ଜଳସେଚନ ବିଭାଗ ପକ୍ଷରୁ ରକ୍ଷଣାବେକ୍ଷଣ କରାଯାଉନଥିବା ହେତୁ ପ୍ରାୟ ୮ ଫୁଟ୍ ଗଭୀର ଗାତ ମଧ୍ୟରେ ଅନେକ ଲୋକ ପଡି ନିୟମିତ ଆହତ ହେଉଛନ୍ତି । ଏ ସମ୍ପର୍କରେ ସାଲୁଙ୍କୀ ଜଳସେଚନ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ମରାମତି କରାଯାଉନଥିବା ହେତୁ ଆହୁରି ଧନ ଜୀବନ ହାନୀର ଆଶଙ୍କା ରହିଛି । ଏ ସମ୍ପର୍କରେ ସ୍ଥାନୀୟ ଲୋକେ ନିଜ ପ୍ରତିକ୍ରିୟା ଦେଇ ତୁରନ୍ତ ମରାମତି ପାଇଁ ଦାବି କରିଛନ୍ତି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ୱାର୍ଡ ଖୋଲିବା ଉପରେ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପୁରୁଣା ମେଡିକାଲ୍ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ କର୍କଟ ଦିବସ ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ପ୍ରମୋଦ କୁମାର ପ୍ରହରାଜଙ୍କ ସହିତ ଡକ୍ଟର ସଚ୍ଚିଦାନନ୍ଦ ମିଶ୍ର, ଡକ୍ଟର ନୃପେନ୍ ଶତପଥି ପ୍ରମୁଖ ଉପସ୍ଥିତ ରହି ବିଶ୍ୱ କର୍କଟ ଦିବସ ପାଳନର ଉଦ୍ଦେଶ୍ୟ ସଂପର୍କରେ ମତ ପ୍ରକାଶ କରିଥିଲେ । କର୍କଟ ରୋଗ ଠାରୁ ଦୂରେଇ ରହିବା ପାଇଁ ଜନସଚେତନତାର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ । ତିନି ପ୍ରକାର କ୍ୟାନ୍‌ସର ଯଥା ମୁଖ ଗହ୍ୱର କର୍କଟ, ସ୍ତନ କର୍କଟ ଓ ଜରାୟୁ କର୍କଟ ବିଷୟରେ ସଚେତନ ସୃଷ୍ଟି କରିବା ସହିତ ତୁରନ୍ତ ଲକ୍ଷଣ ପ୍ରକାଶ ପାଇଲେ ଡାକ୍ତରଙ୍କ ସହିତ ପରାମର୍ଶ କରି ସରଳ ଚିକିତ୍ସା କଲେ କର୍କଟ ଆରୋଗ୍ୟସାଧ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ସରକାରଙ୍କ ତରଫରୁ ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ୱାର୍ଡ ତିଆରି ହୋଇ ରୋଗୀଙ୍କୁ ଚିକିତ୍ସା ଯୋଗାଇଦେଲେ ଏହାର ସରଳ ଓ ତୁରନ୍ତ ଚିହ୍ନଟୀକରଣ କରାଯାଇ ସେବା ପ୍ରଦାନ କଲେ ଜନସାଧାରଣ ଏହାର ସୁଯୋଗ ପାଇପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଚିକିତ୍ସା ଅଧିକାରୀ ଉପସ୍ଥିତ ଥିଲେ ।

# ମହୁଚାଷ ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯିବ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ଆଠଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟକଟା କଲ୍ୟାଣ ମଣ୍ଡପ ଠାରେ ମହୁମାଛି ପାଳକ ମାନଙ୍କ ଏକ ବୈଠକ ଗ୍ରାମ୍ୟ ଉତ୍ଥାନ ଓ ଜନ୍‌ସନ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଓ ଡି.ସି.ବି ବ୍ୟାଙ୍କର ସି.ଏସ୍.ଆର୍ ଫଣ୍ଡ ସହାୟତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମହୁଚାଷ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଖଦୀ ଭିଲେଜ୍ ଇଣ୍ଡଷ୍ଟ୍ରି ବୋର୍ଡର ସଚିବ ସଞ୍ଜୟ କୁମାର ମିଶ୍ର ଯୋଗ ଦେଇଥିଲେ । ଜନ୍‌ସନ୍ ଇଣ୍ଡିଆର ସହ ନିର୍ଦ୍ଦେଶକ ଥଙ୍କମ ଗାର୍ଗେ ଓ ଦିବ୍ୟଶ୍ରୀ ସେନ୍‌ଗୁପ୍ତ ଏବଂ ଗ୍ରାମ ଉତ୍ଥାନର ସେକ୍ରେଟାରୀ ଗୋବିନ୍ଦ ଚନ୍ଦ୍ର ଦାସ ଓ ପ୍ରୋଗ୍ରାମ୍ ନିର୍ଦ୍ଦେଶକ ସନାତନ ବେହେରା ଉପସ୍ଥିତ ଥିଲେ । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ କିପରି ମହିଳାମାନେ ମହୁଚାଷ କରି ସ୍ୱାବଲମ୍ବୀ ହେବା ସହିତ ଏହି ଅଞ୍ଚଳର ଫସଲ ଉପରେ ତା'ର ପ୍ରଭାବ ପଡ଼ିବ । ଯାହାଦ୍ୱାରା ଉନ୍ନତ ମାନର ଫସଲ ହେବା ସହିତ ଅଧିକ ଅମଳକ୍ଷମ ହୋଇପାରିବ । ମହୁମାଛି ଏକ ପରାଗ ସଂଗମକାରୀ କୀଟ ଅଟେ । ଏଠାରେ ଏକ ଭିଡିଓ ମାଧ୍ୟମରେ ମହୁମାଛି ଚାଷୀମାନେ ସେମାନଙ୍କର ସୁବିଧା ଅସୁବିଧା ଜାଣିପାରିବା ସହ ସମାଧାନ ନିଜେ କରିପାରିବେ । ଗ୍ରାମ ଉତ୍ଥାନ ପକ୍ଷରୁ ଆଠଗଡ଼ ବ୍ଲକ, ବାଙ୍କୀ ବ୍ଲକ ଓ ଡମପଡ଼ା ବ୍ଲକର ୭ ଗୋଟି ପଞ୍ଚାୟତରୁ ୨୫୦ ଜଣ ମହିଳା ମାନଙ୍କୁ ଗ୍ରାମ ଉତ୍ଥାନ ତରଫରୁ ୨ଟି ଲେଖାଏଁ ମହୁବାକ୍ସ, ମାଛିଦଳ ଓ ଅନ୍ୟାନ୍ୟ ସାମଗ୍ରୀ ମାଗଣାରେ ଦିଆଯାଇଛି । ମହିଳାମାନେ ସେଥିରୁ ଭଲ ରୋଜଗାର କରିପାରୁଛନ୍ତି । ଅଧିକ ପ୍ରଚାର ଓ ପ୍ରସାର ପାଇଁ ଗ୍ରାମ ଉତ୍ଥାନ ତରଫରୁ ଯୋର୍‌ଦାର୍ ପ୍ରୟାସ କରାଯାଇଛି । ଏହି ବୈଠକରେ ଅନୁଗୋଳରୁ ଅଜୟ କୁମାର ବିର, ଡେଲାଙ୍ଗରୁ ଅନ୍ନପୂର୍ଣ୍ଣା ଛାଟୋଇ ଓ ତିଗିରିଆରୁ ଜାଫାରୁଦିନ ଅହମଦ ପ୍ରମୁଖ ସଫଳ ମହୁଚାଷୀ ସହ ମାଷ୍ଟର ଟ୍ରେନର ଅଟନ୍ତି । ଏମାନଙ୍କୁ ଏହି ବୈଠକକୁ ଆମନ୍ତ୍ରଣ କରାଯାଇ ମହିଳାମାନଙ୍କୁ କିପରି ନୂତନ ଜ୍ଞାନକୌଶଳ ଶିକ୍ଷାଦାନ କରାଯାଇପାରିବ ବୈଠକର ଏହା ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଉଦ୍ୟାନ ବିଭାଗ ପକ୍ଷରୁ ଉଦ୍ୟାନ ଅଧିକାରୀ, କୃଷି ବିଭାଗ ପକ୍ଷରୁ ବ୍ଲକ୍ କୃଷି ଅଧିକାରୀ ଯୋଗଦାନ କରି ସରକାରଙ୍କ ପକ୍ଷରୁ ବିଭିନ୍ନ ସହାୟତା ବିଷୟରେ ଚାଷୀମାନଙ୍କୁ ବିସ୍ତାର ପୂର୍ବକ ଆଲୋଚନା କରିଥିଲେ । ଗ୍ରାମ ଉତ୍ଥାନ ସଂପାଦକ ଗୋବିନ୍ଦ ଚନ୍ଦ୍ର ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ ।




# ପାତାଳୀ ଶ୍ରୀକ୍ଷେତ୍ରର ବିକାଶ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ପ୍ରସିଦ୍ଧ ପୀଠ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇ ଠାରେ ଚାଲିଥିବା ପାତାଳୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ସୁବର୍ଣ୍ଣପୁର ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ର, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ରାଧାକାନ୍ତ ମହାକୁର ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ରଖିଥିଲେ ଓ ପାତାଳୀ ଶ୍ରୀକ୍ଷେତ୍ରର ଏକ ଅନ୍‌ଲାଇନ୍ ୱେବ୍‌ସାଇଟ୍ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀ ଆୟୋଜକ ବନ୍ଧୁଙ୍କୁ ପ୍ରଶଂସା କରିବା ସହ ଓଡ଼ିଆଙ୍କ ଅସ୍ମିତା ଜଗନ୍ନାଥ ସଂସ୍କୃତି ସୁରକ୍ଷା କରିବା ସହ ପୀଠର ବିକାଶ ପାଇଁ ସଦାସର୍ବଦା ଚେଷ୍ଟା କରିବି ଓ ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଦାବି ରଖିବାକୁ ନିର୍ଭର ପ୍ରତିଶୃତି ଦେଇଥିଲେ । ଏହି ମାସ ଠାରୁ ପାତାଳୀରେ ମହାପ୍ରଭୁଙ୍କ ଭବ୍ୟମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ଶ୍ରୀ ଜଗଦଲା କହିଛନ୍ତି । ଏହି ଅବସରରେ ସପ୍ତମ ଦିନ ତଥା ଅନ୍ତିମ ସନ୍ଧ୍ୟାରେ ସଂଜ୍ୟୋତ କଳା କେନ୍ଦ୍ର, ବଲାଙ୍ଗିରର ନିର୍ଦ୍ଦେଶିକା ତଥା ନାଟ୍ୟଗୁରୁ ସଂଗୀତା ଦାସଙ୍କ ଗ୍ରୁପ୍ ଲୋକ ସଙ୍ଗୀତ ଏବଂ ଲୋକ ନୃତ୍ୟ ପରିବେଷଣ କରିଥିଲେ ଯାହାକି ହଜାର ହଜାର ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା । ପରେ ପରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପୁରୀ ମହ୍ଲାର ଭଜନ ଗ୍ରୁପ୍ ଦ୍ୱାରା ଜଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥି ସହିତ ଦଣ୍ଡ ନୃତ୍ୟ କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୌଦ୍ଧିକ ମଣ୍ଡପରେ ପାତାଳୀ ସେନା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ପାତାଳୀ ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ତଥା ପ୍ରଭୁ ଜଗନ୍ନାଥଙ୍କ ଦୁର୍ଲଭ ୩୨ ବେଶ ପ୍ରଦର୍ଶନୀ ବହୁ ଲୋକଙ୍କୁ ଆକର୍ଷିତ କରି ଓଡ଼ିଶା ବାହାରୁ ବହୁ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା । ଭାଗବତ ସପ୍ତାହ ପାରାୟଣ ଓ ୫୬ ପ୍ରହର ନାମ ଯଜ୍ଞ ମଧ୍ୟ ଶେଷ ହେବା ସହ ପାତାଳୀ ମହୋତ୍ସବ ଉଦ୍‌ଯାପିତ ହୋଇଛି । ଶ୍ରୀ ପାତାଳୀ କ୍ଷେତ୍ର ଟ୍ରଷ୍ଟ, କୋଟସମାଲାଇର ସମସ୍ତ ସଦସ୍ୟଙ୍କ ଉତ୍ସାହ ଆଜି ପାତାଳୀ ଶ୍ରୀ କ୍ଷେତ୍ର ଏକ ଐତିହାସିକ ଧାର୍ମିକ ପୀଠ ଭାବରେ ସାରା ଭାରତ ବର୍ଷରେ ଏକ ପ୍ରମୁଖ ପୀଠ ହୋଇପାରିଛି ।



୨୦ ତମ ପାତାଳୀ ମହୋତ୍ସବ ଉଦ୍‌ଯାପିତ

# ଆଦିବାସୀମାନଙ୍କ ହକ୍ ଜାରି ରଖିବା ନେଇ ବିଶାଳ ସମାବେଶ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ବ୍ଲକ ମହକୁମା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଆଦିବାସୀ ସେବା ମଞ୍ଚ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ନନ୍ଦପୁର ବ୍ଲକ ବ୍ୟତୀତ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆଦିବାସୀମାନେ ଯୋଗ ଦେଇଥିଲେ । ନନ୍ଦପୁର ନିକଟରେ ଅବସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଆଦିବାସୀ ସେବା ମଞ୍ଚ କାର୍ଯ୍ୟଳୟ ନିକଟରେ ଏହି ସମାବେଶ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଆଦିବାସୀ ମାନଙ୍କ ହକ୍ ପାଇଁ ଲଢ଼େଇ ଜାରି ରଖିବା ଉଦ୍ଦେଶ୍ୟରେ ଏହି ସମାବେଶର ଆୟୋଜନ କରାଯାଇଥିଲା । ନନ୍ଦପୁର ସହିଦ ଲକ୍ଷ୍ମଣ ନାୟକ ଆଦିବାସୀ ସେବା ମଞ୍ଚ ପକ୍ଷରୁ ଏହି ସମସ୍ତ ବ୍ୟବସ୍ଥା କରାଯାଇଥିଲା । ବିଭିନ୍ନ ବ୍ଲକର ଆଦିବାସୀ ସଂଗଠନର ନେତା ନେତୃତ୍ୱ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟକ ପୀତମ୍ ପାଢ଼ୀ, ପ୍ରଫୁଲ୍ଲ କୁମାର ପାଙ୍ଗି, ନନ୍ଦପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲାଙ୍କ ସମେତ ବହୁ ନେତା ନେତୃତ୍ୱ ଯୋଗ ଦେଇଥିଲେ । ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇବା ସହ ଆଦିବାସୀଙ୍କ ଉନ୍ନତି ନିମନ୍ତେ ଆଗକୁ ଏହି ଆଦିବାସୀ ସେବା ମଞ୍ଚ ଆନ୍ଦୋଳନ ଜାରୀ ରଖିବ ବୋଲି ଉପସ୍ଥିତ ନେତୃ ମଣ୍ଡଳୀ ନିଷ୍ପତ୍ତି ନେଇଥିଲେ ।



# ହାଇସ୍କୁଲ୍‌ର ଉନ୍ନତି ପାଇଁ ଅଣ୍ଟା ଭିଡ଼ିଲେ ପୁରାତନ ଛାତ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୨ ମସିହା ବ୍ୟାଚ୍‌ର ପୁରାତନ ଛାତ୍ରମାନେ ସ୍କୁଲ୍‌ର ଉନ୍ନତି ଓ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସମବେତ ହୋଇଥିବା ଜଣାପଡିଛି । ପୁରାତନ ଛାତ୍ର ଚିତରଞ୍ଜନ ଭଗତଙ୍କ ନେତୃତ୍ୱରେ ସଭାପତି ଡ଼ଃ ଅମୀୟ କୁମାର ମହାନ୍ତିଙ୍କ ସମେତ ବହୁ ଛାତ୍ର ସ୍କୁଲ୍ ପରିସରରେ ଶନିବାର ଦିନ ଏକ ବନ୍ଧୁ ମିଳନ କରିବା ସହ ସ୍କୁଲ୍‌ର ପୁରାତନ ଐତିହ୍ୟ ଫେରାଇ ଆଣିବା ପାଇଁ ଭାବ ବିନିମୟ କରିଥିଲେ । ଆବଶ୍ୟକୀୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ପଦବୀ ପୁରଣ, ଶିକ୍ଷାଦାନର ଗୁଣାତ୍ମକ ବିକାଶ ପାଇଁ ତଦାରଖ କମିଟି ଗଠନ ଓ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଦିଗରେ ଆଲୋଚନା କରାଯାଇଥିଲା ।

# ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ଷୋଡ଼ଶ ବାର୍ଷିକ ଅଧିବେଶନ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରବିବାର ପୂର୍ବାହ୍ନରେ ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ଅଧିବେଶନ ଭୁବନେଶ୍ୱର ଆୟକର ଭବନ ପ୍ରାଙ୍ଗଣରେ ସଂଘର ସଭାପତି ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୁକ୍ତ ସ୍ୱରାଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରର ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଅଧିବେଶନରେ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅଧିବେଶନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶହେ ପଚାଶ ପାଖାପାଖି ସଭ୍ୟ ସଭ୍ୟା ଯୋଗ ଦେଇଥିଲେ । ସଂଘର ସ୍ମରଣିକା ମଞ୍ଚାସୀନ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର, ସଭାପତି ଶ୍ରୀ ମହାନ୍ତି, ମୁଖ୍ୟ ସମ୍ପାଦକ ତଥା ଉପସଭାପତି ବିଧୁ ଭୂଷଣ ମହାନ୍ତି, ସମ୍ପାଦକ ତଥା ଅନ୍ୟତମ ଉପସଭାପତି ଶରତ ଦାଶଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସଂଘର ସମ୍ପାଦକ ରବୀନ୍ଦ୍ରନାଥ ମହାନ୍ତି ବାର୍ଷିକ ବିବରଣୀ ଓ ଆୟବ୍ୟୟ ସମୀକ୍ଷା ଉପସ୍ଥାପନ କରିଥିଲେ । ଅଧିବେଶନରେ ନିମନ୍ତ୍ରିତ ଅତିଥି ଭାବେ ଓଡ଼ିଶା ଆୟକର ଗେଜେଟେଡ୍ ଅଧିକାରୀ ସଂଘର ସଭାପତି ଚନ୍ଦନ ଘଡାଇ, ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଓ ଓଡ଼ିଶା ଆୟକର କର୍ମଚାରୀ ଫେଡରେସନ୍‌ର ସଭାପତି ରାଧାଶ୍ୟାମ ଗିରି ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରତ୍ୟକ୍ଷ କର ବୋର୍ଡର ସଦସ୍ୟ ଶେଖ୍ ନଇମୁଦ୍ଦିନ, ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଓ ବରିଷ୍ଠ ସଦସ୍ୟ ଅନିଲ୍ ଘୋଷାଲ ବକ୍ତବ୍ୟ ରଖିଥିଲେ । ସଂଘର ଉପସ୍ଥିତ ତିନିଜଣ ପ୍ରତିଷ୍ଠାତା ସଦସ୍ୟ ବ୍ରଜସୁନ୍ଦର ନନ୍ଦ, ସି ବାଲେଶ୍ୱର ପାତ୍ର ଓ ଗୌରାଙ୍ଗ ଚରଣ ସାହୁଙ୍କୁ ଏହି ଅଧିବେଶନରେ ସମ୍ବର୍ଦ୍ଧିତ କରଯାଇଥିଲା । ସେହିପରି ଦୁଇ ବରିଷ୍ଠ ସଦସ୍ୟ ଏନ୍‌ସି ସାମଲ ଓ ଗୋପୀନାଥ ଭୋଇଙ୍କୁ ଅଶୀ ବର୍ଷ ଅତିକ୍ରମ କରିଥିବାରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଂଘର କାର୍ଯ୍ୟକାରିଣୀ ସଦସ୍ୟ କବି ଚିନ୍ତାମଣି ଦାସ ଓ କାର୍ଯ୍ୟକ୍ରମରେ ସକ୍ରିୟ ସହାୟତା କରିଥିଲେ ସଂଘର କର୍ମକର୍ତ୍ତା ଓ ବରିଷ୍ଠ ସଦସ୍ୟ ସର୍ବଶ୍ରୀ ବ୍ରଜେନ୍ଦ୍ରନାଥ ମହାନ୍ତି, ନିର୍ମଳେନ୍ଦୁ ଗୁପ୍ତା, ମନମୋହନ ରାଓ, ଶଙ୍କର ବୋଷ, ନିରଞ୍ଜନ ଦାଶ, ବସନ୍ତ ବେହେରା, ମନୋରଞ୍ଜନ ପଟ୍ଟନାୟକ, ଆର୍‌ଏନ୍ ଶତପଥୀ, ପୀତାମ୍ବର ଲେଙ୍କା, ଚିତ୍ତରଞ୍ଜନ ଦାଶ, ମଧୁସୂଦନ ପାତ୍ର, କିଶୋର ମହାନ୍ତି, ରାମନାରାୟଣ ନାୟକ ଓ କେଶବ ଚନ୍ଦ୍ର ସାହାଣୀ । ଅଧିବେଶନରେ ଯୋଗ ଦେଇଥିବା ବରିଷ୍ଠ ସଭ୍ୟ ସଭ୍ୟା ମାନଙ୍କ ମଧ୍ୟରେ ଥିଲେ ସର୍ବଶ୍ରୀ ଜୟନ୍ତ କୁମାର ହୋତା, ପ୍ରଶାନ୍ତ ଷଡ଼ଙ୍ଗୀ, ଚନ୍ଦ୍ରଶେଖର ଦାଶ, ପ୍ରଦୋଷ ମହାନ୍ତି, ଅଶୋକ ଶତପଥୀ, ଜଗବନ୍ଧୁ ସାହୁ, ବେଣୁଧର ମିଶ୍ର, ଓ ଚୌଧୁରୀ ଭାବଗ୍ରାହୀ ମିଶ୍ର । ଗତ ଏକ ବର୍ଷ ମଧ୍ୟରେ ସ୍ୱର୍ଗାରୋହଣ କରିଥିବା ଏଗାର ଜଣ ସଦସ୍ୟଙ୍କ ପରିବାର ବର୍ଗଙ୍କୁ ନିମନ୍ତ୍ରିତ ଅତିଥି ଭାବେ ଡକାଯାଇ ଭକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଶେଷରେ କାର୍ଯ୍ୟକାରିଣୀ ସଦସ୍ୟ ଲାଲମୋହନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



# 'କବି ଓ ଲେଖମାନଙ୍କ ତ୍ୟାଗ ସଂସ୍କୃତିକୁ ସୁରକ୍ଷିତ ରଖିଥାଏ'

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ରବିବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଲେଖକ ମଚାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଡ଼ ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୁଷମା ପ୍ରଧାନ ସଂଯୋଜନା କରିଥିଲେ । ସମ୍ବଲପୁରୀ ଭାଷାର ବରିଷ୍ଠ ଗୀତିକାର ବିଭୂତି ଭୂଷଣ ନାଥ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶ ଭୋଇ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମାଁ ସମଲେଇଙ୍କ ଠାରେ ପୂଜାର୍ଚ୍ଚନା ପରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା । ସମ୍ବଲପୁର ଭାଷାରେ କବି ଲେଖକଙ୍କ ରହିଥିବା ବିଭିନ୍ନ ସମସ୍ୟା ଉପରେ ପ୍ରଥମେ ଆଲୋଚନା କରାଯାଇଥିଲା । ମୁଖ୍ୟ ଅତିଥି ବିଭୁତି ଭୂଷଣ ନାଥ କହିଥିଲେ ଯାହାର ଜୀବଙ୍କରେ ସଂଘର୍ଷ ନାହିଁ ତାର ଜୀବନ୍ତର ମୂଲ୍ୟ ନାହିଁ ବୋଲି କହିଥିଲେ । ସେ ଆହୁରି କହିଥିଲେ ଯେ, କୌଣସି ଭାଷା ସାହିତ୍ୟ ପାଇଁ କବି ଲେଖକଙ୍କ ତ୍ୟାଗ ବଳିଦାନ ସେହି ସଂସ୍କୃତିକୁ ସୁରକ୍ଷିତ ରଖିପାରିଥାଏ ବୋଲି ନାଥ କହିଥିଲେ । ସମ୍ବଲପୁରୀ ଡେରା କିଭଳି ଅଧିକରୁ ଅଧିକ ସମ୍ବଲପୁରୀ ଭାଷା ସଂସ୍କୃତି ପାଇଁ ବ୍ୟବହାର ସେ ହେଇ ପଦକ୍ଷେପ ହେବାକୁ କାର୍ଯ୍ୟକ୍ରମର ସଭାପତି ଡ. ସ୍ୱୟଂ ପ୍ରକାଶ ପଣ୍ଡା ଆହ୍ୱାନ କରିଥିଲେ । ଏହି ଅବସରରେ କବି ପ୍ରସନ୍ନ ପ୍ରୟାସ ହୁଏ, ପ୍ରଭଞ୍ଜନ ପୁରୋହିତ, ଗଦାଧର ନିଆଲ, ଆଭାସ ପଣ୍ଡା, ଫକିର ପୃଷ୍ଟୀ, କଳ୍ପନା ମହାପାତ୍ର, ସୁପ୍ରୀୟା ଦାସ, ବିଭୁତି ଭୂଷଣ ମିଶ୍ର, ବଳରାମ ମଟାରୀ, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ଗଙ୍ଗାଧର ନେପାକ, କାହ୍ନୁ କେଶବ ବହିଦାର, ସବ୍ୟସାଚୀ ମିଶ୍ର, ତ୍ରିଲୋଚନ୍ଦ୍ର ମିଶ୍ର, ବବିତା ମିଶ୍ର, ଭବାନୀ ଶଙ୍କର ମେହେର, ଲଳିତ ମୋହନ ବେବର୍ତ୍ତା, ଅନୁପମା ବିଶ୍ୱାଳ, ରାହାସ ବିହାରୀ ନାଥ ପ୍ରମୁଖ ସମ୍ବଲପୁରୀ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ରାଜେଶ ସ୍ୱାଇଁ, କିଶୋର ଧରେଇ, ଭୂମିସୁତା ମେହେର, ଲଳିତା ଭୋଇ, ସୁରେନ୍ଦ୍ର ବଗର୍ତ୍ତୀ, ସବ୍ୟସାଚୀ ମିଶ୍ର, ଅମିତ ସିଂହ, ମନୋଜ ସିଂହ, ମାନସ ରଞ୍ଜନ ବକ୍ସୀ ପ୍ରମୁଖ ସହଯୋଗ କରିଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ୱତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୧।୨।୨୦୨୫, ମାଘ ଦି୨୯ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୧୮।୩୭** **ଚନ୍ଦ୍ରୋଦୟ- ଦିଘ ୪।୪୧।୧୨**

**ଚତୁର୍ଦ୍ଦଶୀ-** ସଂଘ ୬।୫୬ ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର-** ସଂଘ ୬।୩୪ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ସଂଘ ୬।୫୬ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୧୧ ଗତେ ଘ ୧୦।୫୩ ମଧ୍ୟେ, ଦିଘ ୧।୦୯ ଗତେ ଘ ୧।୨୬ ମଧ୍ୟେ । **ପର୍ବୋତ୍ସବ-** ଯୋରନ୍ଦା ମେଳା, ମଙ୍ଗଳ ଚତୁର୍ଦ୍ଦଶୀ ସ୍ନାନ ।



**ମେଷ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଶତ୍ରୁ ଆପଣଙ୍କ ଠାରୁ ପରାସ୍ତ ହେବେ । ପ୍ରଚୁର ଧନର ଅଧିକାରୀ ହେବେ । ଶୁଭ ଖବର ପାଇ ଆନନ୍ଦିତ ହେବେ । ପରିବାରରେ ସାମାନ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହେବ ।



**ବୃଷ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ଆୟରେ ଉନ୍ନତି ଦେଖାଦେବ । ଯାନବାହାନ କ୍ରୟ କରିପାରନ୍ତି । ଦୂରଯାତ୍ରାରେ ସଫଳତା ହାସଲ ହେବ । ଘରେ ଆନନ୍ଦ ଲାଭ ହେବାର ସୂଚନା ମଧ୍ୟ ମିଳୁଛି ।



**ମିଥୁନ:** କର୍ମକ୍ଷେତ୍ରରେ ଉପରିସ୍ଥ କର୍ମକର୍ତ୍ତାଙ୍କ ସହଯୋଗ ଲାଭ କରିବେ । ଲାଭର ପରିମାଣ ବଢ଼ିବ । ରୋଜଗାରର ପରିମାଣ କମିବ । ମହିଳାମାନେ ସ୍ୱାର୍ଥପର ହେବେ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।



**କର୍କଟ:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଶୁଭ ଖବର ପ୍ରାପ୍ତ ହେବ । ରୋଜଗାର ମଧ୍ୟମ ଧରଣର ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଘରେ ଆନନ୍ଦ ଦେଖାଦେବ ।



**ସିଂହ:** ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଦୟାଳୁ ହେବେ । ପରିବାରରେ ସମସ୍ୟା ହେତୁ ଚିନ୍ତା ଦେଖାଦେବ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ମାଲିମୋକଦ୍ଦମାରେ ସଫଳତା ହାସଲ ହେବ ।



**କନ୍ୟା:** ଆୟର ପରିମାଣ ବଢ଼ିବ । ଚାକିରୀ କ୍ଷେତ୍ରରେ ସଫଳତା ହାସଲ ହେବ । ଦେହ ଓ ମନ ଭଲ ରହିବ । ବନ୍ଧୁ ଦର୍ଶନର ସୁଯୋଗ ସୃଷ୍ଟି ହେବ । ପ୍ରତୀକ୍ଷିତ ଶୁଭ ଖବରଟି ଅପରାହ୍ନେ ପ୍ରାପ୍ତ ହେବାର ସୂଚନା ।



**ତୁଳା:** ମନରେ ପ୍ରସନ୍ନ ଜାତ ହେବ । ସାଧନାରେ ସିଦ୍ଧି ଲାଭ କରିବେ । ଲୋକପ୍ରିୟତା ହାସଲ ହେବ । ରୋଜଗାର ସ୍ଥିର ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ପରିଶ୍ରମର ପରିମାଣ ବଢ଼ିବ ।



**ବିଛା:** ପାରିବାରିକ ଆଦର ସମ୍ମାନ ଲାଭ ହେବ । କୌଣସି କାର୍ଯ୍ୟରେ ମନ ଲାଗିବନାହିଁ । ଅଳସୁଆମିରେ କାର୍ଯ୍ୟ ନାଶ ହେବାର ସମ୍ଭାବନା । ଖର୍ଚ୍ଚର ପରିମାଣ ଅଧିକ ହେବ । ପାରିବାରିକ ଶାନ୍ତି ଲାଭ ହେବ ।



**ଧନୁ:** କର୍ମକ୍ଷେତ୍ରରେ ମାନମନାନ୍ତର ଦେଖାଦେବାର ସୂଚନା । ଧନ କ୍ଷୟର ସୂଚନା । ଶାରୀରିକ ସୁସ୍ଥତା ଅନୁଭବ କରିବେ । ବନ୍ଧୁ ଦର୍ଶନର ସୁଯୋଗ ଲାଭ । ସୌଖିନ୍ୟ ଦ୍ରବ୍ୟ କ୍ରୟ କରିପାରନ୍ତି । ମହିଳାମାନେ ସୁଖୀ ହେବେ ।



**ମକର:** ଆଜି ଆପଣଙ୍କର ଦିନଟି ଆନନ୍ଦ ଉତ୍ସବରେ କଟିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରି ଉପକୃତ ହେବେ ।



**କୁମ୍ଭ:** ଦୁଃସାହସିକ କାର୍ଯ୍ୟରେ କୃତକାର୍ଯ୍ୟ ହେବେ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଓ ମନ ଭଲ ରହିବାର ସୂଚନା । ଦୟାଳୁ ହେବେ ।



**ମୀନ:** କର୍ମକ୍ଷେତ୍ରରେ ନିଜର ଅଧିପତ୍ୟ ବିସ୍ତାର କରିବେ । କୁଟୁମ୍ବେ କଳହ ଦେଖାଦେବାର ସୂଚନା । ସମ୍ମାନ ଉପରେ ଆଞ୍ଚ ଆସିପାରେ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଆୟ ମଧ୍ୟମ ଧରଣର ହେବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ୱତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୨।୨।୨୦୨୫, ମାଘ ଦି୩୦ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬।୧୮।୦୭** **ଚନ୍ଦ୍ରୋଦୟ- ସଂଘ ୫।୩୬।୫୪**

**ପୂର୍ଣ୍ଣିମା-** ସଂଘ ୭।୨୩ ପର୍ଯ୍ୟନ୍ତ । **ଅଶ୍ଳେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର-** ରାଘ ୭।୩୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୭।୩୬ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ରାଘ ୭।୩୬ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ସଂଘ ୭।୨୩ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୧ ଗତେ ଘ ୭।୫୨ ମଧ୍ୟେ, ଦିଘ ୧।୫୪ ଗତେ ଘ ୪।୫୫ ମଧ୍ୟେ । **ପର୍ବୋତ୍ସବ-** ଅଗ୍ନି ଉତ୍ସବ, ପୂର୍ଣ୍ଣିମାର ଚନ୍ଦ୍ରପୂଜା, ପ୍ରୟାଗରେ ଶାହୀସ୍ନାନ, ମାଘ ବ୍ରତ ସମାପନ, ମାସନ୍ତ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଫେବୃୟାରୀ ୨୦୨୫ ମଙ୍ଗଳବାର








# ବୌଦ୍ଧରେ ୪୫ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ସଭାଗୃହରେ ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆଙ୍କ ଅଧ୍ୟକ୍ଷତାରେ ନିଯୁକ୍ତି ଓ ଦକ୍ଷତା ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବିତରଣ ଉତ୍ସବରେ ୪୫ ଜଣଙ୍କୁ ନିଯୁକ୍ତି ଓ ଦକ୍ଷତା ପ୍ରମାଣପତ୍ର ବିତରଣ କରିଥିଲେ ଉପ ଜିଲ୍ଲାପାଳ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କୁର ଯାନୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାୟ, ଜେନେରାଲ୍ ମ୍ୟାନେଜର, ଜିଲ୍ଲା ଶିଳ୍ପକେନ୍ଦ୍ର ଯୋଗେଶ୍ୱର ବିଶି, ଅଧ୍ୟକ୍ଷ, ଶିଳ୍ପ ତାଲିମ୍ ଅନୁଷ୍ଠାନ ସୁବୋଧ କୁମାର ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଏବଂ ଗ୍ଲିଜ କର୍ପୋରେସନ୍‌ର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜୟ କୁମାର ଦାଶ ପରିଚାଳନା କରିଥିଲେ । ଉପ ଜିଲ୍ଲାପାଳ ଶ୍ରୀ ବାଣୁଆ ଏହି ନିଯୁକ୍ତି ପତ୍ର ପାଇଥିବା ପିଲାମାନେ କିପରି ଭଲ ଭାବେ କାମ କରିବେ, ଆତ୍ମ ନିର୍ଭରଶୀଳ ହେବେ, ଆଗକୁ ବିଭିନ୍ନ ତାଲିମ୍‌ରେ ନୂଆ ପିଲାମାନଙ୍କୁ ଯୋଡିବା ପାଇଁ ବାର୍ତ୍ତା ଦେବେ, ନିଜେ ଆତ୍ମ ନିର୍ଭରଶୀଳ ହେବା ସହିତ ନିଜ ସାଙ୍ଗସାଥୀଙ୍କୁ ଆତ୍ମ ନିର୍ଭରଶୀଳ କରାଇବେ, କିଛି ରୋଜଗାର ସହ ବାପା, ମା'ଙ୍କୁ କିଛି ସହଯୋଗ କରିବେ ସେ ବିଷୟରେ ସେମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ ।

# ଧାମନଗର ପାଲଟିଛି ଚୋରା ମୋବାଇଲ୍ ହବ୍

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ଓ ଧୁଷୁରୀ ଥାନା ଅଞ୍ଚଳରୁ ପ୍ରତ୍ୟେକ ମାସ ୪ରୁ ୫ଟି ଚୋରା ମୋବାଇଲ୍ ଉଦ୍ଧାର ହେଉଛି । ଏହି ମୋବାଇଲ୍ ଗୁଡ଼ିକ ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚୋରି ହୋଇ ଏଠାରେ ବିକ୍ରି କରାଯାଉଥିବା ଜଣାପଡ଼ିଛି । ପ୍ରତି ମାସ ଏଭଳି ମାମଲା ହେଉଥିବାରୁ ଧାମନଗର ଓ ଧୁଷୁରୀ ଥାନା ପୋଲିସ ପାଇଁ ଚିନ୍ତା ବଢ଼ିଯାଇଛି । ଅପରପକ୍ଷରେ ଶସ୍ତାରେ ପାଇଯିବା ନାଁରେ ଅର୍ଦ୍ଧଶିକ୍ଷିତ ଓ ଅପାଠୁଆ ମୋବାଇଲ୍ ବ୍ୟବହାରକାରୀ ହଇରାଣ ହେଉଛନ୍ତି । କମ୍ ପଇସା ଦେଇ ମୋବାଇଲ୍ କିଣୁଛନ୍ତି ଚୋରା ମୋବାଇଲ୍ । ବିକୁଥିବା ଚୋର ପଇସା ନେଇ ମାଲାମାଲ୍ ହେଉଛନ୍ତି । ହେଲେ ଚଢ଼ଉ ବେଳେ କିଣିଥିବା ଲୋକ ଫସୁଛନ୍ତି । ଲୋକଲଜ୍ଜା ଓ କେଶ ହେବା ଭୟରେ ପୋଲିସକୁ ଲାଞ୍ଚ ଦେଇ ଉଦ୍ଧାର ପାଇବାକୁ ଚେଷ୍ଟା କରୁଥିବା ଜଣାଯାଇଛି । ଦି ଆଡୁ ଏମାନେ ଆର୍ଥିକ କ୍ଷତିଗ୍ରସ୍ତ ହେଉଥିବା ଦେଖିବାକୁ ମିଳୁଛି ।



ତେବେ ଏହିସବୁ ଚୋରା ମୋବାଇଲ୍ ମୁସ୍ତଫାପୁର ପଞ୍ଚାୟତ ଓ ଧାମନଗର ମଝିରେ ଥିବା କଲେଜ୍ ପଛପଟ ବସ୍ତିର କିଛି ପିଲାଙ୍କ ଠାରୁ ସେମାନେ କିଣୁଥିବା ଜଣାପଡ଼ିଛି । ଦଳିତ ବସ୍ତିର କିଛି ଯୁବକ ପଡ଼ୋଶୀ କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲା ଅଞ୍ଚଳରୁ ବିଭିନ୍ନ ସମୟରେ ମୋବାଇଲ୍ ଚୋରି କରୁଥିବା ଅଭିଯୋଗ ହୋଇ ଆସିଛି । ସେସବୁ ଜାଗାରୁ ମୋବାଇଲ୍ ଆଣି ଧାମନଗର, ଧୁଷୁରୀ ଅଞ୍ଚଳରେ ଗାଁରେ ରହୁଥିବା ଅର୍ଦ୍ଧଶିକ୍ଷିତ ଯୁବକମାନଙ୍କୁ ଲୋଭ ଦେଖାଇ କମ୍ ଦାମରେ ବିକି ଦେଉଛନ୍ତି । ସେମାନଙ୍କ ଠାରୁ ଅଳ୍ପ କିଛି ଟଙ୍କା ନେଇ ଯାଉଛନ୍ତି । ଧାମନଗର ଥାନା ଆଇଆଇସି ଫଣୀନ୍ଦ୍ର ଭୂଷଣ ନାଇକଙ୍କ କହିବା ଅନୁସାରେ, ଏମାନେ ସିନା ମୋବାଇଲ୍ ଚୋରି କରି ଆଣୁଛନ୍ତି ଚୋରିରେ ଶିକାର ହୋଇଥିବା ମୋବାଇଲ୍ ବ୍ୟବହାରକାରୀ ପୋଲିସରେ ଅଭିଯୋଗ କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଟ୍ରାକିଂ ବ୍ୟବସ୍ଥା ସଞ୍ଚାର ସାଥୀରେ ଅଭିଯୋଗ ପଞ୍ଜୀକରଣ କରୁଛନ୍ତି । ତାପରେ ଏହି ଅଭିଯୋଗଟି ସେଣ୍ଟ୍ରାଲ୍ ଇକ୍ୟୁଇପ୍‌ମେଣ୍ଟ ଆଇଡେଣ୍ଟିଟି ରେଜିଷ୍ଟର ମାଧ୍ୟମରେ ଟେଲିକମ୍ ଆନାଲିଟିକସ୍ ଫର୍ ଫ୍ରଡ୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ କଂଜ୍ୟୁମର ପ୍ରୋଟେକ୍ସନ୍‌କୁ ଚାଲିଯାଉଛି । ଅଭିଯୋଗ ପତ୍ରରେ ଥିବା ଆଇଏମ୍‌ଇଆଇ ନମ୍ବରକୁ ଟ୍ରାକ୍ କରାଯାଉଛି । କେଉଁ ଅଞ୍ଚଳରେ ଏହି ଆଇଏମ୍‌ଇଆଇ ନମ୍ବରର ଫୋନ୍ ଆକ୍ଟିଭ୍ ରହିଛି, ତାହାର ସୂଚନା ମିଳିଯାଉଛି । ଏହାପରେ ସଂପୃକ୍ତ ବିଭାଗ ପକ୍ଷରୁ ସେହି ଅଞ୍ଚଳର ଥାନାକୁ ଜଣାଇ ଦିଆଯାଉଛି । ତାପରେ ପୋଲିସ ଏହାକୁ ଖୋଜି ମୋବାଇଲ୍ ବ୍ୟବହାରକାରୀଙ୍କ ପାଖରେ ପହଞ୍ଚୁଛି । ୨୦୨୩ ମସିହା ମେ ମାସରେ କେନ୍ଦ୍ର ସରକାରଙ୍କ ଦୂରସଂଚାର ବିଭାଗ ଏହି ସଞ୍ଚାରସାଥୀ ପୋର୍ଟାଲ୍ ଲୋକାର୍ପଣ କରାଯାଇଥିଲା । ଏହାପରେ ମୋବାଇଲ୍ ଚୋରି ରୋକିବା ଦିଗରେ ବେଶ୍ ପାରଦର୍ଶୀ ଭାବେ କାମ କରୁଛି ଏହି ପୋର୍ଟାଲ୍ ।

# ୧୮ରୁ ଆରମ୍ଭ ହେବ ବେଲଘର ଡିମ୍ବୁଲି ମହୋତ୍ସବ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ବେଲଘର ନିକଟ ତର୍ଗାବାଲି ଠାରେ ଡିମ୍ବୁଲି ମହୋତ୍ସବ ସମାରୋହ ସମିତି ଆନୁକୂଲ୍ୟରେ ଡିମ୍ବୁଲି ମହୋତ୍ସବ ଚଳିତ ମାସ ୧୮ଓ ୧୯ ଦୁଇଦିନ ଧରି ମହୋତ୍ସବ ସଭାପତି ଗୌରଚନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ଏ ନେଇ ସମସ୍ତ କାର୍ଯ୍ୟକ୍ରମ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରଥମ ତଥା ଉଦ୍‌ଘାଟନ ଦିନ ସକାଳ ୯ଟା ସମୟରେ ଶ୍ରୀମୁଲି ଡିମ୍ବୁଲି ତୀର୍ଥକ୍ଷେତ୍ର ପରିକ୍ରମା, ଅପରାହ୍ନରେ ପାରମ୍ପରିକ ନୃତ୍ୟ ବାଦ୍ୟ ସହ ନଗର ପରିକ୍ରମା, ଅପରାହ୍ନରେ ସଭା କାର୍ଯ୍ୟକ୍ରମ ଆରମ୍ଭ, ସନ୍ଧ୍ୟାରେ କ୍ଲାମ୍ବୁ ମୁଖିଆଙ୍କୁ ସମ୍ମାନ ପରେ ପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଥିବା ବେଳେ ଦ୍ୱିତୀୟ ତଥା ଉଦ୍‌ଯାପନୀ ଉତ୍ସବରେ ସଭା କାର୍ଯ୍ୟ ଆରମ୍ଭ ସହ ନିଜନିଜ କ୍ଲାମ୍ବୁ ଅନୁସାରେ ବୈଠକ, ଅପରାହ୍ନରେ ବାର ଭାଇ କ୍ଲାମ୍ବୁ ଅନୁସାରେ ବନ୍ଧୁ ମିଳନ ଓ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହେବ । ଏହି ଉତ୍ସବର ମୁଖ୍ୟ ସଂଯୋଜକ ପବିତ୍ର କହଁରଙ୍କ ସମେତ ବେଲଘର ସରପଞ୍ଚ ଗୋବିନ୍ଦ ମାଝି, ଦୟାନିଧି ଜାନୀ, ରାମ ମାଝିଙ୍କ ସମେତ ଅଞ୍ଚଳର ଶତାଧିକ ଆଦିମ ଜନଜାତି ଓ ଜନଜାତିର ମୁଖିଆ ବ୍ୟକ୍ତିମାନେ ଉପସ୍ଥିତ ରହିବେ । ଏହି ମହୋତ୍ସବରେ ରାଜ୍ୟର ୨୦ଟି ଜିଲ୍ଲାରେ ବସବାସ କରୁଥିବା ଅନୁସୂଚିତ ଜନଜାତିର କ୍ଲାମ୍ବୁରୁ ଶହ ଶହ ବ୍ୟକ୍ତି ଏହି ମହୋତ୍ସବରେ ଆସି ପୂଜା ଅର୍ଚ୍ଚନାରେ ଭାଗ ନେବେ । ଅନୁସୂଚିତ ଜନଜାତି ଓ ଆଦିମ ଜନଜାତି କୂଟିଆ ମାନଙ୍କ ଉତ୍ପତ୍ତି ସ୍ଥଳ ଆଦି ଦେବୀ ସେହି ପବିତ୍ର ଡିମ୍ବୁଲି ପାହାଡର ଐତିହ୍ୟ ଓ ପରମ୍ପରାକୁ ଉଦ୍‌ଜୀବିତ ରଖିବା ସହ ମହାନ୍ ସଂସ୍କୃତିକୁ ଅବକ୍ଷୟରୁ ବଞ୍ଚାଇ ରଖିବା, ସେହି ସ୍ଥାନକୁ ଏକ ପବିତ୍ର ସ୍ଥାନର ମାନ୍ୟତା ପ୍ରଦାନ କରିବା ଓ ହେରିଟେଜ୍ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ପାଇଁ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବା ଡିମ୍ବୁଲି ମହୋତ୍ସବର ପ୍ରଥମ ଲକ୍ଷ ରହିଛି ବୋଲି ପୂର୍ବତନ ବିଧାୟକ କରେନ୍ଦ୍ର ମାଝି କହିଛନ୍ତି । ଏଣୁ ଏହି ଉତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ତୀର୍ଥ କ୍ଷେତ୍ର ଦର୍ଶନର ସୌଭାଗ୍ୟ ପ୍ରାପ୍ତ ଅର୍ଜନ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି ।

# ଶିଳ୍ପ ପାଇଁ ଜମି ହରାଇଥିବା ଚାଷୀଙ୍କ ସହିତ ଆଲୋଚନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ହରାଇବାକୁ ଥିବା ଚାଷୀ ପ୍ରତିନିଧିମାନଙ୍କ ସହ ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନ ଆଲୋଚନା କରିଛନ୍ତି । ମହାକାଳପଡା ବ୍ଲକ ଅଞ୍ଚଳରେ ମିତଲ କମ୍ପାନୀ ଦ୍ୱାରା ପ୍ରତିଷ୍ଠା ହେବାକୁଥିବା ଇସ୍ପାତ କାରଖାନା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଇଟ୍‌ପୋ ମାଧ୍ୟମରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ଏଥିଲାଗି ଜମି ହରାଇବାକୁ ଥିବା ଚାଷୀମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଉଛି । ଦୀର୍ଘ ଶହେ ବର୍ଷ ଧରି ଭୋଗ ଦଖଲରେ ଥିବା ଜମି ହରାଇବାକୁ ଯାଉଥିବାର ସେମାନଙ୍କର ଅନିଶ୍ଚିତ ଭବିଷ୍ୟତ ଜୀବନ ଜୀବିକା ନେଇ ଓ ଏଥିଲାଗି କ୍ଷତିପୂରଣ ପାଇବା ଲାଗି ଆଶାରେ ବାରମ୍ବାର ରାଜରାସ୍ତାକୁ ଓହ୍ଲାଉଛନ୍ତି । ଏହି ମର୍ମରେ ସେମାନଙ୍କର ଦାବି ସଂପର୍କରେ ଜିଲ୍ଲାପାଳ ଆଲୋଚନାଠାରୁ ଡାକରା ପାଇ ରାମଚଣ୍ଡି କୃଷକ ସଭା ନେତୃତ୍ୱରେ ଚାଷୀପ୍ରତିନିଧିମାନେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛନ୍ତି । ଜିଲ୍ଲାପାଳ ଚାଷୀ ପ୍ରତିନିଧି ମାନଙ୍କ ସହ ସମସ୍ତ ଯୁକ୍ତିଯୁକ୍ତ ଦାବି ଶୁଣିବା ପରେ ଜମି ହରାଉଥିବା ଚାଷୀମାନଙ୍କୁ ନ୍ୟାୟପୂର୍ଣ୍ଣ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଲୋଚନା ସମୟରେ ସିପିଆଇର ଜିଲ୍ଲା ସଂପାଦକ ରମଣୀ ରଂଜନ ରାଉତରାୟ, ଆଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେଉରା,କୃଷକ ନେତା କୈଳାସ ଚନ୍ଦ୍ର ସାହୁ, ପ୍ରଶାନ୍ତ ଚୌଧୁରୀ, ସୁବାଷ ମହାପାତ୍ର, ହରେକୃଷ୍ଣ ମାଝି, ଧୀରେନ୍ଦ୍ର ସାମଲ, ବସନ୍ତ କୁମାର ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ ପାଇଁ ମା' ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଆମେ ମୟୂରଭଞ୍ଜିଆ ସଂଗଠନ ପକ୍ଷରୁ ରବିବାର ପୂର୍ବାହ୍ନ ୧୦ଟା ସମୟରେ ବାରିପଦାର ଅଧିଷ୍ଠାତ୍ରୀ ଦେବୀ ମାଆ ଅମ୍ବିକାଙ୍କ ମନ୍ଦିରରେ ଓଡ଼ିଆ ସିନେଜଗତର ସୁପରଷ୍ଟାର ତଥା ମୟୂରଭଞ୍ଜ ମାଟିର ସୁପୁତ୍ର ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା ପୂର୍ବକ ସମୂହ ପ୍ରଦୀପ ପ୍ରଜ୍ୱଳନ କରାଯାଇ ପ୍ରାର୍ଥନା ସହିତ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରାଯାଇଥିଲା । ଆମେ ମୟୂରଭଞ୍ଜିଆର ଅଧ୍ୟକ୍ଷ ସଞ୍ଜୟ କୁମାର ଚୌଧୁରୀଙ୍କ ଆହ୍ୱାନରେ ଏହି ପ୍ରାର୍ଥନା ସଭାରେ ନାଟ୍ୟକାର ଅନ୍ନଦା ଶଙ୍କର ଦାଶ, ସମାଜସେବୀ ବିବେକାନନ୍ଦ ପଟ୍ଟନାୟକ, ସରୋଜ ସାହୁ, କବି ବିଷ୍ଣୁ ଶତପଥି, ସାଇ ପ୍ରକାଶ ମହାନ୍ତି, ଶିକ୍ଷାବିତ୍ ଅମିତାଭ ମିଶ୍ର, ପ୍ରଫେସର ସରୋଜ ନାୟକ, ମନୋଜ ଦାଶ, ପ୍ରଦୀପ କୁମାର କର, ଅଚ୍ୟୁତ ପ୍ରସାଦ ମହାପାତ୍ର, କମଳଲୋଚନ ମହାକୁଡ଼, ଅଭିଷେକ ଯାଦଭ, ଦୀପକ ପାଣିଗ୍ରାହୀ, ଆଇନଜୀବୀ ସୁଜାତା ମିଶ୍ର, ଆକାଶବାଣୀର ଉଦ୍‌ଘୋଷିକା ରେଣୁବାଳା ରଥ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ପୁଷ୍ପା ପାତ୍ର, ଶିକ୍ଷାବିତ ପ୍ରଭାତ ମଞ୍ଜରୀ ଦାସ ଶର୍ମା, ଭଗବତୀ ଦାଶ, ରଜନୀ ବାରିକ, ବାସନ୍ତୀ ଲତା ମହାପାତ୍ର, ସାଇସୁନୟନା ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଉତ୍ତମ ମହାନ୍ତିଙ୍କ ସୁଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଉତ୍ତମଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ସମଗ୍ର ଜିଲ୍ଲା, ରାଜ୍ୟ ତଥା ଦେଶ ବିଦେଶରେ ରହୁଥିବା ସମସ୍ତ ଓଡ଼ିଆ ମା', ଭାଇ, ଭଉଣୀଙ୍କୁ ବିଭିନ୍ନ ଦେବାଦେବୀ ପୀଠରେ ପୂଜା ଅର୍ଚ୍ଚନା କରିବାକୁ ନିବେଦନ କରାଯାଇଛି ।



# ପୂର୍ଣ୍ଣଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ସରକାରଙ୍କ ଦ୍ୱାରା ଶିକ୍ଷକ ନିଯୁକ୍ତିକୁ ଓଷ୍ଟାର ସ୍ୱାଗତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘଦିନ ପରେ ନୂତନ ସରକାରଙ୍କ ତରଫରୁ ନିଆଯାଇଥିବା ପୂର୍ଣ୍ଣଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଶୂନ୍ୟଥିବା ଶିକ୍ଷକ ନିଯୁକ୍ତି ପଦକ୍ଷେପକୁ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା)ର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ସ୍ୱାଗତ କରିଛନ୍ତି ବୋଲି ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି । ସୂଚନାଥାଉକି, ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା) ନୂତନ ଅନୁଦାନ ପ୍ରାପ୍ତ ଓ ପୂର୍ଣ୍ଣଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ କରିବା ନିମନ୍ତେ ଦୀର୍ଘଦିନରୁ ବିଗତ ଏବଂ ବର୍ତ୍ତମାନର ସରକାରଙ୍କ ଦୃଷ୍ଟିଆକର୍ଷଣ କରିଆସୁଥିଲେ । ଦୀର୍ଘ ୩୦ ବର୍ଷ ପରେ ପୂର୍ଣ୍ଣଅନୁଦାନ ପ୍ରାପ୍ତ ୬୧୦ ବର୍ଗର ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନିଯୁକ୍ତି ପ୍ରଦାନ କରାଯାଇଛି । କ୍ଷମତାକୁ ଆସିବା ପରେ ରାଜ୍ୟ ସରକାର ଶିକ୍ଷାନୀତିରେ ସଂସ୍କାର ଆଣିବା ସହିତ ଶିକ୍ଷକ ଅଭାବ କାରଣରୁ ବନ୍ଦ ହେବାକୁ ବସିଥିବା ଓଡ଼ିଶାର ସମସ୍ତ ପୂର୍ଣ୍ଣଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପାଇଁ ନିଯୁକ୍ତିମେଳା ମାଧ୍ୟମରେ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ଦୀର୍ଘଦିନ ଧରି ଏହିସବୁ ବିଦ୍ୟାଳୟ ଗୁଡ଼ିକରେ ନିଯୁକ୍ତି ବ୍ୟବସ୍ଥା ନଥିବାରୁ ପାଖାପାଖି ୩ ହଜାର ଶିକ୍ଷକ ପଦ ଖାଲିପଡ଼ିଥିଲା । ତେଣୁ ଏହି ବିଦ୍ୟାଳୟ ଗୁଡ଼ିକରୁ ଶିକ୍ଷକମାନେ ଅବସର ନେବାପରେ ବିଦ୍ୟାଳୟଗୁଡ଼ିକ ବନ୍ଦ ହେବା ସ୍ଥିତିକୁ ଚାଲି ଆସିଥିଲା । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଉତ୍କଟ ହେବାରେ ଲାଗିଥିଲା । ଅଧିକାଂଶ ବିଦ୍ୟାଳୟରେ ପିଅନ ଓ କିରାଣି ନଥିବା ବେଳେ ଗୋଟିଏ ଗୋଟିଏ ବିଦ୍ୟାଳୟରେ ଜଣେ କିମ୍ବା ଦୁଇଜଣ ଶିକ୍ଷକରେ ଶିକ୍ଷାଦାନ କାର୍ଯ୍ୟ ଚାଲି ଆସୁଥିଲା । କେତେକ ବିଦ୍ୟାଳୟରେ ସମସ୍ତ ଶିକ୍ଷକ ମଧ୍ୟ ଅବସର ନେଇସାରିଥିଲା ବେଳେ, କେଉଁଠି କେଉଁଠି କେବଳ ହିନ୍ଦୀ ଶିକ୍ଷକ, ଖେଳ ଶିକ୍ଷକ କିମ୍ବା ଅନ୍ୟ ବିଦ୍ୟାଳୟରୁ ଡ଼େପୁଟେସନ୍‌ରେ ଆସିଥିବା ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷାଦାନ କାର୍ଯ୍ୟ ଚାଲୁଥିଲା । ତେବେ ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ପରେ ଓଷ୍ଟାର ନେତୃତ୍ୱମାନଙ୍କ ସହ ବାରମ୍ବାର ସାକ୍ଷାତ ଆଲୋଚନା ଓ ଦାବି ଫଳରେ ଏହି ଶିକ୍ଷକ ଅଭାବକୁ ସୁଧାରିବା ପାଇଁ ସରକାର ଗୁରୁତର ସହିତ ବିଚାର କରି ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ୧୭୯୮ ଜଣ ବିଜ୍ଞାନ, କଳା, ହିନ୍ଦୀ, ସଂସ୍କୃତ ଓ ଖେଳ ଶିକ୍ଷକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ରାଜ୍ୟରେ ଥିବା ୨୬୦୮ଟି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଅବସର ନେଇଥିବା ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସ୍ଥାନରେ ନିଯୁକ୍ତିର ବ୍ୟବସ୍ଥା ନଥିବାରୁ ଏହି ବିଦ୍ୟାଳୟ ଗୁଡ଼ିକ ମଧ୍ୟ ଆଉ କିଛିଦିନ ପରେ ଶିକ୍ଷକ ଶୂନ୍ୟ ହୋଇଯିବ । ତେଣୁ ଏସ୍‌ଏସ୍‌ବି ମାଧ୍ୟମରେ ଏହି ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନିଯୁକ୍ତି ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇ ଆସୁଅଛି । ରାଜ୍ୟରେ ଦୀର୍ଘ ଦିନ ପରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ସ୍ଥାୟୀ ସମାଧାନ ପାଇଁ ସରକାର ନେଇଥିବା ଏହି ପଦକ୍ଷେପକୁ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସ୍ୱାଗତ କରିଛନ୍ତି ।

# ପାଚିକା ସହାୟିକା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ଏକ ୧୫ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏ ସମ୍ବନ୍ଧରେ ଏକ ଆଲୋଚନା ସାଧାରଣ ସଂପାଦିକା ମାଧବୀ କୁଳତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଅକ୍ଷୟ କୁମାର ମେହେର, ଭଜହରି ପ୍ରଧାନ, ଗଜେନ୍ଦ୍ରନାଥ ନାୟକ, କେଦାର ନାଥ ରାୟ ପ୍ରମୁଖ ଉପସ୍ଥିତ ରହି ପାଚିକା ମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସିକ ସର୍ବନିମ୍ନ ମଜୁରୀ ପ୍ରଦାନ, ୧୦ ମାସ ପରିବର୍ତ୍ତେ ୧୨ ମାସର ଦରମା ଦେବା, ମାସର ପ୍ରଥମ ସପ୍ତାହରେ ପାରିଶ୍ରମିକ ପ୍ରଦାନ କରିବା, ବର୍ଷକୁ ୨ ହଳ ଶାଢୀ ପ୍ରଦାନ ଓ ବୀମାଭୁକ୍ତ କରିବା ଆଦି ଦାବି ଗୁଡିକ ରହିଛି । ପାଚିକା ମାନଙ୍କର ବୟସସୀମା ୬୦ରୁ ୬୫କୁ ବୃଦ୍ଧି ଆଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ନୋଡାଲ୍ ଅଫିସର, ସମସ୍ତ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଛି ।

# କେନ୍ଦୁଝର ବ୍ରାହ୍ମଣ ମହାସଭାର ବୈଠକ

## ମାର୍ଚ୍ଚ ୧୦ରେ ନିଃଶୁଳ୍କ ସାମୁହିକ ବ୍ରତୋପନୟନ

**କେନ୍ଦୁଝର, ନ୍ୟୁଜ୍**

ସ୍ଥାନୀୟ ବାମ୍ପାର ସ୍ଥିତ କେନ୍ଦୁଝର ବ୍ରାହ୍ମଣ ମହାସଭା ସଭାଗୃହରେ ପରିଚାଳନା ପରିଷଦ ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ବ୍ରାହ୍ମଣ ମହାସଭାର ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଯାଇଛି । ଏହି ବୈଠକରେ ରାଜପୁରୋହିତ ତଥା କେନ୍ଦୁଝର ବ୍ରାହ୍ମଣ ମହାସଭାର ସମ୍ପାଦକ ପ୍ରସନ୍ନ କୁମାର ନନ୍ଦ ପ୍ରଥମେ ଉପସ୍ଥିତ ସଦସ୍ୟ ମାନଙ୍କୁ ସ୍ୱାଗତ କରିବା ଅବସରରେ ୨୦୨୫ ମସିହା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସହିତ ସମଗ୍ର ବ୍ରାହ୍ମଣ ସମାଜର ମଙ୍ଗଳ କମନା କରି ଶାନ୍ତି ମନ୍ତ୍ର ପାଠ କରିଥିଲେ । ଏହି ବୈଠକରେ କୋଷାଧ୍ୟକ୍ଷ ବିଭୂତି ଭୂଷଣ ଦାଶ ୨୦୨୪ ବର୍ଷର ବାର୍ଷିକ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ । ବୈଠକରେ ସମସ୍ତ ସଦସ୍ୟଙ୍କ ମତାମତ କ୍ରମେ ଗରିବ ତଥା ଆର୍ଥିକ ଅନାଟନ କାରଣରୁ ବ୍ରତ କରାଇ ପାରୁନଥିବା ବ୍ରାହ୍ମଣ ପରିବାରର ବାଳକ ମାନଙ୍କୁ ଆଗାମୀ ଅପ୍ରେଲ୍ ମାସ ୭ ତାରିଖ ରବିବାରରେ କେନ୍ଦୁଝର ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ନିଃଶୁଳ୍କ ବ୍ରତୋପନୟନ କାରାଯିବା ନିମନ୍ତେ ଦିନ ଧାର୍ଯ୍ୟ ସହିତ ନିଷ୍ପତ୍ତି କରାଗଲା । ଏଥିରେ ଜିଲ୍ଲା ତଥା ଜିଲ୍ଲା ବାହାରର ଇଚ୍ଛୁକ ପିତାମାତା ମାର୍ଚ୍ଚ ମାସ ୧୦ ତାରିଖ ମଧ୍ୟରେ ମହାସଭାର ସମ୍ପାଦକଙ୍କ ସହ ଫୋନ୍ ନମ୍ବର ୭୯୭୮୬୭୩୮୪୮ରେ ଯୋଗାଯୋଗ କରି ନିଜ ସନ୍ତାନ ମାନଙ୍କର ଆବଶ୍ୟକ ତଥ୍ୟ ଦେବା ନିମନ୍ତେ ଅନୁରୋଧ କରାଯାଇଛି । ସାମୁହିକ ବ୍ରତୋପନୟନର ସମସ୍ତ ଖର୍ଚ୍ଚ କେନ୍ଦୁଝର ବ୍ରାହ୍ମଣ ମହାସଭା କରିବା ସହିତ ବେଦଜ୍ଞ ବ୍ରାହ୍ମଣ ମାନଙ୍କ ଦ୍ୱାରା ସମ୍ପର୍ଣ୍ଣ କରାଯିବ ବୋଲି ସମ୍ପାଦକ ପ୍ରସନ୍ନ ନନ୍ଦ କହିଛନ୍ତି । ବୈଠକ ଶେଷରେ ଉପସଭାପତି ରଞ୍ଜନ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପରିଚାଳନା ପରିଷଦ ବୈଠକରେ ସହ ସମ୍ପାଦକ ଶମ୍ଭୁନାଥ ଦାଶ, ଲକ୍ଷ୍ମଣ କର, ରଞ୍ଜନ କୁମାର ଚକ୍ରବର୍ତ୍ତୀ, ଦାମୋଦର ନନ୍ଦ, ରାମଚନ୍ଦ୍ର ତ୍ରିପାଠୀ, ଅନନ୍ତ ବାସୁଦେବ ନନ୍ଦ, ହିମାଂଶୁ ଶେଖର ଦାଶ, ସଞ୍ଜୟ କୁମାର ପ୍ରହରାଜ, ତାପସ କୁମାର ନନ୍ଦ, ଦେବଦର୍ଶନ ଦାଶ, ସୁଧାଂଶୁ ଶେଖର ନନ୍ଦ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ସନାତନ ସ୍ମୃତି ସାହିତ୍ୟ ସଂସଦ ମୁଖପତ୍ର 'ଅର୍ପଣ'ର ଉନ୍ମୋଚନ ଉତ୍ସବ

# ପାଞ୍ଚ ଜଣଙ୍କୁ ରାଧାକୃଷ୍ଣ ସ୍ମୃତି ସମ୍ମାନ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସନାତନ ସ୍ମୃତି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଏବଂ ମୁଖପତ୍ର ଅର୍ପଣ ଉନ୍ମୋଚନ ସମେତ ଅଧ୍ୟାପକ ପରୀକ୍ଷିତ ସାହୁଙ୍କ ଅନ୍ଧ ମାଙ୍କଡ଼ ଓ ଅନ୍ୟାନ୍ୟ ପ୍ରବନ୍ଧ ପୁସ୍ତକ ପାଠକାର୍ପିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ଅଧ୍ୟାପକ ଡକ୍ଟର ଦୀନବନ୍ଧୁ ନନ୍ଦୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କବି ବଲ୍ଲଭ ରାଉତ, ମୁଖ୍ୟ ବକ୍ତା ଭାବେ ପ୍ରତିଷ୍ଠିତ ସାହିତ୍ୟିକ ଡାକ୍ତର ସୁରେନ୍ଦ୍ରନାଥ ଦାଶ, ସମ୍ମାନୀତ ବକ୍ତା ଭାବେ କବି ହିମାଂଶୁ ଆଚରୀ, ସମ୍ମାନୀତ ଅତିଥି ଭାବେ ବିଜୟ କୁମାର ଚୌଧୁରୀ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ରାମପ୍ରସାଦ ପାତ୍ର, ପ୍ରଫୁଲ୍ଲ କୁମାର ରାଉତ, ଶିକ୍ଷାବିତ ଲକ୍ଷ୍ମୀକାନ୍ତ ବାହିନୀପତି, ସମୀକ୍ଷକ ଭାବେ ଅଧ୍ୟାପକ ଗୋପାଳ ମହାରଣା ମଞ୍ଚାସୀନ ହୋଇଥଲେ । କବି ସାଗର ପରିଡା ଅତିଥି ପରିଚୟ ଦେଇଥିବା ବେଳେ ବ୍ୟଙ୍ଗ କବି ଶ୍ରୀମାନ ଅଖାଡୁଆ ଓରଫ୍ ଅଭିରାମ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ପାଞ୍ଚ ଜଣଙ୍କୁ ଯଥାକ୍ରମେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ସମାଜସେବୀ ହରମୋହନ ଦାସ, ଅଧ୍ୟାପକ ସୁଧାଂଶୁ ଶେଖର ପଟ୍ଟନାୟକ, ଅଧ୍ୟାପିକା ସସ୍ମିତା ଲତା ପାଢ଼ୀ, କବି ଚୈତନ୍ୟ ମଣ୍ଡଳଙ୍କୁ ସାହିତ୍ୟ ଓ ସମାଜସେବା କ୍ଷେତ୍ରର ପ୍ରତିଭାଧାରୀଙ୍କୁ ରାଧାକୃଷ୍ଣ ସ୍ମୃତି ସମ୍ମାନ ତାଙ୍କର ସୁପୁତ୍ର ଦେବେନ୍ଦ୍ରନାଥ ମିଶ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅନ୍ୟ ଆଠ ଜଣଙ୍କୁ ଯଥାକ୍ରମେ ସୁସାହିତ୍ୟିକ ବିଜୟ ଚୌଧୁରୀ, ଡକ୍ଟର ବିଜୟ କୁମାର ମିଶ୍ର, ଶିକ୍ଷାବିତ୍ ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ଡକ୍ଟର ଦିନବନ୍ଧୁ ନନ୍ଦୀ, ରମେଶ ଚନ୍ଦ୍ର ନାହାକ, ପ୍ରବନ୍ଧିକ ପୂର୍ଣ୍ଣଚନ୍ଦ୍ର ମିଶ୍ର, କବୀ ଏମ୍ ମଧୁଛନ୍ଦା, ସଂଗଠକ ରାମପ୍ରସାଦ ପାତ୍ରଙ୍କୁ ଅର୍ପଣ ସାରସ୍ୱତ ସମ୍ମାନ, ସାଇ ଅନୁଷ୍କା ମହାରଣାଙ୍କୁ ଅର୍ପଣ ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସଂସଦର ମୁଖ୍ୟ ଉପଦେଷ୍ଟା ମନୋରମା ମହାପାତ୍ରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏଥି ସହିତ ଭୋଜନ ବିରତି ପରେ ଦ୍ୱିତୀୟ ଅଧିବେଶନରେ ଏକ କ୍ଷୁଦ୍ର କବିତା ଅନୁଷ୍ଠିତ ହୋଇଯାଇଛି । ଏହି କବିତା ଆସରରେ ସଭାପତି ଶିକ୍ଷୟିତ୍ରୀ ମନୋରମା ମହାପାତ୍ର ସଭାପତି, ସମ୍ମାନୀତ ଅତିଥି ଭାବେ ପ୍ରଭାତୀ ଦେବନାଥ, ଶାନ୍ତିଲତା ମହାନ୍ତି, ମଞ୍ଚାସୀନ ହୋଇଥିବା ବେଳେ ସଂଯୋଜନା କରିଥିଲେ କବି ସ୍ୱାଗତିକା ସାହୁ, ଅନାମ ଚରଣ ସାହୁ, ପ୍ରଥମ ଅଧିବେଶନରେ କବି ସଂଗ୍ରାମ ପରିଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ, ଦ୍ୱିତୀୟ ଅଧିବେଶନରେ ଧନଞ୍ଜୟ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ସମ୍ପାଦକ ପରୀକ୍ଷିତ ସାହୁ ପରିଚାଳନା କରିଥିଲେ ।



# ବିଶ୍ୱ କର୍କଟ ଦିବସରେ ମହିଳାଙ୍କୁ ସଚେତନତା

## 'ମହିଳାମାନେ ସୁସ୍ଥ ରହିଲେ ସମାଜ ସୁସ୍ଥ ରହିବ'

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱରେ କର୍କଟ ରୋଗ ଦ୍ରୁତ ଗତିରେ ବଢ଼ି ଚାଲିଥିବା ବେଳେ ମହିଳା ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ଅହେତୁକ ଭାବରେ ବଢ଼ିଚାଲିଛି । ମହିଳାମାନେ ପରିବାରର ଯତ୍ନ ନେଉ ନେଉ ନିଜର ଯତ୍ନ ନେବାରେ ହେଳା କରିବା ହିଁ ଏହାର କାରଣ ବୋଲି ଜଣାପଡିଛି । ଏହି ପ୍ରସଙ୍ଗରେ ବାରିପଦାର ଏକ ସାମାଜିକ ସଂଗଠନ ବସୁନ୍ଧରା ଫାଉଣ୍ଡେସନ୍ କେୟାର ଚେରିଟେବଲ୍ ଟ୍ରଷ୍ଟ ପ୍ରୟାସ ଆରମ୍ଭ କରିଛି । ବସ୍ତି ବାସିନ୍ଦାର ମହିଳାଙ୍କୁ କିଭଳି କର୍କଟ ରୋଗ ଠାରୁ ଦୂରେଇ ରଖିହେବ ଓ ସେମାନେ କିପରି ନିଜ ଯତ୍ନ ନିଜେ ନେଇପାରିବେ ସେ ବାବଦରେ ସଚେତନତା ଅଭିଯାନ ଆରମ୍ଭ କରିଛି । ମଙ୍ଗଳବାର ଅପରାହ୍ନ ସମୟରେ ବାରିପଦା ସହରର ୨୦ ନମ୍ବର ୱାର୍ଡ ସୁନଗଡିଆରେ ଶତାଧିକ ମହିଳାଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଆମାନଙ୍କର ଜୀବନ ଶୈଳୀ, ଖାଦ୍ୟ, ସ୍ୱଚ୍ଛତା ଇତ୍ୟାଦିକୁ ଶୃଙ୍ଖଳିତ କରି କିଭଳି ସେମାନେ କର୍କଟ ଭଳି ଦୁରାରୋଗ୍ୟ ରୋଗରୁ ନିଜକୁ ତଥା ନିଜ ପରିବାରକୁ ରକ୍ଷା କରିପାରିବେ ତାହାର ଶିକ୍ଷା ଦେଇଛନ୍ତି ସଂସ୍ଥାର କାର୍ଯ୍ୟକର୍ତ୍ତା । ସଂଗଠନର ପ୍ରତ୍ୟେକ କାର୍ଯ୍ୟକ୍ରମ ଓ ସାମାଜିକ ବାର୍ତ୍ତାକୁ ମନେରଖିବା ଲାଗି ସବୁ କାର୍ଯ୍ୟକ୍ରମ ଶେଷରେ ଏକ ବୃକ୍ଷ ରୋପଣ କରିବାର ଧାରାକୁ ଏଠାରେ ମଧ୍ୟ ଦୋହରାଇଛନ୍ତି ସଂସ୍ଥାର ସଦସ୍ୟା ମାନେ । ପରିବେଶ ସହିତ ଘରର ମହିଳା ସୁସ୍ଥ ରହିଲେ ପୁରା ପରିବାର ସହିତ ସମାଜ ମଧ୍ୟ ସୁସ୍ଥ ରହିବ ବୋଲି କହିଛନ୍ତି ସଂଗଠନର ଅଧ୍ୟକ୍ଷା ଶୃତି ରାଉତରାୟ । ତେବେ ତାଙ୍କ ସହିତ ଟ୍ରଷ୍ଟର ସଦସ୍ୟ ଦୀପ୍ତିମୟୀ ଦାସ, ହିମାନି ଦାସ ପଟ୍ଟନାୟକ, ସରସ୍ୱତୀ ବେହେରା, ବିଷ୍ଣୁପ୍ରିୟା ମିସ୍ତ୍ରୀ, ଅନିତା ସେଠୀ ଓ ସ୍ଥାନୀୟ ଆଶା କର୍ମୀ ସହଯୋଗ କରିଥିବାର ଜଣାପଡିଛି ।






# ଜେଲ୍ ପରିଦର୍ଶନ କଲେ ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଜେଲ୍‌ରେ ଥିବା ବନ୍ଦୀ ମାନଙ୍କୁ ଦିଆଯାଉଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମକୁ ପରିଦର୍ଶନ କରିଛନ୍ତି ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଅଜୟ କୁମାର ଦାଶ । ଶ୍ରୀ ଦାଶ ସେଠାରେ ବନ୍ଦୀମାନଙ୍କୁ ଦିଆଯାଉଥିବା ଦୁଇଟି ବ୍ୟାଚ୍‌ର ତାଲିମ୍ କାର୍ଯ୍ୟକ୍ରମକୁ ପରିଦର୍ଶନ କରିବା ସହ ତାଲିମ୍ ପୁସ୍ତକ ବଣ୍ଟନ କରିଥିଲେ । ତାସହିତ ତାଲିମ୍ ନେଉଥିବା ବନ୍ଦୀମାନଙ୍କ ସହ ଆଲୋଚନା କରିଥିଲେ । ସେମାନେ ମୁକ୍ତ ହେବାପରେ ଉକ୍ତ ତାଲିମ୍‌ର ବିନିଯୋଗ କରି ରୋଜଗାର କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନ୍ୟାୟଧୀଶ ପ୍ରତାପ କୁମାର ପାତ୍ର, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜେନେରାଲ୍ ମ୍ୟାନେଜର, ଜିଲ୍ଲା ଶିଳ୍ପକେନ୍ଦ୍ର ଯୋଗେଶ୍ୱର ବିଶି ମଧ୍ୟ ଜିଲ୍ଲା କାରାଗାର ପରିଦର୍ଶନ କରିଥିଲେ ଏବଂ କଏଦୀ ମାନଙ୍କ ସହ ବାର୍ତ୍ତାଳାପ କରି ବହୁତ ଖୁସି ବ୍ୟକ୍ତ କରିଥିଲେ । ପ୍ରଶିକ୍ଷଣ ଦେଉଥିବା ସଂସ୍ଥା ବି.ଭି.ଜି. ଇଣ୍ଡିଆ ଲିମିଟେଡ୍ ତଥା କଏଦୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ଜିଲ୍ଲାପାଳଙ୍କ ପ୍ରସ୍ତାବ ମତେ ଏହିଭଳି ପ୍ରଶଂସନୀୟ ପ୍ରଚେଷ୍ଟା ପାଇଁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଅଜୟ କୁମାର ଦାଶଙ୍କୁ ଜିଲ୍ଲା ଜଜ୍ ଏବଂ ଜିଲ୍ଲାପାଳ ବହୁତ ପ୍ରଶଂସା କରିଥିଲେ । କାରାଗାରରୁ ମୁକ୍ତି ପାଇବା ପରେ ସେମାନଙ୍କ ପାଇଁ ୧୮୦୦୦/- ରୁ ୨୦୦୦୦ ହଜାର ମାସିକ ଦରମାରେ ନାମିଦାମୀ ମୋବାଇଲ୍ କମ୍ପାନୀରେ ନିଶ୍ଚିତ ନିଯୁକ୍ତିର ବ୍ୟବସ୍ଥା ଅଛି ।

# ଡିଆର୍‌ପି ଡାକ୍ତରଙ୍କ ଭରସାରେ ଚାଲିଛି ସିଟି ହସ୍‌ପିଟାଲ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ବ୍ରହ୍ମପୁର ସିଟି ହସ୍‌ପିଟାଲ୍‌ରେ ରୋଗୀଙ୍କ ଚିକିତ୍ସାରେ ଗୁରୁତର ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି । ଏନେଇ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ କେହି କର୍ଣ୍ଣପାତ କରୁନଥିବା ପରିଲକ୍ଷିତ ହୋଇଛି । ଯାହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ରୋଗୀମାନେ ଉତ୍ତମ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି । ସିଟି ହସ୍‌ପିଟାଲ୍ ଉପରେ ବ୍ରହ୍ମପୁର ସହର ସମେତ ପ୍ରାୟ ୨୦ ରୁ ୩୦ କି.ମି. ଦୂରଦୂରାନ୍ତର ରୋଗୀ ନିର୍ଭର କରିଥାନ୍ତି । ହସ୍‌ପିଟାଲ୍‌ରେ ୧୦ରୁ ଅଧିକ ବିଭାଗ ରହିଥିବା ବେଳେ ପ୍ରତ୍ୟେକ ଦିନ ୧୨ ଶହରୁ ୧୪ ଶହ ପର୍ଯ୍ୟନ୍ତ ରୋଗୀ ଓପିଡ଼ିକୁ ଚିକିତ୍ସା ନିମନ୍ତେ ଆସିଥାନ୍ତି । ଏଥିପାଇଁ ମେଡ଼ିକାଲ୍‌ର ବିଭିନ୍ନ ବିଭାଗରେ ଏକାଧିକ ବରିଷ୍ଠ ଡାକ୍ତର ନିୟୋଜିତ ଅଛନ୍ତି । ପୂର୍ବାହ୍ନ ୮ଟା ଠାରୁ ୧୨ଟା ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଓପିଡ଼ି ସମୟ ରହିଛି । ଉକ୍ତ ସମୟରେ ବିଭିନ୍ନ ବିଭାଗର ଡାକ୍ତରମାନେ ମେଡ଼ିକାଲ୍‌ରେ ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇବାର ନିୟମ ରହିଛି । କିନ୍ତୁ ସିଟି ହସ୍‌ପିଟାଲ୍‌ରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ ତଥା ବ୍ୟତିକ୍ରମ ହେଉଥିବା ଅଭିଯୋଗ ହେଉଛି । ପୂର୍ବାହ୍ନ ସମୟରେ ଓପିଡ଼ି ବିଭାଗରେ ବରିଷ୍ଠଙ୍କ ସମେତ ଅନ୍ୟ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା କରୁଥିଲେ ହେଁ ଅନେକ ବିଳମ୍ବରେ ଆସୁଥିବା ଅଭିଯୋଗ ହୋଇଛି । ତେବେ ଅପରାହ୍ନରେ ମେଡ଼ିକାଲ୍ ଓପିଡ଼ିର ଏକାଧିକ ବିଭାଗରେ ବରିଷ୍ଠ ଡାକ୍ତରମାନେ ଅନୁପସ୍ଥିତ ରହୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି । ଫଳରେ ଡାକ୍ତରଖାନାର ଓପିଡ଼ିରେ ଅପରାହ୍ନ ସମୟରେ ବରିଷ୍ଠ ତଥା ଅଭିଜ୍ଞ ଡାକ୍ତରଙ୍କ ସ୍ଥାନରେ ଡିଷ୍ଟ୍ରିକ୍ଟ ରେସିଡ଼େନ୍ସି ପୋଗ୍ରାମ୍‌ରେ ନିୟୋଜିତ ଡାକ୍ତର ଛାତ୍ରଛାତ୍ରୀ ରୋଗୀଙ୍କ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି । ଜାତୀୟ ମେଡ଼ିକାଲ୍ କାଉନ୍‌ସିଲ୍ ନିୟମ ତଥା ଡିଆର୍‌ପି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ମେଡ଼ିକାଲ୍ କଲେଜରେ ଛାତ୍ରଛାତ୍ରୀ ପାଇଁ ଏହା ୩ ମାସର ଆବାସିକ ତାଲିମ୍ କାର୍ଯ୍ୟକ୍ରମ ଅଟେ । ଉକ୍ତ କାର୍ଯ୍ୟକ୍ରମ ଜରିଆରେ ସିଟି ହସ୍‌ପିଟାଲ୍‌ର ବିଭିନ୍ନ ବିଭାଗରେ ସ୍ନାତକୋତର ଡ଼ାକ୍ତରୀ ଛାତ୍ରଛାତ୍ରୀ ରୋଗୀ ଚିକିତ୍ସା ଯୋଗାଉଛନ୍ତି । ଏହାର ସୁଯୋଗ ନେଇ ହସ୍‌ପିଟାଲ୍‌ର ବହୁ ବିଭାଗର ବରିଷ୍ଠ ଡାକ୍ତରମାନେ ଅପରାହ୍ନ ସମୟରେ ଓପିଡ଼ିରେ ଅନୁପସ୍ଥିତ ରହୁଥିବା ଜଣାପଡ଼ିଛି । ଫଳରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଉତ୍ତମ ଚିକିତ୍ସାରୁ ବଞ୍ଚିତ ହେଉଥିବା ଅଭିଯାଗ ହୋଇଛି । ସମସ୍ୟା ସମ୍ପର୍କରେ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ସହିତ ଆଲୋଚନା କରି ରୋଗୀଙ୍କୁ କିଭଳି ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଇପାରିବ ସେନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି ସିଟି ହସ୍‌ପିଟାଲ୍‌ର ଅଧିକ୍ଷକ ଡାକ୍ତର ବିଶ୍ୱମ୍ବର ବେହେରା ।

# ଓଡ଼ିଶାରୁ ବିଦାୟ ନେଲେ ଭାରତ-ଇଂଲଣ୍ଡ ଖେଳାଳି



**ଭୁବନେଶ୍ୱର**

କଟକ ବାରବାଟୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଅଧିନାୟକ ରୋହିତ ଶର୍ମାଙ୍କ ବିସ୍ଫୋରକ ଶତକ ବଳରେ ଭାରତ ୪ ଉଇକେଟରେ ବିଜୟୀ ହୋଇ ସିରିଜ୍ କବ୍‌ଜା କରିଛି। ସୋମବାର ଓଡ଼ିଶା ଗସ୍ତ ଶେଷ କରି ଭାରତ ଏବଂ ଇଂଲଣ୍ଡ ଦଳର ଖେଳାଳି ଭୁବନେଶ୍ୱର ଛାଡ଼ି ଅହମ୍ମଦାବାଦ ଅଭିମୁଖେ ବାହାରି ଯାଇଥିଲେ। ଉଭୟ ଦେଶର ଖେଳାଳି ହୋଟେଲରୁ ଏକ ସ୍ୱତନ୍ତ୍ର ବସ୍‌ରେ ବାହାରି ବିମାନବନ୍ଦର ଅଭିମୁଖେ ବାହାରିଥିଲେ। ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ଉଭୟ ଦଳର ଖେଳାଳି ଅହମ୍ମଦାବାଦ ଯାଇଥିଲେ।

ଚଳିତ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ଖେଳାଯିବ। ଖେଳାଳିଙ୍କ ଯିବା ବେଳେ ଟିକିଏ ଝଲକ୍ ପାଇବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଦର୍ଶକଙ୍କ ଭିଡ଼ ଜମିଥିଲା। ଏପରିକି ଖେଳାଳିଙ୍କ ଯିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

# କଟକରେ ୩ ବଡ଼ ରେକର୍ଡ କଲେ ହିଟ୍‌ମ୍ୟାନ୍ : ଭାଙ୍ଗିଲେ ଅନେକ କିମ୍ବଦନ୍ତୀଙ୍କ ରେକର୍ଡ

**କଟକ**

ଭାରତୀୟ ଅଧିନାୟକ ରୋହିତ ଶର୍ମା ତାଙ୍କର ବିସ୍ଫୋରକ ବ୍ୟାଟିଂ ପାଇଁ ପ୍ରସିଦ୍ଧ। ସେ କଟକରେ ପୁଣି ଥରେ ତାହା ପ୍ରମାଣ କରି ଦେଖାଇଛନ୍ତି। ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଦିନିକିଆରେ ସର୍ବାଧିକ ରନ ସ୍କୋର କରିବାରେ ଚତୁର୍ଥ ଭାରତୀୟ ବ୍ୟାଟ୍‌ସମ୍ୟାନ ହୋଇଛନ୍ତି। ରୋହିତ ଏହି ମାମଲାରେ ପୂର୍ବତନ ଅଧିନାୟକ ତଥା ପୂର୍ବତନ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ଼ଙ୍କୁ ପଛରେ ପକାଇ ଦେଇଛନ୍ତି। ରୋହିତ ବହୁତ ଦିନ ପରେ ଫର୍ମରେ ଥିବା ଦେଖାଯାଉଥିଲେ ଏବଂ ୩୦ ବଲ୍‌ରେ ତାଙ୍କ କ୍ୟାରିୟରର ୫୮ତମ ଅର୍ଦ୍ଧଶତକ ହାସଲ କରିଥିଲେ। ରୋହିତ ତାଙ୍କର ଦୃଢ଼ ଇନିଂସ ସହାୟତାରେ ଦ୍ରାବିଡ଼ଙ୍କୁ ପଛରେ ପକାଇବାରେ ସଫଳ ହୋଇଥିଲେ।

ଏହି ମ୍ୟାଚ୍ ପୂର୍ବରୁ, ରୋହିତଙ୍କୁ ଦ୍ରାବିଡ଼ଙ୍କୁ ଅତିକ୍ରମ କରିବା ପାଇଁ ୨୨ ରନ ଆବଶ୍ୟକ ଥିଲା ଏବଂ ସେ ପଞ୍ଚମ ଓଭରରେ ସାକିବ ମେହମୁଦ୍‌ଙ୍କ ବଲରେ ଛକା ମାରି ଏହି ସଫଳତା ହାସଲ କରିଥିଲେ। ରୋହିତ ଏବେ ଏହି ତାଲିକାରେ ଚତୁର୍ଥ ସ୍ଥାନରେ ଅଛନ୍ତି ଏବଂ ତାଙ୍କ ଆଗରେ ସଚିନ ତେନ୍ଦୁଲକର, ବିରାଟ କୋହଲି ଏବଂ ସୌରଭ ଗାଙ୍ଗୁଲି ଅଛନ୍ତି।



ସର୍ବାଧିକ ରନ୍ ତାଲିକା : ସଚିନ ତେନ୍ଦୁଲକର ୧୮୪୨୬, ବିରାଟ କୋହଲି ୧୩୯୦୬, ସୌରଭ ଗାଙ୍ଗୁଲି ୧୧୩୬୩, ରୋହିତ ଶର୍ମା ୧୦୮୯୪, ରାହୁଲ ଦ୍ରାବିଡ଼ ୧୦୮୮୯।

ରୋହିତ ଇଂଲଣ୍ଡ ବିପକ୍ଷରେ ୩୦ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ, ଯାହା ତାଙ୍କର ଦିନିକିଆରେ ଚତୁର୍ଥ ଦ୍ରୁତତମ ଅର୍ଦ୍ଧଶତକ। ରୋହିତ ୨୦୨୨ରେ ବାଂଲାଦେଶ ବିପକ୍ଷରେ ୨୭ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ, ଯାହା ଏହି ଫର୍ମାଟରେ ତାଙ୍କର ଦ୍ରୁତତମ ଅର୍ଦ୍ଧଶତକ ଥିଲା। ସେହିପରି ଗତ ବର୍ଷ ସେ ଶ୍ରୀଲଙ୍କା ବିପକ୍ଷରେ ୨୯ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେହି ସମୟରେ, ୨୦୨୩ରେ, ସେ ଆଫଗାନିସ୍ତାନ ବିପକ୍ଷରେ ୩୦ ବଲରେ ଏକ ଅର୍ଦ୍ଧଶତକ ମାରିଥିଲେ।

ରୋହିତ ଦିନିକିଆରେ ସର୍ବାଧିକ ଛକା ମାରିବା ମାମଲାରେ ଓ୍ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ ବ୍ୟାଟ୍‌ସମ୍ୟାନ କ୍ରିସ୍ ଗେଲ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ରୋହିତ ଇନିଂସର ଦ୍ୱିତୀୟ ଛକା ମାରିବା ମାତ୍ରେ ସେ ଗେଲ୍‌ଙ୍କ ପଛରେ ପକାଇଥିଲେ। ରୋହିତ ଦିନିକିଆରେ ସର୍ବାଧିକ ଛକା ମାରିବାରେ ଦ୍ୱିତୀୟ ବ୍ୟାଟ୍‌ସମ୍ୟାନ ହୋଇଛନ୍ତି। ତାଙ୍କ ଆଗରେ କେବଳ ଶାହିଦ ଆଫ୍ରିଦି ଅଛନ୍ତି, ଯିଏ ଏହି ଫର୍ମାଟରେ ୩୫୧ଟି ଛକା ମାରିଛନ୍ତି। ଗେଲ୍ ତାଙ୍କ କ୍ୟାରିୟରରେ ୩୩୧ଟି ଦିନିକିଆ ଛକା ମାରିଥିଲେ, ଯେତେବେଳେ ରୋହିତ ଏପର୍ଯ୍ୟନ୍ତ ୩୩୫ଟି ଛକା ମାରିଛନ୍ତି।

ରୋହିତ କିଛି ଦିନି ହେବ ଖରାପ ଫର୍ମରେ ଥିଲେ। ରୋହିତ ପ୍ରଥମ ଦିନିକିଆରେ କେବଳ ଦୁଇଟି ରନ କରିପାରିଥିଲେ ଏବଂ ଗତବର୍ଷ କଲମ୍ବୋରେ ଶ୍ରୀଲଙ୍କା ବିପକ୍ଷରେ ୬୪ ରନ କରିବା ପରଠାରୁ ମୁମ୍ବାଇର ଏହି ବ୍ୟାଟ୍‌ସମ୍ୟାନ କୌଣସି ଫର୍ମାଟରେ ଅର୍ଦ୍ଧଶତକ ହାସଲ କରିନାହାନ୍ତି। କଟକରେ ରୋହିତ ଏକ ଭିନ୍ନ ରୂପରେ ନଜର ଆସିଥିଲେ। ଅଷ୍ଟ୍ରେଲିଆ ଗସ୍ତରେ ରୋହିତ ପୂର୍ବରୁ ପ୍ରଭାବିତ କରିପାରି ନ ଥିଲେ। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ରୋହିତ ରଣଜୀ ଟ୍ରଫିରେ ଖେଳିବାକୁ ନିଷ୍ପତ୍ତି ନେଇଥିଲେ, କିନ୍ତୁ ସେଠାରେ ମଧ୍ୟ ସେ ବିଫଳ ହୋଇଥିଲେ। ତଥାପି, ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ, ଭାରତୀୟ ଅଧିନାୟକ ଫର୍ମ ଫେରି ପାଇଥିଲେ ଯାହା ପାଇଁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଥିଲେ।

# ମା’ ସୁବର୍ଣ୍ଣମୁଖୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମିରେ ଆଇଡିଆଲ ୟୁନିଅନ ସ୍ପୋର୍ଟିଂ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ୍ ଦୋବଲ ପଞ୍ଚାୟତ ସୋଧ ଧରମପଡ଼ିଆ ଠାରେ ୟଙ୍ଗଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ମା’ ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଚତୁର୍ଥ କ୍ୱାର୍ଟର ମ୍ୟାଚ୍ ସାଳନ୍ଦୀ କ୍ରିକେଟ କ୍ଲବ୍ ଭଦ୍ରକ ସହ ଆଇଡିଆଲ ୟୁନିଅନ ସ୍ପୋର୍ଟିଂ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଆଇଡିଆଲ ସ୍ପୋର୍ଟିଂ ବିଜୟ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ସାଳନ୍ଦୀ କ୍ଲବ୍ ଟସ୍ ଜିତି ୨୦ ଓଭରରେ ୬ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଅମିର ଖାଁ ୩୩ ରନ, ଅମ୍ଲାନ ମହାକୁଡ଼ ୨୪ ରନ କରିଥିଲେ। ବିପକ୍ଷ ବୋଲର କମଳାକାନ୍ତ ଦାସ ୪ ଓଭର କରି ୨ ୱିକେଟ ନେଇଥିଲେ। ଜବାବରେ ଆଇଡିଆଲ ୟୁନିୟନ ୧୯ ଓଭରରେ ୬ ୱିକେଟ ହରାଇ ୧୪୯ ରନ ସଂଗ୍ରହ କରି ବିଜୟ ହୋଇଥିଲା। ଦଳର ଆଶିଷ କମଲେ ୩୮ ରନ, ସୂର୍ଯ୍ୟକାନ୍ତ ବଳ ୩୫ ରନ କରିଥିଲେ। ପ୍ରତିପକ୍ଷ ବୋଲର ଅମିର୍ ଖାଁ ୪ ଓଭରରେ ୪ ଉଇକେଟ, ଗଣେଶ ବିନ୍ଧାଣି ୪ ଓଭରରେ ୨ ୱିକେଟ ନେଇଥିଲେ। ଅମ୍ପାୟାର ଭାବେ ରାଜେନ୍ଦ୍ର ମହାରଣା ଓ ବିବେକାନନ୍ଦ ସାମଲ ଖେଳ ପରିଚାଳନା କରିଥିଲେ। ସ୍କୋରାର ଥିଲେ ପ୍ରଦୀପ ଆନ୍ଦିଆ, ପ୍ରଦୀପ ବେହେରା, ଧାରାବିବରଣୀ ପ୍ରଦାନ କରିଥିଲେ ସମୀର ସାହୁ, ଭୋଲାନାଥ ସାହୁ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ କେସିଏ ଧାମନଗର ସହିତ ୱାରିଅରସ କ୍ଲବ୍ ଚନ୍ଦନପୁର ମଧ୍ୟରେ ଅନୁଷ୍ଠିତ ହେବ।

# ସର୍ବ ଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଇଷ୍ଟକୋଷ୍ଟ ରେଲୱେ ବିଜୟୀ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଦେହୁର୍ଦ୍ଦି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ପଡ଼ିଆରେ ସ୍ଥାନୀୟ ଭଗବତୀ ଯୁବକ ସଂଘ ପକ୍ଷରୁ ସର୍ବ ଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଯାଜପୁରର ଇଲେଭେନ ଷ୍ଟାର କ୍ରିକେଟ ଦଳକୁ ହରାଇ ଭଦ୍ରକର ଇଷ୍ଟକୋଷ୍ଟ ରେଲୱେ ବିଜୟ ହୋଇଛି। ପ୍ରଥମେ ଇଲେଭେନ ଷ୍ଟାର ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୧୦ ୱିକେଟ ହରାଇ ୧୬୯ ରନ କରିଥିଲା। ଦଳ ପକ୍ଷରୁ ବିକ୍ରମ ସାମଲ ସର୍ବାଧିକ ୫୬ ରନ କରିଥିଲେ। ପ୍ରତିପକ୍ଷ ବୋଲର ମୁରୁମୁନ ତ୍ରିପାଠୀ ୩ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଇଷ୍ଟକୋଷ୍ଟ ରେଲୱେ ୨୧.୪ ଓଭରରେ ୫ ୱିକେଟ ହରାଇ ୧୭୨ ରନ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ଶ୍ରେୟାଂଶୁ ପଲାଇ ସର୍ବାଧିକ ୪୭ ରନ କରିଥିବା ବେଳେ ବିପକ୍ଷ ଦଳର ବର୍ମାନ ଶର୍ମା ୩ ୱିକେଟ ଅକ୍ତିଆର କରିଥିଲେ। ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ଜ୍ୟୋତିପ୍ରକାଶ ମଲ୍ଲିକ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଜଗବନ୍ଧୁ ସାହୁ ଓ ବଳରାମ ସାହୁ ସ୍କୋରର ଥିବା ବେଳେ ନିହାର ରଞ୍ଜନ ବେହେରା ଅନ୍‌ଲାଇନ ସ୍କୋରର ଏବଂ ଜ୍ଞାନରଞ୍ଜନ ଘଡ଼େଇ ଧାରା-ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଧାମନଗର ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ମିନାରାଣୀ ମାଝୀ, ଯୁବ ନେତା ଅଭିଷେକ ରାଉତ, ପ୍ରତାପ ସାମଲ, ଉମେଶ ମହାନ୍ତି, ସଚୀକାନ୍ତ ପଣ୍ଡା, ନାରାୟଣ ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ।

# ରାହୁଲଙ୍କୁ ବରବାଦ୍ କରିସାରିଲେଣି ଗୌତମ ଗମ୍ଭୀର : କେ. ଶ୍ରୀକାନ୍ତ

**ନୂଆଦିଲ୍ଲୀ**

ରାହୁଲଙ୍କୁ ବରବାଦ୍ କରିସାରିଲେଣି ଗୌତମ ଗମ୍ଭୀର। ଏଭଳି ଅଭିଯୋଗ ଆଣିଛନ୍ତି ପୂର୍ବତନ କ୍ରିକେଟର କେ. ଶ୍ରୀକାନ୍ତ। ଗମ୍ଭୀରଙ୍କ ରଣନୀତି ପାଇଁ ରାହୁଲ ଫ୍ଲପ୍ ହେଉଛନ୍ତି ଏବଂ ସେ ତାଙ୍କ କ୍ୟାରିୟର ନଷ୍ଟ କରିଦେବାରେ ଲାଗିପଡ଼ିଛନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି। ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ୨ଟି ମ୍ୟାଚ୍‌ରେ ରାହୁଲ ଫ୍ଲପ୍ ହୋଇଛନ୍ତି। ଏହାକୁ ନେଇ ରାହୁଲଙ୍କ ଫର୍ମକୁ ନେଇ ପ୍ରଶ୍ନ ଉଠିଛି।

ରାହୁଲଙ୍କ ପ୍ରଥମ ୨ଟି ମ୍ୟାଚ୍‌ରେ ଷଷ୍ଠ ସ୍ଥାନରେ ବ୍ୟାଟିଂ କରିବାର ସୁଯୋଗ ମିଳିଥିଲା। ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଶ୍ରୀକାନ୍ତ। ସେ କହିଛନ୍ତି, ରାହୁଲଙ୍କ ପାଇଁ ମୋତେ ବ୍ୟକ୍ତିଗତ ଭାବେ ଖରାପ ଲାଗୁଛି। ଅକ୍ଷର ପଟେଲ ଭଲ ଖେଳୁଛନ୍ତି କିନ୍ତୁ ଗମ୍ଭୀର ରାହୁଲଙ୍କ ସହ ଯାହା କରୁଛନ୍ତି ତାହା ଠିକ୍ ନୁହେଁ। ରାହୁଲ ପଞ୍ଚମ ସ୍ଥାନରେ ବ୍ୟାଟିଂ କରିବା ସବୁଠୁ ଉପଯୁକ୍ତ। ଏହି ସ୍ଥାନରେ ବ୍ୟାଟିଂ କରି ସେ ଅନେକ ରନ୍ ମଧ୍ୟ ସ୍କୋର କରିଛନ୍ତି। କିନ୍ତୁ ମୁଁ ବୁଝିପାରୁ ନାହିଁ ଟିମ୍ ମ୍ୟାନେଜ୍‌ମେଣ୍ଟ ତାଙ୍କୁ ଏଭଳି କାହିଁକି କରୁଛି। ତାଙ୍କ ପଞ୍ଚମ ସ୍ଥାନ ବଦଳରେ ଷଷ୍ଠ ସ୍ଥାନରେ କାହିଁକି ପଠାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।



ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ରାହୁଲଙ୍କ ଭଳି ଖେଳାଳି ଫର୍ମକୁ ଫେରିବା ଜରୁରୀ। ଟପ୍-୪ରେ ଲେଫ୍ଟ-ରାଇଟ୍ କମ୍ବିନେସନ୍ ଆବଶ୍ୟକ। କିନ୍ତୁ ରାହୁଲଙ୍କ ସହ ପରୀକ୍ଷାନିରୀକ୍ଷା କରିବା ଠିକ୍ ନୁହେଁ। ଯଦି ଏମିତି କରିବାର ଅଛି, ତେବେ ରାହୁଲଙ୍କୁ ଟିମ୍‌ରୁ ବାହାର କରି ରିଷଭ ପନ୍ତଙ୍କୁ ସୁଯୋଗ ଦେବା ଉଚିତ୍ ବୋଲି ଶ୍ରୀକାନ୍ତ କହିଛନ୍ତି।

# ବିଶ୍ୱଶାନ୍ତି ପାଇଁ ସାଇକେଲ ଶୋଭାଯାତ୍ରା

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

କେରଙ୍ଗ ଅହମଦୀୟା ମୁସଲିମ୍ ସଂଗଠନର ଆନ୍ତଃ ସଂଗଠନ ମଜଲିସ ଅନସାରୁଲ୍ଲାଃ ପକ୍ଷରୁ ବିଶ୍ୱଶାନ୍ତି ଓ ବିଶ୍ୱ ଭାଇଚାରା ତଥା ତୃତୀୟ ବିଶ୍ୱଯୁଦ୍ଧ ନହେବା ପାଇଁ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ସାମୂହିକ ନୀରବ ପ୍ରାର୍ଥନା ସହ ଆରମ୍ଭ କରା ଯାଇଥିଲା। ଏହି ଶୋଭାଯାତ୍ରା କେରଙ୍ଗ ବଜାରରୁ ଆରମ୍ଭ ହୋଇ କୁଣ୍ଡିଲୋ, ଠାକୁର ପଡ଼ା, ବରସହି, କୁମ୍ଭିଲୋ ହୋଇ କେରଙ୍ଗ ଜାମେ ମସଜିଦ୍ ଠାରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରାର ଆଭିମୁଖ୍ୟ ହେଲା ବିଶ୍ୱରେ ସ୍ଥାୟୀ ଶାନ୍ତି ସ୍ଥାପନା କରିବା, ବିଶ୍ୱ ଭାଇଚାରା ପ୍ରତିଷ୍ଠା କରିବା ଏବଂ ବିଶ୍ୱ ଯୁଦ୍ଧ ଜନିତ ଭୟାବହ ଧ୍ୱଂସଲିଳାରୁ ମାନବ ସମାଜକୁ ବର୍ତ୍ତିବା ପାଇଁ ଜନ ସଚେତନ ସୃଷ୍ଟି କରିବା। ଏହି ଶୋଭା ଯାତ୍ରାରେ ମଜଲିସ ଅନସାରୁଲ୍ଲାଃ କମିଟିର ମୁଖ୍ୟ ଅମଜାଦ ଖାଁ, ମୌଲାନା ମିର ଅବଦୁଲ ହଫିଜ, କିଶନ ଅହମଦ, ସଗିରୁଦ୍ଦିନ, ଓଲିମୁଦ୍ଦିନ, ଅଲିଉଦ୍ଦିନ, ଅବଦୁଲ ଲତିଫ, ସୋଏବ ଖାଁ, ଓସିମ୍ ଅହମଦ, ଓହିଦ ଖାଁଙ୍କ ସହ ୭୦ଜଣ ଏହି ରାଲିରେ ଯୋଗ ଦେଇ ଥିଲେ। ଏହି ରାଲିରେ ପ୍ରେମ ସଭିଁଙ୍କ ପାଇଁ, ଘୃଣା କାହାକୁ ନାହିଁ, ବୃକ୍ଷ ହିଁ ସମ୍ପଦ, ସଡ଼କ ସୁରକ୍ଷା, ବିଶ୍ୱ ଶାନ୍ତି ଚାହେଁ ଯୁଦ୍ଧ ନୁହେଁ ପରି ସଚେତନତାର ବ୍ୟାନର ଧରି ଭ୍ରମଣ କରିଥିଲେ। ଏହି ଶୋଭାଯାତ୍ରାକୁ ଦେଖି ବୁଦ୍ଧିଜୀବୀମାନେ ବହୁତ ପ୍ରଶଂସା କରିଥିଲେ।



GOVERNMENT OF ODISHA
Panchayat Samiti, Bhawanipatna
E-Procurement Notice
Bid Identification No. PS BPT.T- 2/2024-25 i-

| | | |
|---|---|---|
| 1. No. of the work | : | Building works 15 nos. |
| 2. Estimated cost | : | Rs. 9.79 lakh to Rs 24.36 lakh |
| 3. Class of Contractor | : | "C & D" |
| 4. Period of completion | : | 6 months |
| 5. Date and time of availability of bid document in the portal | : | 11.00 hrs of 11.02.2025 to 17 00 hrs of 11.00 hrs of 27.02.2025 |
| 6. Last date/Time for receipt of bid in the portal | : | 17.00hour of 27.02.2025 |
| 7. Name and address of the Officer Inviting Bld | : | Block Development Officer, Bhawanipatna |
| 8. Date & Venue of Opening of the Single Cover Bid and Technical Bid (Cover 1). | : | On 28.02.7025 at 11.00 AM in the office of the Panchayat Samiti, Bhawanipatna |

Further details can be seen from the e-procurement portal https://tendersodisha.gov.in

Sd/- Block Development Officer
Bhawanipatna
OIPR-19212/11/0001/2425

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ କଳାହାଣ୍ଡି A-1038
OFFICE OF THE SUPERINTENDING ENGINEER
MINOR IRRIGATION DIVISION KALAHANDI, BHAWANIPATNA, PIN- 766001
email-eemlkldbpt@gmall.com
Letter no. 456 Date.07.02.2025
1st Corrigendum Notlco vide TCN No.08/2024-25
There are some changes in Tender value & EMD amount for Tender call Notice No **TCN No.08 of 2024-25** for Sl No 3 as details below due to some unavoidable circumstances
**Name of the Work:- Improvement to Manjharl Check Dam (KA-03-0066) near village Manjhari In Golamunda Block of Kalahandl district under imp.to check Dam scheme for the year 2024-25 Sl No.3**

| Description | Amount as per Notice (Column No.3) | Modified amount (Column No.4) |
|---|---|---|
| Approx Estd cost Rs in Lakh | 5.08 Lakh | 6.08 Lakh |
| Bid Security @ 1% of Estd. Cost (In Rs.) (Online) | 5100.00 | 6100.00 |

** Other Terms & Condition remain unchanged.
Sd/- Superintending Engineer
MI Division Kalahandi, Bhawanipatna
OIPR-32035/11/0013/2425

# କ୍ଲଷ୍ଟରସ୍ତରୀୟ ୩୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ୍ ମୁଣ୍ଡାପଡ଼ା ଖେଳ ପଡ଼ିଆ ଠାରେ ମୁଣ୍ଡାପଡ଼ା ଆଞ୍ଚଳିକ ସାଧନକେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୨ ଦିନ ଧରି ଚାଲିଥିବା ୩୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ବୌଦ୍ଧ ପଞ୍ଚାୟତ ମହା-ବିଦ୍ୟାଳୟ ଅଧ୍ୟାପକ ପ୍ରବୀର କୁମାର ଦାସ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା କାର୍ଡର ସମ୍ପାଦକ ଧର୍ମୁଧର ପୋଢ଼, ମୁଣ୍ଡାପଡ଼ା ପଞ୍ଚାୟତ ନାଏବ ସରପଞ୍ଚ ସୁମନ୍ତ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ୱାକୋ ଇଣ୍ଡିଆ ଅନ୍ତର୍ଜାତୀୟ କିକ୍ ବକ୍ସିଂରେ ବଲାଙ୍ଗିର ଖେଳାଳିଙ୍କ ସଫଳତା

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ଦିଲ୍ଲୀର କେଡି ଯାଦବ ଇନ୍‌ଡୋର ଷ୍ଟାଡିୟମର ଇନ୍ଦିରା ଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଫେବୃୟାରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୱାକୋ ଇଣ୍ଡିଆ ଆନ୍ତର୍ଜାତୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍‌ରେ ବଲାଙ୍ଗିର ଜିଲ୍ଲା ଶେଖର କିକ୍ ବକ୍ସିଂ ଏକାଡେମୀର ମୁରଲି ମହାକୁର (୮୯ କେଜି) ବର୍ଗର ଦୁଇଟି କାଂସ୍ୟ ପଦକ ଓ କ୍ରିଷ୍ଣା ସେଠ (୫୭ କେଜି) ବର୍ଗର ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି। ଏହି ଅନ୍ତର୍ଜାତୀୟ କିକ୍ ବକ୍ସିଂ ଚାମ୍ପିୟାନସିପ୍‌ରେ ଚନ୍ଦ୍ର ଶେଖର ସେଠ ତାତାମି ରେଫରି ଭାବରେ ଅଂଶଗ୍ରହଣ କରିଥିଲେ। ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ, ଓଡ଼ିଶା ଆମେଚର କିକ୍ ବକ୍ସିଂ ସଂଘର ସଭାପତି କାର୍ତ୍ତିକ ଡାକୁଆ, ବଲାଙ୍ଗିର ଜିଲ୍ଲା ଆମେଚର କିକ୍ ବକ୍ସିଂ ସଂଘର ସଭାପତି ଅଯୋଧ୍ୟା ମିଶ୍ର, ସଂପାଦକ ଭଗବାନ କୁମ୍ଭାର ଓ ବଲାଙ୍ଗିର କରାଟେ ସଂଘର ସଂପାଦକ ହୃଦୟ ଶବର, ଶେଖର କିକ୍ ବକ୍ସିଂ ଏକାଡ଼େମୀର ସଦସ୍ୟ ସୁରେନ୍ଦ୍ର ସାହୁ, ବଦ୍ରିନାଥ ହୋତା, ନିଳା ଳ ନାଗ, ଚୈତନ୍ୟ କୁମାର ହିମାଂଶୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଶ୍ରୀକ୍ଷେତ୍ର ଯାତ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ

**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଶଙ୍ଖେଶ୍ୱର ପଞ୍ଚାୟତ ସରଳପୁର ଶ୍ରୀଜଗନ୍ନାଥ ସଂସ୍କୃତି ଓ ସେବା ସମିତି ତରଫରୁ ସାମୁହିକ ଭାବରେ ଗ୍ରାମରୁ ପ୍ରାୟ ୨୦୦ରୁ ଅଧିକ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଏକତ୍ରିତ ଭାବେ ହରିହର କ୍ଷେତ୍ର(ସରଳପୁର) ପୀଠରୁ ହରିନାମ ସଂକୀର୍ତ୍ତନ ସହିତ ସକାଳ ୭.୦୦ଘଣ୍ଟିକାରେ ଯାତ୍ରା ଆରମ୍ଭ କରି ଶ୍ରୀକ୍ଷେତ୍ର ଧାମରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରାଙ୍ଗଣରେ ସମସ୍ତ ଗ୍ରାମବାସୀବୃନ୍ଦ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଆନନ୍ଦ ବଜାରରେ ଏକତ୍ରିତ ଭାବେ ଶ୍ରୀମହାପ୍ରସାଦ ସେବନ କରି ମହାପ୍ରଭୁଙ୍କ କୃପା ଲାଭ କରିଥିଲେ। ଏହି ଆଧ୍ୟାତ୍ମିକ ଦିବ୍ୟ ଦର୍ଶନ ଯାତ୍ରା କାର୍ଯ୍ୟକ୍ରମକୁ ଶ୍ରୀମନ୍ତ ସୁତାରଙ୍କ ସହିତ ଗ୍ରାମର ସମସ୍ତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତମାନେ ସୁପରିଚାଳନା କରିଥିଲେ। ଦୋଳ ଗୋବିନ୍ଦ ରାଉତ, ସନ୍ଦୀପ ସାମଲ, ସୁକାନ୍ତ ବିଶ୍ୱାଳ, ଜ୍ୟୋତି ପ୍ରକାଶ ଦାଶ, ଦେବାଶିଷ ବିଶ୍ୱାଳ, ଟବୁଲ ବିଶ୍ୱାଳ, ବିଳାସ ଚନ୍ଦ୍ର ସେନାପତି, ଶୟନ ରାଉତ, ତର୍ପଣ ସାମଲ, ରୁଦ୍ର ମାଧବ ସେନାପତି, ମନୋରଞ୍ଜନ ଗୋଛାୟତ, ବ୍ରଜ କିଶୋର ସାହୁ, ଆଶିଷ ରାଉତ, ବିଶ୍ୱନାଥ ମହାନ୍ତି, ବିଶ୍ୱଜିତ୍ ବିଶ୍ୱାଳ, ଜିତେନ୍ଦ୍ର ମଲ୍ଲ, ଦୀପ୍ତି ରଞ୍ଜନ ଗୋଛାୟତ ପ୍ରମୁଖ ଶ୍ରୀଜଗନ୍ନାଥ ପ୍ରେମୀ ପୂର୍ଣ୍ଣ ସହଯୋଗ କରି ଏହି ଶ୍ରୀକ୍ଷେତ୍ର ଯାତ୍ରାକୁ ସଫଳ କରିଥିଲେ।

ପୌରପରିଷଦ କାର୍ଯ୍ୟାଳୟ : ଜୟପୁର
OFFICE OF THE MUNICIPAL COUNCIL: JEYPORE
Phonp No.: 06854-231098. e-Mail: ulbieypore@gmail.com
Letter No: .414 Date: 07.02.2025
C-1626
Corrigendum-extension of quotation submission Date
Ref-: Quotation call Notice No 283 Dated 30.1.2025
It is to inform to all the Sealed quotation are invited from the intending authorized dealers/Suppliers Registered firms/agencies for supply of Mask and Rubber Hand globes for Sanitation Worker has been extended up to 4.30 P.M of 11/02/2025
Sd/- Executive Officer
Jeypore Municipality
OIPR-13079/11/0022/2425

# କଳିଙ୍ଗ ଷ୍ଟାଡ଼ିୟମ୍ ପରିସରରେ ତ୍ରିଦିବସୀୟ ଖେଳକୁଦ କାର୍ଯ୍ୟକ୍ରମ ୨୦୨୫ର ସମାପନ କାର୍ଯ୍ୟକ୍ରମ ସମ୍ପନ୍ନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସୋମବାର ପ୍ରାତଃ ୯.୦୦ ଘଣ୍ଟା ସମୟରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ତ୍ରିଦିବସୀୟ ଖେଳକୁଦ କାର୍ଯ୍ୟକ୍ରମ ୨୦୨୫ର ସମାପନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓଡ଼ିଶା, ମୋହନ ଚରଣ ମାଝୀ, ଡ. ଲଲନ ଶର୍ମା, ରାଷ୍ଟ୍ରୀୟ ଅଭିଯାନ ପ୍ରମୁଖ ଏକଲ ଅଭିଯାନ, ସୂର୍ଯ୍ୟବଂଶୀ ସୂରଜ ଖେଳ, ଯୁବ ବିଭାଗ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ, ଓଡ଼ିଶା ସରକାର, ବାବୁ ସିଂହ, ବିଧାୟକ, ଏକାମ୍ର, ଭୁବନେଶ୍ୱର, ଅନିଲ କୁମାର ବଂଶଲ, ରାଷ୍ଟ୍ରୀୟ ଖେଳକୁଦ ପ୍ରଭାରୀ, ଅଭ୍ୟୁଦୟ ୟୁଥ୍ କ୍ଲବ୍, ମନସୁଖ ଲାଲ୍ ସେଠିଆ, ସଂରକ୍ଷକ ଏକଲ୍ ଅଭିଯାନ ଓଡ଼ିଶା ଏବଂ ସହ ପ୍ରାନ୍ତ ସଂଘଚାଳକ ଓଡ଼ିଶା ପୂର୍ବ, ଅଜୟ କୁମାର ଅଗ୍ରୱାଲ, ଅଧକ୍ଷ ରାଷ୍ଟ୍ରୀୟ ଖେଳକୁଦ ସମାରୋହ ୨୦୨୫ ଏ ସମସ୍ତଙ୍କ କର କମଳରେ ମା’ ଭାରତୀଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଚ୍ଚନା ସମୟରେ ଶ୍ରୀହରି ସତ୍‌ସଙ୍ଗ ସମିତି ଦ୍ୱାରା ସଞ୍ଚାଳିତ ବ୍ୟାସ କଥା ପ୍ରଶିକ୍ଷଣ କେନ୍ଦ୍ର ପୁରୀର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ସ୍ୱସ୍ତି ବାଚନ ଓ ଭାରତ ସ୍ତୋତ୍ର ଆବୃତ୍ତି ସହିତ ଉଦ୍‌ଘାଟନ ହୋଇ ଯାଇଛି।

କାର୍ଯ୍ୟକ୍ରମଟି ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରେ ଆରମ୍ଭ ହୋଇ ଥିଲା। ଏକଲ ଅଭିଯାନ ଅଭ୍ୟୁଦୟ ୟୁଥ୍ କ୍ଲବ୍ ମାଧ୍ୟମରେ ଚାଲିଥିବା ଖେଳକୁଦ ସମାରୋହରେ ଭାରତର ୨୩ଟି ରାଜ୍ୟରୁ ବାଳକ ୬୦୦ ଜଣ, ବାଳିକା ୪୯୫ ଜଣ, ଆଚାର୍ଯ୍ୟ ଓ କାର୍ଯ୍ୟକର୍ତ୍ତା ମିଶି ୧୨୦୦ ଜଣ ପ୍ରତିଭାଗୀ ହୋଇଥିଲେ। ଗ୍ରାମାଞ୍ଚଳରେ ରହୁଥିବା ବାଳକ ବାଳିକାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଖୋଜି ଏକଲ ଅଭିଯାନ ଅଭ୍ୟୁଦୟ ୟୁଥ୍ କ୍ଲବ୍ ମାଧ୍ୟମରେ ଏକ ଯୋଗ୍ୟ ପ୍ଲାଟଫର୍ମ ଯୋଗାଇବାରେ ସଫଳ ହୋଇପାରିଛି। ଏଥିରେ ଆମର ପରମ୍ପରା ଗତ ଖେଳମାନଙ୍କ ମଧ୍ୟରେ ୧୦୦,୨୦୦,୪୦୦ ମିଟର ଦୌଡ଼ (ପୁଅ ଓ ଝିଅ), ଲମ୍ବ ଡିଆଁ (ପୁଅ ଓ ଝିଅ), କବାଡ଼ି ଖେଳ (ପୁଅ ଓ ଝିଅ), କୁସ୍ତି (୪୫,୪୮,୫୧, ଓ ୫୫ କେଜି କେବଳ ଭାଇମାନଙ୍କ ପାଇଁ) ଆଚାର୍ଯ୍ୟ ମାନଙ୍କ ପାଇଁ ଯୋଗାସନର ପ୍ରତିଯୋଗିତା ରଖାଯାଇଥିଲା। ୯ ତାରିଖ ସନ୍ଧ୍ୟାରେ, ପୁରସ୍କାର ବିତରଣ ସମାରୋହରେ ଖେଳରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଖେଳାଳିମାନଙ୍କୁ କେନ୍ଦ୍ରୀୟ ରାଜ୍ୟ ମନ୍ତ୍ରୀ ଯୁବ କଲ୍ୟାଣ ଓ ଖେଳ ମନ୍ତ୍ରଣାଳୟ ରକ୍ଷା ନିଖିଳ ଖଡ଼ସେ ଏବଂ କନ୍ଧମାଳ ଲୋକସଭା ସଦସ୍ୟ ଓ ଭାରତର ଖେଳ ପ୍ରାଧିକରଣର ସଦସ୍ୟ ସୁକାନ୍ତ ପାଣିଗ୍ରାହୀଙ୍କ ଦ୍ୱାରା ପୁରସ୍କାର ଓ ସମ୍ମାନିତ କରାଯାଇଥିଲା।

ଏହି ଖେଳ ପ୍ରତିଯୋଗିତାରେ ପୂର୍ବ ଉତ୍ତର ପ୍ରଦେଶ ସବୁଠାରୁ ଅଧିକ ପଦକ ପ୍ରଥମ ୧୧, ଦ୍ୱିତୀୟ ୦୨ ଓ ତୃତୀୟ ୦୨ ମୋଟ ୧୫ଟି ଜିତି ଭାରତର ଶ୍ରେଷ୍ଠ ବିଜେତା ସମ୍ଭାଗ ରୂପେ ସମ୍ମାନିତ ହୋଇଥିଲେ। ଶ୍ରେଷ୍ଠ ଖେଳାଳି ରୂପେ ଦକ୍ଷିଣ ହିମାଚଳ ପ୍ରଦେଶରେର ଶ୍ରୀମାନ ଅଂଶୁ ଭରଦ୍ୱାଜ ଓ ପୂର୍ବ ଉତ୍ତର ପ୍ରଦେଶର ସୁଶ୍ରୀ ନେହା କୁମାରୀ, ସର୍ବାଧିକ ପଞ୍ଜିକରଣ ପାଇଁ ମଧ୍ୟ ଉତ୍ତର ପ୍ରଦେଶର ଅଭିଯାନ ପ୍ରମୁଖ ସଞ୍ଜୟ ସୂର୍ଯ୍ୟାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ପ୍ରଦେଶରୁ ଯେଭଳି ଓଡ଼ିଶା ସମ୍ଭାଗ ୧୧ଟି ପ୍ରଥମ, ଦକ୍ଷିଣ ହିମାଚଳ ପ୍ରଦେଶ ଦ୍ୱିତୀୟ ୧୦, ତୃତୀୟ ୦୧, ଦକ୍ଷିଣ ଉତ୍ତର ପ୍ରଦେଶ ପ୍ରଥମ ୦୨, ଦ୍ୱିତୀୟ ୦୫, ତୃତୀୟ ୦୧, ବ୍ରଜମଣ୍ଡଳ ଦ୍ୱିତୀୟ ୧୦, ପଶ୍ଚିମବଙ୍ଗ ପ୍ରଥମ ୦୧ ଦ୍ୱିତୀୟ ୦୧, ପୂର୍ବ ପୂର୍ବୋତ୍ତର ପ୍ରଥମ ୦୨, ଦ୍ୱିତୀୟ ୦୧, ତୃତୀୟ ୦୧, ମହାରାଷ୍ଟ୍ର ପ୍ରଥମ ୦୩, ପଶ୍ଚିମ ଉତ୍ତର ପ୍ରଦେଶ ପ୍ରଥମ ୦୨, ଦ୍ୱିତୀୟ ୦୨, ପଶ୍ଚିମ ପୂର୍ବୋତ୍ତର ପ୍ରଥମ ୦୧, ତୃତୀୟ ୦୨, ଉତ୍ତରାଖଣ୍ଡ ଦ୍ୱିତୀୟ ୦୧, ତୃତୀୟ ୦୧, ମଧ୍ୟ ଉତ୍ତର ପ୍ରଦେଶ ପ୍ରଥମ ୦୧, ଦ୍ୱିତୀୟ ୦୧, ଜମ୍ମୁ ପ୍ରଥମ ୦୧, ମହାକୋଶଲ ପ୍ରଥମ ୦୧, ଉତ୍ତର ଝାଡ଼ଖଣ୍ଡ ଦ୍ୱିତୀୟ ୦୧, ଛତିଶଗଡ଼ ଦ୍ୱିତୀୟ ୦୧, ଉତ୍ତର ହିମାଚଳ ପ୍ରଦେଶ ତୃତୀୟ ୦୧, ପଞ୍ଜାବ ପ୍ରଥମ ୦୧, ଦ୍ୱିତୀୟ ୦୧, ଦକ୍ଷିଣ ବିହାର ତୃତୀୟ ୦୧, ଦକ୍ଷିଣ ଝାଡ଼ଖଣ୍ଡ ତୃତୀୟ ୦୧ ଆଦି ବିଜେତା ହୋଇ ନିଜ ରାଜ୍ୟର ନାମ ରଖିଥିଲେ।

ଲଲନ ଶର୍ମା ତାଙ୍କ ବୃତ୍ତ କଥନରେ ଜଣାଇଥିଲେ ଯେ ମୋଟ ୨୫ ପ୍ରଦେଶରେ ଚାଲିଥିବା ଏକ ଲକ୍ଷ ଏକଲ ବିଦ୍ୟାଳୟ ଗ୍ରାମରୁ ଏଠାରେ ୨୩ ପ୍ରଦେଶରୁ ପ୍ରତିଭାଗୀ ହୋଇ ଥିଲେ। ବନାଞ୍ଚଳରୁ ଆସିଥିବା ଯୁବ ଖେଳାଳି ତାଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁଁ ବହୁତ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ପଶ୍ଚିମ ପୂର୍ବୋତ୍ତରରୁ ଆସିଥିବା ଦିଗନ୍ତ ବୋରା (୧୬ ବର୍ଷ ଭିତରେ) ଲମ୍ବଡ଼ିଆଁରେ ୬.୧୧ ମିଟର ଡେଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୮ ବର୍ଷ ଭିତରେ ବିଶ୍ୱ ରେକର୍ଡ କରିଥିବା ଖେଳାଳି ୬.୯୧ ମିଟର ଡେଇଁଛନ୍ତି। ଏହି ରେକର୍ଡକୁ ଛୁଇଁବା ପାଇଁ ଆଉ ଗୋଟିଏ ପାଦ ବାକି ଅଛି। ଏକଲ ଅଭିଯାନ ଏଭଳି ପ୍ରତିଭାକୁ ଖୋଜି ବାହାର କରିବାରେ ପ୍ରୟାସରତ ଅଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମର ଆୟୋଜକମାନଙ୍କୁ ବହୁତ ପ୍ରଶଂସା କରିଥିଲେ। ଭାରତର ପାରମ୍ପରିକ ଖେଳ ବିଷୟକୁ ଭାରତ ସରକାର ବହୁତ ମହତ୍ତ୍ୱ ଦେଉଛି। ତା’ର ଯୋଜନା ମଧ୍ୟ ପ୍ରସ୍ତୁତ କରି ଦେଇଛନ୍ତି। ଓଡ଼ିଶା ସରକାର ମଧ୍ୟ ଏହି ବିଷୟରେ ଧ୍ୟାନ ଦେଇ ଆଗାମୀ ଦିନରେ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ମିନି ଷ୍ଟାଡିୟମ ନିର୍ମାଣ କରିବାର ଯୋଜନା ପ୍ରସ୍ତୁତ କରୁଛି। ତୃଣ ମୂଳ ସ୍ତରରେ ସରକାରଙ୍କ ଖେଳ ରତ୍ନ (ଖେଳାଳି ଖୋଜିବା) ଯୋଜନାରେ ଗ୍ରାମାଞ୍ଚଳରୁ ପ୍ରତିଭାବାନ ଖେଳାଳିଙ୍କୁ ଖୋଜି ଦେଶ ଦୁନିଆଁରେ ପ୍ରତିଷ୍ଠିତ କରିବା ପାଇଁ କଟିବଦ୍ଧ ଅଟେ।

ମନସୁଖ ଲାଲ ସେଠିଆ ମୁଖ୍ୟ ବକ୍ତା ରୂପେ ଖେଳାଳିଙ୍କୁ ପ୍ରୋତ୍ସାହିତ କରି ଅନେକତାରେ ଏକତା ଭାରତର ବିଶେଷତାକୁ ଆଜି ଏକଲ ଅଭିଯାନ ସାକାର କରିପାରିଛି ବୋଲି କହିଥିଲେ। ଓଡ଼ିଶାର କାର୍ଯ୍ୟକୁ ସ୍ୱାବଲମ୍ବୀ କରିବା ସହିତ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ।

ସୂର୍ଯ୍ୟବଂଶୀ ସୁରଜ ଖେଳ, ଯୁବ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଜଣାଇଥିଲେ ଯେ ଦେଶ ବର୍ତ୍ତମାନ ପରମ୍ପରାଗତ ଖେଳକୁ ବହୁତ ମହତ୍ତ୍ୱ ଦେଉଛି। ତା ପାଇଁ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ଆଗକୁ ହେଉଥିବା ମିନି ଷ୍ଟାଡିୟମମାନଙ୍କରେ ଅନ୍ତରାଷ୍ଟ୍ରୀୟ ସ୍ତରର ବ୍ୟବସ୍ଥା ଯୋଗାଇ ଦେବା ସହିତ ଶାରୀରିକ କ୍ଷମତାର ବିକାଶ ପାଇଁ ସମସ୍ତ ପ୍ରକାର ସୁବିଧାମାନ ଯୋଗାଇ ଦେବାର ଅଛି। ଏକଲ ବିଦ୍ୟାଳୟକୁ ଆସୁଥିବା ବାଳକ ବାଳିକା ଯେଉଁମାନେ ଆଗାମୀ ଦିନରେ ଖେଳକୁଦ ପ୍ରତି ରୁଚି ବଢ଼ାଇବା ସହିତ ଲାଭ ପାଇ ପାରିବେ। ଶେଷରେ ତାଙ୍କ ଦ୍ୱାରା ତୃତୀୟ ରାଷ୍ଟ୍ରୀୟ ଖେଳକୁଦ ସମାରୋହର ସମାପନ ଘୋଷଣା କରି ଥିଲେ।

ଅଜୟ ଅଗ୍ରୱାଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମୃତି ଚିହ୍ନ ପ୍ରଦାନ କରି ଥିଲେ ଓ ଶାରଳା ଜଲାନ୍ ସୂର୍ଯ୍ୟବଂଶୀ ସୂରଜ ଯୁବ, ଖେଳ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ସ୍ମୃତି ଚିହ୍ନ ପ୍ରଦାନ କରିଥିଲେ।

ଦୀପ କୁମାର କେନ୍ଦ୍ରୀୟ ସହ ଅଭିଯାନ ପ୍ରମୁଖଙ୍କ ଦ୍ୱାରା ଧ୍ୱଜ ଅବତରଣ କରାଯାଇଥିଲା। ଗୌରବର ବିଷୟ ଏହା ଯେ ଏହି ତ୍ରିଦିବସୀୟ ଖେଳକୁଦ ସମାରୋହକୁ ମହାମହିମ ରାଜ୍ୟପାଳ ଓଡ଼ିଶା, ଡ. ହରି ବାବୁ କମ୍ଭମ୍ପତି ଉଦ୍‌ଘାଟନ କରିଥିଲେ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମାପନ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ।

ଅନିଲ ବନସଲ ଉପସ୍ଥିତ ମଞ୍ଚାସୀନ ଅତିଥିମାନଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ଧନ୍ୟବାଦ୍ ପ୍ରଦାନ କରିବା ସହିତ ଖେଳକୁଦରେ ସହଯୋଗ କରିଥିବା ଖେଳ ଶିକ୍ଷକ, ବ୍ୟବସ୍ଥାପକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାନୁ ଦାସ, ବିଜୟଲକ୍ଷ୍ମୀ ଦାସ, ଅନିଲ ଅଗ୍ରୱାଲ, ଶ୍ୱେତା ଅଗ୍ରୱାଲ, ମାଧବେନ୍ଦ୍ର ସିଂହ, ପ୍ରିୟ ରଞ୍ଜନ ଚୌଧୁରୀ, ସ୍ୱାତୀ ଦୁଗଡ଼, ରତନ ଜୈନ, ଅଶୋକ ଗାନ୍ଧୀ, ଅଶୋକ ମୁଦୁଲି, ଜୟଦେବ ସିଠ ପ୍ରମୁଖ ସମିତି ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ସଞ୍ଚାଳନ କରିଥିଲେ। ଶେଷରେ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରଂ ପରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।



## ପରୀକ୍ଷା ପୂର୍ବରୁ ପିଲାଙ୍କ ମନୋବଳ ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ

# ଛାତ୍ରଛାତ୍ରୀମାନେ ଅଧିକ ଚାପଗ୍ରସ୍ତ ହୁଅନ୍ତୁ ନାହିଁ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପରୀକ୍ଷା ସମୟ ପ୍ରାୟ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଥାଏ। ପରୀକ୍ଷା ପୂର୍ବରୁ ଅଳ୍ପ ଚାପ ଭଲ, କିନ୍ତୁ ଅଧିକ ଚାପଗ୍ରସ୍ତ ନହୋଇ ଶିକ୍ଷକ ମାନଙ୍କ ପରାମର୍ଶ ମାନି ସମୟର ସଠିକ ଉପଯୋଗ କରି ଓ ସର୍ବଦା ଆଗକୁ ବଢ଼ିବାର ଇଚ୍ଛା ନେଇ ଆତ୍ମବିଶ୍ୱାସର ସହ କଠୋର ପରିଶ୍ରମ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ ବୋଲି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଥିବା 'ପରୀକ୍ଷା ପେ ଚର୍ଚ୍ଚା ୨୦୨୫' କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ଶିକ୍ଷା ଜୀବନ ପ୍ରତି ଏକ ଆନନ୍ଦର ମନୋଭାବକୁ ପ୍ରୋତ୍ସାହିତ କରେ। ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବା ସମୟ ଠାରୁ ପରୀକ୍ଷା ପୂର୍ବ ସମୟକୁ ଭଲ ଭାବେ ଉପଯୋଗ କରିବା ସହିତ ନିଜକୁ ମାନସିକ ସ୍ତରରେ ଦୃଢ଼ ରଖି ଏବଂ ପରୀକ୍ଷା ସମୟରେ ଷ୍ଟ୍ରେସରେ ନଆସି, ଶିକ୍ଷକ ଶିକ୍ଷୟିତ୍ରୀଙ୍କ କଥା ମାନି ଏକାଗ୍ର ଚିତ୍ତରେ ପଢ଼ିବା ଉଚିତ। ପରୀକ୍ଷା ପ୍ରତି କେବେ ହେଲେ ନିଜର ଭୟ ରଖିବ ନାହିଁ। ଭୟ ଆସିଗଲେ, ମନରୁ ଏକାଗ୍ରତା ଚାଲିଯାଏ। ଏକାଗ୍ରତା ପାଇଁ ଟିକେ ରିଲାକ୍ସ ହେବା ଦରକାର। ଏଣୁ ଅଧିକ ସମୟ ଏକାଗ୍ର ଚିତ୍ତରେ ପାଠ ପଢ଼ିବା ପାଇଁ, ପଢ଼ା ମଝିରେ ୫।୧୦ ମିନିଟ ପାଇଁ ବିରତି ନେଇ ପୁଣିଥରେ ମନଦେଇ ପଢ଼ିବ। ମୁଣ୍ଡ ଉପରେ ପରୀକ୍ଷା ଆସି ଉପନୀତ ହୋଇ ସାରିଛି। ମୋର ଦୃଢ଼ ବିଶ୍ୱାସ ତୁମମାନଙ୍କ ନିଜ ନିଜ ପରିଶ୍ରମର ମୂଲ୍ୟ ନିଶ୍ଚିତ ଭାବରେ ମିଳିବ। ସର୍ବଦା ଆଗକୁ ବଢ଼ିବାର ଇଚ୍ଛା ନେଇ ଆତ୍ମବିଶ୍ୱାସର ସହ କଠୋର ପରିଶ୍ରମ ଜାରି ରଖିଲେ ଉଦ୍ୟମ ଆଦୌ ବୃଥା ଯିବ ନାହିଁ। ପରୀକ୍ଷା ଫଳ ଉପରେ ଫୋକସ ନକରି ପରୀକ୍ଷା ପ୍ରସ୍ତୁତି ଉପରେ ଅଧିକ ଫୋକସ କରିଲେ ହିଁ ସଫଳତା ମିଳିବ। ପରୀକ୍ଷା ସମୟରେ ଅଲଗା ଚିନ୍ତା ନକରି ଯାହା ପଢ଼ିଛି ସେହି ବିଷୟରେ ଧ୍ୟାନ ଦେବା ଉଚିତ। ଯେଉଁ ବିଷୟରେ ପରୀକ୍ଷା ଦେବ, ପରୀକ୍ଷା ପୂର୍ବରୁ ସେହି ବିଷୟର ସାରାଂଶ ନୋଟ କରି ରଖ। ଏହାକୁ ବାରମ୍ବାର ଅଭ୍ୟାସ କରି ପରୀକ୍ଷା ହଲକୁ ଯିବ ବୋଲି, ଯାହାଫଳରେ ତୁମେ ମାନେ ନର୍ଭସ ହେବ ନାହିଁ ବୋଲି ଛାତ୍ର ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପାଠପଢ଼ା ଓ ଡିଜିଟାଲ ଉପକରଣ ବ୍ୟବହାର ବିଷୟରେ ଆଲୋଚନା କରି ସେ କହିଥିଲେ, ପଢ଼ା ସମୟରେ ଡିଜିଟାଲ ଉପକରଣ ଅତ୍ୟନ୍ତ କମ ବ୍ୟବହାର କରିବା ଉଚିତ, ବିଶେଷ କରି ପରୀକ୍ଷା ସମୟରେ ମୋବାଇଲ ଠାରୁ ଦୁରେଇ ରହିବା ଆବଶ୍ୟକ। ପରୀକ୍ଷା ବେଳେ ମନକୁ ଅସ୍ଥିର ନକରି, ଏହା ପୂର୍ବରୁ ସର୍ଟ ପଏଂଟ ପ୍ରସ୍ତୁତ କରି, ମୁକ୍ତାକ୍ଷର ସ୍ପଷ୍ଟ କରି ବାରମ୍ବାର ରିଭାଇଜ କରି ପରୀକ୍ଷା ଦେବାକୁ ଯାଅ। ପାଠ ପଢ଼ିବା ପାଇଁ ଏବଂ ମନେ ରଖିବା ପାଇଁ, ବ୍ରାହ୍ମ ମୁହୂର୍ତ୍ତ ସବୁଠାରୁ ପ୍ରକୃଷ୍ଟ ସମୟ, ଏହି ସମୟରେ ପାଠ ପଢ଼ିଲେ ଅଧିକାଂଶ ପାଠ ମନେ ରହେ ବୋଲି ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି କହିଥିଲେ। ସେ ପୁଣି କହିଥିଲେ ଯେ, ଚାପମୁକ୍ତ ହେବାପାଇଁ ଚେଷ୍ଟା କର ଏବଂ ଯାହା ଶିକ୍ଷକ ମାନେ ପଢାଉଛନ୍ତି ତାକୁ ସର୍ବୋତ୍ତମ ମଡେଲ ଭାବେ ଗ୍ରହଣ କରି ପ୍ରସ୍ତୁତ ହୁଅ। ପ୍ରଧାନମନ୍ତ୍ରୀ, ଷ୍ଟ୍ରେସ କମାଇବା ପାଇଁ ଯାହା ଟିପ୍ସ ଦେଇଛନ୍ତି, ଏଠାରୁ ଗଲା ପରେ ଗୋଟି ଗୋଟି କରି ମନେ ପକାଇବ ଓ ତାକୁ କାମରେ ଲଗାଇବ। ମୋର ଦୃଢ଼ ବିଶ୍ୱାସ, ତୁମମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ। କେବଳ ପାଠ ପଢ଼, ଶିକ୍ଷକ ମାନଙ୍କ ପରାମର୍ଶ ନିଅ। ବାସ, ଯାହା ହେବ, ଭଲ ହେବ, ନିଶ୍ଚୟ ଭଲ ହେବ, ଏଥିରେ ସନ୍ଦେହ ନାହିଁ। ସୂଚନା ଥାଉକି, ଉକ୍ତ କାର୍ଯ୍ୟକ୍ରମରେ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟର ୧୬୮ ଜଣ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ କଥା ହୋଇଥିଲେ, ପରୀକ୍ଷା ପୂର୍ବ ପ୍ରସ୍ତୁତି ବିଷୟରେ ପ୍ରଶ୍ନ ପଚାରିବା ସହିତ ଆଲୋଚନାରେ ଭାଗ ନେଇଥିଲେ। ଉପସ୍ଥିତ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଲିଜା ନାୟକ, ଶୁଭମ ପାତ୍ର, ଜେ. ମିନାକ୍ଷୀ, ସସ୍ମିତା ସାହୁ, ସଂଜୀବ ଦିଗାଲ, ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବା ସହିତ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ମାନଙ୍କୁ ପରୀକ୍ଷା ପ୍ରସ୍ତୁତି କିଟ ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଅନୁପମ ସାହା, ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସଙ୍କ ସମେତ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପ୍ରୟାସ ସାମୂହିକ ବିବାହ ମହୋତ୍ସବ

# ବିବାହ ବନ୍ଧନରେ ବାନ୍ଧିହେଲେ ୨୦ ଯୋଡ଼ି





**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିବାହ ଏକ ସାମାଜିକ ସ୍ୱୀକୃତି, ପରିବାରର ଅସହମତି, ଯୌତୁକ ଅସଙ୍ଗତି, ଅନାବଶ୍ୟକୀୟ ସାମାଜିକ ପ୍ରଥା, ବୈବାହିକ ଉତ୍ତରଦାୟିତ୍ୱ ସମ୍ପର୍କରେ ଅନଭିଜ୍ଞତା ଆଦି ସାମାଜିକ ପ୍ରତିବନ୍ଧକ କାରଣ ମୁଖ୍ୟତଃ ବିବାହ କାର୍ଯ୍ୟ ସମ୍ପନ୍ନ ଓ ବୈବାହିକ ଜୀବନ ଅତିବାହିତରେ ମୁଖ୍ୟ ପ୍ରତିବନ୍ଧକ। ଏହାର ପ୍ରତିକାର ସ୍ୱରୂପ ନବଦମ୍ପତିଙ୍କୁ ସଚେତନ କରାଇବା, ଆର୍ଥିକ ଅନଗ୍ରସରମାନଙ୍କୁ ପ୍ରାଧାନ୍ୟ ଦେବା, ଯୌତୁକ ବିରୋଧରେ ସଚେତନତା ସୃଷ୍ଟି କରିବା ଓ ବିବାହକୁ ରେଜେଷ୍ଟ୍ରିଭୁକ୍ତ କରିବାର ଅଙ୍ଗୀକାରବଦ୍ଧତାକୁ ଆପଣାଇ ଏକ ସୁସ୍ଥ, ଚିରସ୍ଥାୟୀ ଓ ବୁଝାମଣାପୂର୍ଣ୍ଣ ବୈବାହିକ ଜୀବନର ଲକ୍ଷ୍ୟ ହାସଲ କରିବା 'ପ୍ରୟାସ'ର ସାମୂହିକ ବିବାହର ଧ୍ୟେୟ। ଦୀର୍ଘ ୧୦ବର୍ଷ ମଧ୍ୟରେ ୨୭୫ ଗୋଟି ସାମୂହିକ ବିବାହ ସଫଳତାର ସହ ଆୟୋଜନ କରିସାରିଛି 'ପ୍ରୟାସ'। ଚଳିତ ବର୍ଷ ୨୦ ଯୋଡ଼ି ନବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସମାଜର ସବୁବର୍ଗ, ଗୋଷ୍ଠୀ, ଜାତି ଓ ବିଧବା, ଅର୍କମଣ୍ୟ ଓ ଅବହେଳିତଙ୍କୁ ଏକାଠି କରି ସାମୂହିକ ବିବାହକୁ ଏକ ସାମାଜିକ ମହୋତ୍ସବରେ ମାନ୍ୟତା ଦେବାକୁ 'ପ୍ରୟାସ' ପକ୍ଷରୁ ପ୍ରୟାସ କରାଯାଇଛି। ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ରବିବାର ଏହି ସାମୂହିକ ବିବାହ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ଶନିବାର ସନ୍ଧ୍ୟାରେ ମଙ୍ଗନ, ମେହେନ୍ଦୀ ଓ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆବେଦନ କରିଥିବା ବରବଧୂ, ସେମାନଙ୍କ ପରିବାରର ଉପସ୍ଥିତିରେ ବିବାହ ସମ୍ପନ୍ନ ହେବା ସହ ଆଇନ ଅନୁଯାୟୀ ରେଜେଷ୍ଟ୍ରିଭୁକ୍ତ ହୋଇଥିଲେ। ବିବାହ ପୂର୍ବରୁ ବରବଧୂଙ୍କୁ ଏଚ୍ଆଇଭି ଟେଷ୍ଟ ଭୁବନେଶ୍ୱର ସ୍ୱର୍ଣ୍ଣ ହସ୍ପିଟାଲ ପକ୍ଷରୁ ମାଗଣାରେ କରାଯାଇଥିଲା। ସମସ୍ତ ବରବଧୂଙ୍କ ଏଚ୍ଆଇଭି ରିପୋର୍ଟ ନେଗେଟିଭ୍ ଆସିବା ପରେ ବିବାହ କାର୍ଯ୍ୟ ଅନୁମତି ଦିଆଯାଇଥିଲା। ପୂର୍ବାହ୍ନ ୧୧ ଘଟିକାରେ ୟୁନିଟ୍-୨ ଆର୍ଯ୍ୟ ସଂସ୍କୃତି ମନ୍ଦିରଠାରୁ ୨୦ଜଣ ବର ବାହାରି ଶ୍ରୀରାମ ମନ୍ଦିରକୁ ବରାନୁଗମନ କରିଥିଲେ। ବରବଧୂଙ୍କୁ ଆଶୀର୍ବାଦ କରିବାକୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀରାମ ମନ୍ଦିରରେ ପହଞ୍ଚିଥିଲେ। ଦ୍ୱୈତନଗରୀ ପୋଲିସ କମିଶନର ଡକ୍ଟର ଏସ୍.ଦେବଦତ୍ତ ସିଂ, ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ସମାଜସେବୀ ନମ୍ରତା ଚଢ଼ା, କର୍ପୋରେଟର ରଞ୍ଜୁଲତା ରାୟ (ୱାର୍ଡ-୩୫), କବିତା ସ୍ୱାଇଁ (ୱାର୍ଡ-୪୫) ପ୍ରମୁଖ ନବଦମ୍ପତିଙ୍କୁ ଆଶୀର୍ବାଦ ଦେବା ସହ 'ପ୍ରୟାସ'ର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଯୁବ ମାରୱାଡି ସଂଗଠନ ଓଡ଼ିଶା ଯୁବା ସେବାସମିତି ଓ ମାରୱାଡି ମହିଳା ସମିତି ପକ୍ଷରୁ ସାମୂହିକ ବିବାହ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ ସହଯୋଗ କରାଯାଇଥିଲା। ଅଭ୍ୟର୍ଥନା କମିଟିର ଆବାହକ ତଥା ଶିକ୍ଷାବିତ୍ ଡକ୍ଟର ବଦ୍ରିନାଥ ପଟ୍ଟନାୟକ ପ୍ରଥମ କନ୍ୟାଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ପରିଚାଳକ ଭାବେ ଡକ୍ଟର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ବିବାହ ଉତ୍ସବକୁ ପରିଚାଳନା କରିଥିଲେ। ଓଡ଼ିଶା ଯୁବସେବା ସମିତି ସଭାପତି ଆଶୀଷ ବଂଶଲ, ମାରୱାଡି ମହିଳା କମିଟି ମୁଖ୍ୟ ଦୃହି ଅଗ୍ରୱାଲ, ବାଲେଶ୍ୱର ଜିଲ୍ଲା ଔପଦାର ସମାଜସେବୀ ଗୋପାଳ ରାଉତ, ପ୍ରୟାସର ଟ୍ରଷ୍ଟି ତଥା ସାମ୍ବାଦିକ କୌସ୍ତୁଭ ଦାସ, ସୁରେଶ କୁମାର ପତ୍ରି, କମଳ ମହାନ୍ତି, ଜୟନ୍ତ ମହାନ୍ତି, ସଂଗ୍ରାମ ମହାରଣା, ପ୍ରେମ ଅଗ୍ରୱାଲ, ଜସ୍ମିନ୍ ମହାନ୍ତି, ସୋନାଲି ପ୍ରିୟଦର୍ଶିନୀ, ମମତା ମହାନ୍ତି, ବାସ୍ତୁବିତ୍ ମନୋଜ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ଜନସାଧାରଣ ସହଯୋଗର ହାତ ବଢ଼ାଇ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ 'ପ୍ରୟାସ'ର ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ବନ ମହାନ୍ତି ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ଗଣବିବାହକୁ ସ୍ୱୀକୃତି ପ୍ରଦାନ କରିବା ସହ ସରକାରୀ ସହାୟତା ଓ ସହଯୋଗ ଯୋଗାଇ ଦେବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି।

# ଉପଲବ୍ଧ ହେଲା ମାଟ୍ରିକ୍ ପରୀକ୍ଷା ଆଡମିଟ୍ କାର୍ଡ : ଫେବ୍ରୁୟାରୀ ୨୧ରୁ ପରୀକ୍ଷା




**କଟକ, ନ୍ୟୁଜ ବ୍ୟୁରୋ**

ଫେବ୍ରୁଆରୀ ୨୧ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବାବେଳେ, ସୋମବାର ଉପଲବ୍ଧ ହୋଇଛି ମାଟ୍ରିକ ପରୀକ୍ଷା ଆଡମିଟ୍ କାର୍ଡ। ଏହା ସହ ମଧ୍ୟମା, ପତ୍ର ବିନିମୟ ପରୀକ୍ଷା ପାଇଁ ମଧ୍ୟ ଆଡମିଟ୍ କାର୍ଡ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ www.bseodisha.ac.inରୁ ସେମାନଙ୍କର ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ସୂଚନା ଦିଆଯାଇଛି। ସୂଚନାଥାଉକି, ଚଳିତ ବର୍ଷ ଫେବ୍ରୁଆରୀ ୨୧ରୁ ଆରମ୍ଭ ହେଉଛି ମାଟ୍ରିକ୍ ପରୀକ୍ଷା। ପ୍ରାୟ ୫ ଲକ୍ଷ ୧୦ ହଜାର ୭୭୮ ଛାତ୍ରଛାତ୍ରୀ ଏଥର ପରୀକ୍ଷା ଦେବେ। ପରୀକ୍ଷା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୨ ତାରିଖରୁ ନୋଡାଲ କେନ୍ଦ୍ରକୁ ପଠାଯିବ ପ୍ରଶ୍ନପତ୍ର। ୧୯ ତାରିଖ ସୁଦ୍ଧା ନୋଡାଲ କେନ୍ଦ୍ରରେ ପହଞ୍ଚିବ ପ୍ରଶ୍ନ ପତ୍ର। ୩୦ ଜିଲ୍ଲାରେ ପ୍ରାୟ ୩୧୩୩ଟି ପରୀକ୍ଷା କେନ୍ଦ୍ର ଓ ୩୧୪ ନୋଡାଲ ସେଣ୍ଟର କରାଯାଇଛି। ସେହିଭଳି ନିର୍ଦ୍ଧାରିତ ସମୟରେ ପରୀକ୍ଷା ଫଳ ପ୍ରକାଶ କରିବାକୁ ଲକ୍ଷ୍ୟ ରଖଯାଇଥିବାବେଳେ, ପ୍ରଶ୍ନପତ୍ର ଯେପରି ଲିକ୍ ନହୁଏ ସେଥିପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ସେହିଭଳି କପି ରୋକିବାକୁ ୪ ପ୍ରକାରର ସ୍କ୍ୱାଡ୍ ଗଠିତ ହେବ। ୬୦୦ ସେଣ୍ଟରରେ ଲାଗିବ ସିସିଟିଭି, ସମସ୍ତ ନୋଡାଲ ସେଣ୍ଟର ସିସିଟିଭି ନଜରରେ ରହିବ।

# କ୍ରିକେଟ୍ ମ୍ୟାଚ୍‌ରେ ଫ୍ଲଡ୍ ଲାଇଟ ବିଭ୍ରାଟ ଘଟଣା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ନିନ୍ଦିତ କରିଛି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ କ୍ରିକେଟ ମ୍ୟାଚ ବେଳେ ଯେଉଁଭଳି ଭାବେ ଫ୍ଲଡ଼ ଲାଇଟରେ ବିଭ୍ରାଟ ଦେଖା ଦେଇଥିଲା, ଯେଉଁଥିପାଇଁ ପ୍ରାୟ ୩୦ ମିନିଟ କାଳ ଖେଳ ବନ୍ଦ ରହିଥିଲା ତାହା ବିଶ୍ୱର କ୍ରୀଡ଼ାପ୍ରେମୀଙ୍କ ସମ୍ମୁଖରେ ଓଡ଼ିଶାକୁ ଲଜ୍ଜିତ କରିଛି ବୋଲି ବିଜୁ ଜନତା ଦଳ କହିବା ସହିତ ରାଜ୍ୟର କ୍ରୀଡ଼ାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ପ୍ରାୟ ୬ ବର୍ଷର ବ୍ୟବଧାନ ପରେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଓଡ଼ିଶାକୁ ମିଳିଥିଲା। ଏହି କ୍ରିକେଟ ଖେଳକୁ ନେଇ ରାଜ୍ୟର କ୍ରୀଡ଼ାପ୍ରେମୀ ମହଲରେ ପ୍ରବଳ ଉତ୍ସାହ ସୃଷ୍ଟି ହୋଇଥିଲା। ଏହି ଆନ୍ତର୍ଜାତୀୟ ମ୍ୟାଚକୁ ସଫଳତା ସହ ଆୟୋଜନ କରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ରାଜ୍ୟ ସରକାରଙ୍କ ଗୁରୁ ଦାୟିତ୍ୱ ରହିଥିଲା। ଏଥିପାଇଁ ପ୍ରଶାସନିକ ସ୍ତରରେ ବାରମ୍ବାର ସମୀକ୍ଷା ବୈଠକ ହୋଇଥିଲା। ରାଜ୍ୟର କ୍ରୀଡ଼ାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ସମୀକ୍ଷା ବୈଠକରେ ଭାଗ ନେବା ସହିତ ବାରବାଟୀ ଷ୍ଟାଡିୟମରେ ପହଞ୍ଚି ସ୍ଥିତି ଓ ପ୍ରସ୍ତୁତିର ତଦାରଖ କରିଥିଲେ। ଏପରିକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରବାଟୀ ଷ୍ଟାଡିୟମରେ ଏକ ସମୀକ୍ଷା କରିଥିଲେ। ଏତେ ସବୁ ପ୍ରସ୍ତୁତି ଓ ପ୍ରତିଶ୍ରୁତି ପରେ, ଫ୍ଲଡ଼ ଲାଇଟ ବିଭ୍ରାଟ ଘଟିବା ଯୋଗୁଁ ସମସ୍ତ ଆୟୋଜନ ଫସର ଫାଟିଯାଇଛି। ବିଦ୍ୟୁତ୍ ବିଭାଗର ଇଞ୍ଜିନିୟର ସେଠାରେ କ'ଣ ପାଇଁ ଉପସ୍ଥିତ ନଥିଲେ ଏବଂ ଫ୍ଲଡ ଲାଇଟ୍ ଓ ଜେନେରେଟରର ବିଦ୍ୟୁତ ଯୋଗାଣ ବାବଦରେ ବିଦ୍ୟୁତ ବିଭାଗର କୌଣସି ଯନ୍ତ୍ରୀ ଏହି ବିଦ୍ୟୁତ୍ ଯୋଗାଣକୁ ସ୍ୱୀକୃତି ପ୍ରଦାନ କରିଥିଲେ କି ? ଏହି ଘଟଣା ଯୋଗୁଁ ଓଡ଼ିଶା ବିଶ୍ୱର କ୍ରୀଡ଼ା ପ୍ରେମୀଙ୍କ ଆଗରେ ନିନ୍ଦିତ ହୋଇଛି। ଦେଶର ଜଣାଶୁଣା କ୍ରୀଡ଼ା ସାମ୍ବାଦିକ ବୋରିଆ ମଜୁମଦାର ଏକ୍ସର ଏକ ପୋଷ୍ଟରେ ଅତୀତରେ ପାକିସ୍ତାନରେ ଫ୍ଲଡ଼ ଲାଇଟ ବିଭ୍ରାଟ କଥା ସାମ୍ନାକୁ ଆସିଛି। ଏବେ କଟକର ନାଁ ତା ସହିତ ଯୋଡ଼ା ହୋଇଛି ବୋଲି ସେ ଲେଖିଛନ୍ତି। ଏହି ଘଟଣା ଓଡ଼ିଶାକୁ ନିନ୍ଦିତ କରିଥିବା ବେଳେ ଓସିଏକୁ ଏନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି କ୍ରୀଡ଼ାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଦେଇଥିବା ମନ୍ତବ୍ୟ ହାସ୍ୟାସ୍ପଦ। କାରଣ, ସମୀକ୍ଷା ଉପରେ ସମୀକ୍ଷା ବୈଠକ କରି ଏହି କ୍ରିକେଟ ଆୟୋଜନର ସଫଳତା ପାଇଁ ବାହାଦୁରି ନେବା ପାଇଁ ଚେଷ୍ଟା କରୁଥିବା ରାଜ୍ୟ ସରକାର ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ନୁହେଁ କାହିଁକି ? ନିକଟରେ ରାଉରକେଲାରେ ହକି ଲିଗ୍‌ର ଫାଇନାଲ ମ୍ୟାଚ ବେଳେ ଆୟୋଜନର ଅବ୍ୟବସ୍ଥା କାରଣରୁ ଦଳାଚକଟା ପରିସ୍ଥିତି ହୋଇଥିଲା। ସେହିପରି, କ୍ରୀଡ଼ାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ଗାଡି କଳିଙ୍ଗ ଷ୍ଟାଡିୟମର ଟ୍ରାକରେ ଚଢାଇବା ଘଟଣା କ୍ରୀଡ଼ାପ୍ରେମୀଙ୍କୁ ଆଘାତ ଦେଇଥିଲା। ଗତ ୮ ମାସରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅବଦାନ ଶୂନ ହୋଇଥିବା ବେଳେ, ବହି ଯାଉଥିବା ଝରଣାରେ ହାତ ଧୋଇବା ପରି, ଆୟୋଜିତ ହେଉଥିବା କ୍ରୀଡ଼ା କାର୍ଯ୍ୟକ୍ରମରେ କେବଳ ନିଜର ଉପସ୍ଥିତି ଜାହିର କରି, ବାହାଦୁରି ନେବାକୁ ଚେଷ୍ଟା କରୁଛନ୍ତି। ତେଣୁ କ୍ରିକେଟ ଆୟୋଜନ ବେଳେ ଫ୍ଲଡ଼ ଲାଇଟ ବିଭ୍ରାଟର ବିଫଳତାକୁ ରାଜ୍ୟ ସରକାର ମୁଣ୍ଡକୁ ନିଅନ୍ତୁ ଓ କ୍ରୀଡ଼ାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଏହି ବିଫଳତା ପାଇଁ ନୈତିକତା ଦୃଷ୍ଟିରୁ ନିଜର ଇସ୍ତଫା ପ୍ରଦାନ କରନ୍ତୁ ବୋଲି ବିଜୁ ଜନତା ଦଳ ତରଫରୁ ଦାବି କରୁଛୁ ବୋଲି ଡ଼ ଲେନିନ ମହାନ୍ତି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟର ଗ୍ରାମାଞ୍ଚଳକୁ ...

ପାଇପ୍ ଜଳଯୋଗାଣ ହୋଇନଥିବା ତଥା ବ୍ୟକ୍ତିଗତ ନଳକୂପ ନଥିବା ଅଞ୍ଚଳରେ ଯଦି ପ୍ରତି ନଳକୂପ ପିଛା ସତୁରୀ ଜଣରୁ ଊର୍ଦ୍ଧ୍ୱ ଲୋକ ରହିଥିବେ, ତେବେ ସେହିଭଳି ସମସ୍ତ ଅଞ୍ଚଳରେ ନୂତନ ନଳକୂପ ଖନନ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିବା ନେଇ ମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ଗ୍ରାମାଞ୍ଚଳମାନଙ୍କରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସବୁମତେ ପ୍ରୟାସ କରାଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କହିଥିଲେ। ଏହା ସହ ୨୦୨୫ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୭୨ଟି ବୃହତ ପାନୀୟଜଳ ପ୍ରକଳ୍ପ, ଡିସେମ୍ବର ଶେଷ ସୁଦ୍ଧା ୫୪ଟି ବୃହତ ପାନୀୟ ଜଳ ପ୍ରକଳ୍ପ ଏବଂ ୨୦୨୬ ଜୁନ୍ ଶେଷ ସୁଦ୍ଧା ୮୧ଟି ବୃହତ ପାନୀୟଜଳ ପ୍ରକଳ୍ପ (ମୋଟ ୨୦୭)ର ନିର୍ମାଣ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟକ୍ଷମ ହେବା ନେଇ ମନ୍ତ୍ରୀ ପ୍ରକାଶ କରିଥିଲେ। ଦୁର୍ଗମ ଓ ଉପାନ୍ତ ଅଞ୍ଚଳମାନଙ୍କରେ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇବା ନେଇ ସମସ୍ତ ଜିଲ୍ଲା ପ୍ରଶାସନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କଠାରୁ ଅଭିଯୋଗ ଶୁଣାଣି ମାଧ୍ୟମରେ ଯେଉଁ ସବୁ ପ୍ରସ୍ତାବ ଆସୁଛି ସେସବୁ ଉପରେ ମଧ୍ୟ କାର୍ଯ୍ୟ ଚାଲିଛି। ସାମଗ୍ରିକ ଭାବରେ ରାଜ୍ୟବାସୀଙ୍କ ପାନୀୟ ଜଳ ସଙ୍କ୍ରାନ୍ତୀୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଥିବା ନେଇ ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଥିଲେ।

### ରାଜ୍ୟରେ ପଞ୍ଚାୟତ...

ଗଠନ ନେଇ ପ୍ରକ୍ରିୟା ଚାଲିଛି। । ସେହିପରି ଅନେକ ଜାଗାରେ ବ୍ଲକ ପୁନର୍ଗଠନର ଆବଶ୍ୟକତା ରହିଛି। ଗୋଟିଏ ବ୍ଲକରେ ୩୮ଟି ପଞ୍ଚାୟତ ଅଛି। ଏତେ ବଡ଼ ବ୍ଲକରେ ଜଣେ ବିଡିଓ କାମ କରିବା କଷ୍ଟ। ତେଣୁ ଅଞ୍ଚଳର ହିତକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯିବ। ଆସନ୍ତା ମାର୍ଚ୍ଚରେ ବଜେଟ୍ ଅଧିବେଶନ ସରିବା ପରେ ଏହା ଉପରେ ଚିନ୍ତନ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ।

### ଏନ୍‌ସିଟିଇର ବଡ଼ ...

ଶିକ୍ଷକ ଏବଂ ଶିକ୍ଷା ପ୍ରଶାସକଙ୍କ ପରି କାର୍ଯ୍ୟରତ ବ୍ୟକ୍ତିମାନଙ୍କୁ ଦୁଇ ବର୍ଷର ଅଂଶକାଳୀନ ପାଠ୍ୟକ୍ରମ ପ୍ରଦାନ କରାଯିବ, ଏନ୍‌ସିଟିଇର ଅଧ୍ୟକ୍ଷ ପଙ୍କଜ ଆରୋରା କହିଛନ୍ତି। ଡ୍ରାଫ୍ଟ ନିୟମାବଳୀ ଅନୁଯାୟୀ, ଏକ ବର୍ଷର ବି.ଏଡ ପାଠ୍ୟକ୍ରମ ପାଇଁ, କେବଳ ଚାରି ବର୍ଷର ସ୍ନାତକ ଡିଗ୍ରୀ କିମ୍ବା ସ୍ନାତକୋତ୍ତର କାର୍ଯ୍ୟକ୍ରମ ସମାପ୍ତ କରିଥିବା ବ୍ୟକ୍ତିମାନେ ଯୋଗ୍ୟ ହେବେ। ଆରୋରା କହିଛନ୍ତି ଯେ ଏହା ତିନି ବର୍ଷର ସ୍ନାତକ କାର୍ଯ୍ୟକ୍ରମ ସମାପ୍ତ କରିଥିବା ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ହେବ ନାହିଁ ଏବଂ ଏପରି ଛାତ୍ରମାନଙ୍କ ପାଇଁ ଦୁଇ ବର୍ଷର ବି.ଏଡ କାର୍ଯ୍ୟକ୍ରମ ଜାରି ରହିବ। ୨୦୧୫ ରେ ଆରମ୍ଭ ହୋଇଥିବା ଦୁଇ ବର୍ଷିଆ ଏମ.ଏଡ କାର୍ଯ୍ୟକ୍ରମ ଶିକ୍ଷକ ଶିକ୍ଷା କିମ୍ବା ଯୁବ ଶିକ୍ଷାର୍ଥୀଙ୍କ ମଧ୍ୟରେ ଶିକ୍ଷାଦାନ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ ହୋଇ ନ ଥିଲା ଅନେକ ପ୍ରତିଷ୍ଠାନରେ, ସିଟ ଖାଲି ପଡୁଥିଲା ଏବଂ ପାଠ୍ୟକ୍ରମକୁ ଯେପରି ଭାବରେ ଉନ୍ନତ କରାଯିବା ଉଚିତ ତାହା ହୋଇନଥିଲା। ଏକ ଗବେଷଣା ଉପାଦାନ ବ୍ୟତୀତ, ଏମ.ଏଡ ପାଠ୍ୟକ୍ରମରେ ଏକ କ୍ଷେତ୍ର-କାର୍ଯ୍ୟ ଉପାଦାନ ଏବଂ ଏକ ସମ୍ପ୍ରଦାୟ ସମ୍ପୃକ୍ତି ଉପାଦାନ ରହିବ ବୋଲି ଆରୋରା କହିଛନ୍ତି। ୨୦୧୪ ପର୍ଯ୍ୟନ୍ତ ଏକ ବର୍ଷିଆ ବି.ଏଡ ଏବଂ ଏମ.ଏଡ ପାଠ୍ୟକ୍ରମ ଶିକ୍ଷକ ଶିକ୍ଷାର ମୁଖ୍ୟ କାର୍ଯ୍ୟକ୍ରମ ଥିଲା। ଏହା ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଆଲୋକରେ ଏହି କାର୍ଯ୍ୟକ୍ରମଗୁଡ଼ିକର ପୁନରୁଦ୍ଧାର। ଏନ୍‌ଇପି ସହିତ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଜାତୀୟ ଉଚ୍ଚଶିକ୍ଷା ଯୋଗ୍ୟତା ଢାଞ୍ଚା ସହିତ ବାହାର କରିଛି। ଏଥିରେ, ସ୍ତର ୬.୫ ରେ, ଏକ ବର୍ଷିଆ ମାଷ୍ଟର ଡିଗ୍ରୀ ହୋଇପାରିବ। ଆମର ଛାତ୍ରଛାତ୍ରୀମାନେ ଚାରି ବର୍ଷର ଆଇଟିଇପି (ସମଗ୍ର ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ) କିମ୍ବା ଚାରି ବର୍ଷ ସ୍ନାତକ ଡିଗ୍ରୀ ଏବଂ ଗୋଟିଏ ବର୍ଷର ବିଇଡି ପରେ ସ୍ତର ୬.୫ ରେ ରହିବେ ବୋଲି ଆରୋରା କହିଛନ୍ତି।

### ୨.୫ ଲକ୍ଷ...

୯୮ ଲକ୍ଷ ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଭାବରେ ପ୍ରତ୍ୟେକଙ୍କୁ ୫୦୦୦ ଟଙ୍କା ପ୍ରଦାନ କରିଛନ୍ତି। ଦ୍ୱିତୀୟ କିସ୍ତି ୮ ମାର୍ଚ୍ଚ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯିବାର ଯୋଜନା ରହିଛି।

### ବାରବାଟୀରେ ...

ଏବଂ ଦର୍ଶକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଓଡ଼ିଶା କ୍ରିକେଟ୍ ଆସୋସିଏସନକୁ ଏହି ବ୍ୟାଘାତର କାରଣ ପାଇଁ ଏକ ବିସ୍ତୃତ ବ୍ୟାଖ୍ୟା ଦାଖଲ କରିବା ଏବଂ ଏପରି ତ୍ରୁଟି ପାଇଁ ଦାୟୀ ବ୍ୟକ୍ତି/ଏଜେନ୍ସିଗୁଡ଼ିକୁ ଚିହ୍ନଟ କରିବାକୁ ଏବଂ ଭବିଷ୍ୟତରେ ସମାନ ଘଟଣା ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ରୂପରେଖା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚିଠି ପାଇବାର ୧୦ ଦିନ ମଧ୍ୟରେ ନିଷ୍କର୍ଷ ଦାଖଲ କରିବାକୁ ଓସିଏକୁ ନିର୍ଦ୍ଦେଶ ଦିଆଯାଇଛି।

### ମହାକୁମ୍ଭ ଅସମ୍ଭାଳ...

ଅମାବାସ୍ୟାରେ ୩୦ ଜଣ ପ୍ରାଣ ହରାଇଥିବା ଦୁଃଖଦ ଘଟଣା ପରେ ଆଶା କରାଯାଉଥିବା ସଂଖ୍ୟାଠାରୁ କମ ରହିଛି। ୧୦ କୋଟିର ଆଶା କରାଯାଉଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୭.୫ କୋଟିକୁ ହ୍ରାସ ପାଇଥିଲା ଏବଂ ବସନ୍ତ ପଞ୍ଚମୀରେ ଆଶା କରାଯାଉଥିବା ୪ କୋଟି ବଦଳରେ ମାତ୍ର ୨.୫ କୋଟି ଭକ୍ତ ପହଞ୍ଚିଥିଲେ। ତେବେ ଧାର୍ମିକ ପର୍ବ ପାଇଁ ଲକ୍ଷ ଲକ୍ଷ ଲୋକ ସହରକୁ ଭିଡ଼ ଜମାଇଥିବା ବେଳେ ବର୍ତ୍ତମାନ ପରିସ୍ଥିତି ପୁଣି ବଦଳି ଯାଇଛି।

# ତାରା ତାରିଣୀର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ତାରା ତାରିଣୀ ମନ୍ଦିରର ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ କରାଯାଇଛି। ଯାହା ଫଳରେ ପ୍ରାୟ ୫୦୦ ମିଟର ଉଚ୍ଚତାରେ ପାହାଡ଼ ଶିଖରରେ ଥିବା ତାରା ତାରିଣୀ ମନ୍ଦିରକୁ ସୁରକ୍ଷିତ ଏବଂ ଭରସାଯୋଗ୍ୟ ବିଜୁଳି ଯୋଗାଣ ହୋଇପାରିବ। ସ୍ଥାନୀୟ ଲୋକେ ମଧ୍ୟ ଏହା ଦ୍ୱାରା ଉପକୃତ ହେବେ। ଆଗାମୀ ଚୈତ୍ର ମେଳା ସମୟରେ ତାରା ତାରିଣୀ ମନ୍ଦିରରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରବଳ ଜନସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ମନ୍ଦିର ପରିସରକୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଦକ୍ଷିଣ ଓଡ଼ିଶାର ଲୋକଙ୍କ ପାଇଁ ତାରା ତାରିଣୀ ଏକ ପ୍ରମୁଖ ଦେବୀ ମନ୍ଦିର। ଭାରତରେ ଥିବା ପ୍ରମୁଖ ଶକ୍ତିପୀଠମାନଙ୍କ ମଧ୍ୟରେ ଅନ୍ୟତମ ତାରା ତାରିଣୀ ମନ୍ଦିରରେ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳେ। ଏଠାରେ ପ୍ରତିବର୍ଷ ମାର୍ଚ୍ଚ ଓ ଏପ୍ରିଲ ମାସରେ ଆୟୋଜିତ ହେଉଥିବା ଚୈତ୍ର ମେଳାକୁ ମାଆ ତାରା ତାରିଣୀଙ୍କ ଆଶୀର୍ବାଦ ନେବା ପାଇଁ ଅଧିକ ସଂଖ୍ୟାରେ ଲୋକେ ଆସନ୍ତି। ଶ୍ରଦ୍ଧାଳୁଙ୍କ ସଂଖ୍ୟାରେ ବୃଦ୍ଧିକୁ ଲକ୍ଷ୍ୟ କରି ସ୍ଥାନୀୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କମ୍ପାନୀ ପକ୍ଷରୁ ପାହାଡ଼ ପାଦ ଦେଶରୁ ଶିଖରରେ ଥିବା ମନ୍ଦିର ଯାଏଁ ସଂଯୋଗ ହୋଇଥିବା ସମ୍ପୂର୍ଣ୍ଣ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ କରାଯାଇଛି, ଯାହା ଦ୍ୱାରା ସୁରକ୍ଷିତ ଓ ଗୁଣାତ୍ମକ ବିଜୁଳି ଯୋଗାଣ ହୋଇପାରିବ। ଟିପିଏସ୍‌ଓଡିଏଲ୍ ପକ୍ଷରୁ ପାହାଡ଼ ପାଦଦେଶରୁ ମନ୍ଦିର ଯାଏଁ ପ୍ରାୟ ୩ କିମି ବ୍ୟାପ୍ତ ବିଦ୍ୟୁତ ଭିତ୍ତିଭୂମିର ରୂପାନ୍ତରଣ କରାଯାଇଛି। ଗୁଣାତ୍ମକ ବିଜୁଳି ଯୋଗାଇବା ପାଇଁ ନୂତନ ଭାବେ ନିର୍ମିତ ଭିତ୍ତିଭୂମିରେ ୭୮ଟି ନୂଆ ବିଦ୍ୟୁତ ଖୁଣ୍ଟ, ୮,୧୯୦ ମିଟର ପରିବ୍ୟାପ୍ତ ଇନସୁଲେଟେଡ୍ କଣ୍ଡକ୍ଟର, ଆଧୁନିକ ଉପକରଣ ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପର ବ୍ୟୟ ଅଟକଳ ୭୭ ଲକ୍ଷ ଟଙ୍କାରୁ ଅଧିକ ରହିଛି। ପୂର୍ବରୁ ବିଦ୍ୟୁତ ଖୁଣ୍ଟଗୁଡ଼ିକ ୫୦-୭୦ ମିଟର ବ୍ୟବଧାନରେ ଥିଲା ଏବଂ ଫୁଙ୍ଗୁଳା କଣ୍ଡକ୍ଟର ଥିବା ଯୋଗୁଁ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମାଙ୍କଡ଼ ଓ ପକ୍ଷୀଙ୍କ ମୃତ୍ୟୁ ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ଟିପିଏସ୍‌ଓଡିଏଲ୍ ୧୧ କେଭି ଫିଡରକୁ ଡି-ଏନର୍ଜାଇଜ୍ କରିବା ସହ ଅସ୍ଥାୟୀ ଭାବେ ପାହାଚ ମାର୍ଗ ଦେଇ ମନ୍ଦିରକୁ ବିଦ୍ୟୁତ ଯୋଗାଣ କରିଥିଲା। ବର୍ତ୍ତମାନ ଉନ୍ନତିକରଣ କାର୍ଯ୍ୟ ପରେ ପୋଲ ଗୁଡ଼ିକ ମଧ୍ୟରେ ବ୍ୟବଧାନ ୩୦ ରୁ ୪୦ ମିଟରକୁ ହ୍ରାସ ହେବା ସହ ସୁରକ୍ଷା ପାଇଁ ଇନସୁଲେଟେଡ୍ କଣ୍ଡକ୍ଟର ସ୍ଥାପନ କରାଯାଇଛି। ଅତ୍ୟଧିକ ସୁରକ୍ଷା ପାଇଁ ମନ୍ଦିର ପ୍ରବେଶ ଦ୍ୱାରରେ ଏକ ଏୟାର ବ୍ରେକ(ଏବି) ସୁଇଚ୍ ସ୍ଥାପନ କରାଯାଇଛି, ଯାହା ଫଳରେ ଜରୁରୀକାଳୀନ ସ୍ଥିତିରେ ତୁରନ୍ତ ବିଦ୍ୟୁତ ଯୋଗାଣ ବିଚ୍ଛିନ୍ନ କରାଯାଇପାରିବ। ଏହାସହ ତାରା ତାରିଣୀ ଛକରୁ ପ୍ରବେଶ ଦ୍ୱାର ଯାଏଁ ଲମ୍ବିଥିବା ରାସ୍ତାର ପ୍ରଶସ୍ତିକରଣ ସମୟରେ ୪୦ଟି ନୂତନ ୧୧ କେଭି ବିଦ୍ୟୁତ ଖୁଣ୍ଟ ଏବଂ ଅନ୍ୟାନ୍ୟ ବିଦ୍ୟୁତ ଉପକରଣ ସ୍ଥାପନ ହୋଇଛି। ଯାହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଉପଭୋକ୍ତା ସ୍ଥାୟୀ ଏବଂ ଭରସାଯୋଗ୍ୟ ବିଜୁଳି ସେବା ପାଇବେ। ସେହିଭଳି, ମନ୍ଦିରକୁ ସଂଯୋଗ ହୋଇଥିବା ରୋପ-ୱେ ବିଦ୍ୟୁତ ଭିତ୍ତିଭୂମିର ରକ୍ଷଣାବେକ୍ଷଣ କାର୍ଯ୍ୟ ଟିପିଏସ୍‌ଓଡିଏଲ୍ କରୁଅଛି। ଓଡ଼ିଶାର ଏକ ପ୍ରମୁଖ ଶକ୍ତିପୀଠ ଭାବେ ପରିଚିତ ତାରା ତାରିଣୀ ମନ୍ଦିରରେ ସୁଦୃଢ଼ ଓ ସୁରକ୍ଷିତ ବିଦ୍ୟୁତ ଭିତ୍ତିଭୂମି ଯୋଗୁଁ ଏଠାକୁ ଆସୁଥିବା ଲୋକେ ଉନ୍ନତ ସେବା ପାଇବେ ଏବଂ ଏହା ଆଧ୍ୟାତ୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। ଦିନକୁ ଦିନ ତାରା ତାରିଣୀକୁ ଆସୁଥିବା ଲୋକଙ୍କ ସଂଖ୍ୟା ବଢୁଥିବା ବେଳେ, ନୂତନ ବିଦ୍ୟୁତ ଭିତ୍ତିଭୂମି ସ୍ଥାନୀୟ ବ୍ୟବସାୟର ଉନ୍ନତିରେ ସହାୟକ ହେବ। ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ତାରା ତାରିଣୀ ମନ୍ଦିର ହେଉଛି ଓଡ଼ିଶା ତଥା ରାଜ୍ୟ ବାହାରର ଲୋକଙ୍କ ଭକ୍ତି ଓ ବିଶ୍ୱାସର କେନ୍ଦ୍ର। ସ୍ଥାନୀୟ ଅଞ୍ଚଳରେ ଭରସାଯୋଗ୍ୟ ବିଜୁଳି ଯୋଗାଣକୁ ସୁନିଶ୍ଚିତ କରିବା ଦିଗରେ ଆମର ପ୍ରତିବଦ୍ଧତାର ଫଳସ୍ୱରୂପ ମନ୍ଦିର ନିକଟରେ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ କରାଯାଇଛି। ଏହା ଗୁଣାତ୍ମକ ସେବା ଯୋଗାଇବା ଦିଗରେ ଆମର ମିଶନକୁ ଦର୍ଶାଏ। ଆମେ ଆଶାବାଦୀ ଯେ ଏହି ପଦକ୍ଷେପ ଯୋଗୁଁ ତାରା ତାରିଣୀ ମନ୍ଦିର ପରିଦର୍ଶନରେ ଆସୁଥିବା ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ଉପଭୋକ୍ତା ଉନ୍ନତ ମାନର ବିଜୁଳି ସେବା ପାଇବେ।

ଭୁବନେଶ୍ୱର
୧୧ ଫେବୃୟାରୀ
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. : BN/60/25-27


### ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ତ୍ରୈମାସିକରେ

# ନାଲ୍‌କୋର ସର୍ବକାଳିନ ରେକର୍ଡ :୧୫୮୩ କୋଟି ଟଙ୍କାର ନିଟ୍ ଲାଭ

ଭୁବନେଶ୍ୱର, ୧୦/୨ ନ୍ୟୁଜ ବ୍ୟୁରୋ

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ)ପକ୍ଷରୁ ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି । ଡିସେମ୍ବର ୨୦୨୪ରେ ଶେଷ ହୋଇଥିବା ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭ ୧,୫୮୩ କୋଟି ଟଙ୍କା ହୋଇଥିବା ବେଳେ, ବିଗତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ଏହି ପରିମାଣ ୪୮୮ କୋଟି ଟଙ୍କା ଥିଲା। ସୋମବାର ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଫଳାଫଳ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ତ୍ରୈମାସିକରେ ନାଲ୍‌କୋର ମୋଟ ଆୟ ୪,୬୬୧ କୋଟି ଟଙ୍କା ହୋଇଥିବା ବେଳେ ଆର୍ଥିକ ବର୍ଷ ୨୦୨୩-୨୪ର ତୃତୀୟ ତ୍ରୈମାସିକରେ ଏହି ପରିମାଣ ୩୩୯୮ କୋଟି ଟଙ୍କା ଥିଲା। ଡିସେମ୍ବର ୨୦୨୪ରେ ଶେଷ ହୋଇଥିବା ୯ ମାସର ଫଳାଫଳ ଅନୁସାରେ କମ୍ପାନୀର ମୋଟ କାରବାର ୧୧,୫୨୦କୋଟି ଟଙ୍କା ସହ ନିଟ୍ ଲାଭ ୩,୨୪୬ କୋଟି ଟଙ୍କା ହୋଇଛି ଯାହାକି ପୂର୍ବ ଆର୍ଥିକ ବର୍ଷର ସମାନ ସମୟରେ ଯଥାକ୍ରମେ ୯,୫୭୦ ଏବଂ ୧,୦୪୪ କୋଟି ଟଙ୍କା ଥିଲା। ନିଟ ଲାଭ ପରିମାଣ ୨୧୧ ପ୍ରତିଶତ ବୃଦ୍ଧି ହେବା ସହ ମୋଟ କାରବାରରେ ୨୦ ପ୍ରତିଶତ ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ତ୍ରୈମାସିକ ତଥା ୯ ମାସର କାରବାରରୁ ନାଲ୍‌କୋ ସର୍ବକାଳିନ ସର୍ବାଧିକ ଆୟ ଓ ଲାଭ ଅର୍ଜନର ରେକର୍ଡ ହାସଲ କରିଛି। କର୍ମଚାରୀମାନଙ୍କୁ ଏହି ସଫଳତାର ଶ୍ରେୟ ଦେବା ସହ ନାଲ୍‌କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, କାର୍ଯ୍ୟ ପ୍ରଣାଳୀରେ ଉନ୍ନତି, ଖର୍ଚ୍ଚ ହ୍ରାସ ଏବଂ ଉତ୍ପାଦର ଗୁଣବତ୍ତା ବୃଦ୍ଧି କମ୍ପାନୀର ସଫଳତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ଚଳିତ ତ୍ରୈମାସିକ ଫଳାଫଳ ମୁଖ୍ୟତଃ କଞ୍ଚାମାଲର ମୂଲ୍ୟ ହ୍ରାସ, ଆଲୁମିନା ଓ ଧାତୁ ବିକ୍ରିରେ ଅଭିବୃଦ୍ଧି ଏବଂ କ୍ୟାପ୍ଟିଭ କୋଇଲା ଖଣିର ଉପଯୋଗ ଯୋଗୁଁ ସମ୍ଭବ ହୋଇଛି। ବର୍ତ୍ତମାନ କମ୍ପାନୀର ୫ମ ଷ୍ଟ୍ରିମ୍ ରିଫାଇନାରୀ ସମ୍ପ୍ରସାରଣ, ପୋଟାଙ୍ଗି ଖଣିର କାର୍ଯ୍ୟକ୍ଷମତା, ସ୍ମେଲଟର ପ୍ଲାଣ୍ଟର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଏବଂ ଯୋଜନାବଦ୍ଧ ଭାବେ ସିପିପି ସମ୍ପ୍ରସାରଣ ସମେତ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ତ୍ୱରିତ କାର୍ଯ୍ୟସମାପ୍ତି ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ ମତ ବ୍ୟକ୍ତ କରିଛନ୍ତି । ସୂଚନା ଯୋଗ୍ୟ ଯେ ଆର୍ଥିକ ବର୍ଷ ୨୦୨୪-୨୫ ନିମନ୍ତେ କମ୍ପାନୀ ପକ୍ଷରୁ ଇକ୍ୱିଟି ସେୟାର ପ୍ରତି ୪ ଟଙ୍କାର ଦ୍ୱିତୀୟ ଇଣ୍ଟେରିମ ଡିଭିଡେଣ୍ଡ ମଧ୍ୟ ଘୋଷଣା କରାଯାଇଛି।





କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚ୍ ପାଇଁ ଭୁବନେଶ୍ୱରରେ ପହଞ୍ଚିଲେ ଜର୍ମାନୀ ମହିଳା ଟିମ୍। (ଫୋଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : କ୍ୟାପିଟାଲ ହାଇସ୍କୁଲ ପଡିଆରେ ଆୟୋଜିତ ପରୀକ୍ଷା ପେ' ଚର୍ଚ୍ଚାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ। (ଫଟୋ : ସମ୍ବାଦ କଳିକା)

### ଦିଲ୍ଲୀରେ ବିଜେପି ଜିତିବା ଓ ଆପ ହାରିବାର ପ୍ରମୁଖ କାରଣ କହିଲେ ବୈଜୟନ୍ତ ପଣ୍ଡା

# କେଜ୍ରିୱାଲଙ୍କ ଉପରେ ଲୋକଙ୍କ ଆକ୍ରୋଶ ବିଜେପି ଜିତିବାର ମୁଖ୍ୟ କାରଣ

ନୂଆଦିଲ୍ଲୀ, ୧୦/୨

ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ହାସଲ କରିଛି ବିଜେପି। ଆପ ଓ କଂଗ୍ରେସକୁ ପଛରେ ପକାଇ ବିଜୟ ମୁକୁଟ ପିନ୍ଧିଛି ବିଜେପି । ତେବେ ଦିଲ୍ଲୀରେ ବିଜେପି ଜିତିବା ଓ ଆପ ହାରିବାର କ'ଣ ରହିଥିଲା ୩ ପ୍ରମୁଖ କାରଣ କହିଲେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା। ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ପଣ୍ଡା କହିଛନ୍ତି ଯେ, ଦିଲ୍ଲୀ ନିର୍ବାଚନ ପ୍ରଭାରୀ ହିସାବରେ ଲୋକଙ୍କ ପାଖକୁ ଯିବା ସମୟରେ କେଜ୍ରିୱାଲଙ୍କ ପ୍ରତି ଆକ୍ରୋଶକୁ ଆମେ ଅନୁଭବ କରିଥିଲୁ । ଦିଲ୍ଲୀ ବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା





ପରିବର୍ତ୍ତେ ଆପ ନେତାମାନେ ଦୁର୍ନୀତିରେ ଲିପ୍ତ ଥିଲେ । ମଦ ଦୁର୍ନୀତି, ଜଳ ବୋର୍ଡରେ ବ୍ୟାପକ ଦୁର୍ନୀତି, ମହଲା ହେଲ୍‌ଥ ସ୍କିମରେ ଦୁର୍ନୀତି ଆପକୁ ଅଡୁଆରେ ପକାଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ ମୁଖ୍ୟ ୨ ବେଡରୁମ୍ ବିଶିଷ୍ଟ କ୍ୱାର୍ଟର ରହିବେ କହି ନିଜ ପାଇଁ ଶିଶ ମହଲ କରି ଲୋକଙ୍କ ଅବିଶ୍ୱାସର ପାତ୍ର ହୋଇଥିଲେ। ତେଣୁ ଦିଲ୍ଲୀ ବାସୀଙ୍କ ଭୟଙ୍କର ରାଗ ଆମକୁ ଦିଲ୍ଲୀରେ ଜିତାଇଥିଲା । ଅପରପକ୍ଷରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ପଣ୍ଡା ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଗ୍ୟାରେଣ୍ଟି, ଗୃହମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ରଣନୀତି, ଅରବିନ୍ଦ କେଜ୍ରିୱାଲଙ୍କ ଉପରେ ଦିଲ୍ଲୀ ଲୋକଙ୍କ ଆକ୍ରୋଶ ଦିଲ୍ଲୀରେ ବିଜେପି ଜିତିବାର ତିନିଟି ପ୍ରମୁଖ କାରଣ । ନିର୍ବାଚନ ପ୍ରଭାରୀ ଦାୟିତ୍ୱ ନେବା ପରେ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ପଣ୍ଡା ଗୃହମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସହଯୋଗରେ ଦିଲ୍ଲୀରେ ବିଜେପି କ୍ଷମତାକୁ ଆଣିବା ପାଇଁ ପ୍ରସ୍ତୁତ କରିଥିଲେ ରଣନୀତି । ରଣନୀତି ହିସାବରେ କାମକୁ ଆଗେଇ ନେଇଥିଲେ ସାଂସଦ, ନେତା ଓ କର୍ମୀ। ଏକ ମନ ଓ ଏକ ପ୍ରାଣ ହୋଇ ସମସ୍ତେ ମିଶି କାମ କରିଥିବାରୁ ଦିଲ୍ଲୀରେ ବିଜେପି କ୍ଷମତାକୁ ଆସିଥିଲା ବୋଲି ଶ୍ରୀ ପଣ୍ଡା କହିଛନ୍ତି । ତେବେ ବହୁ ଆଗରୁ ଏଥର ଦିଲ୍ଲୀରେ ବିଜେପି ଜିତିବ ବୋଲି କହିଥିଲେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ପଣ୍ଡା । ରାଜ୍ୟ ବିଜେପି ସଭାପତି ମନ ମୋହନ ସାମଲଙ୍କ କହିବା ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ଉପରେ ଲୋକଙ୍କ ଆସ୍ଥା ଓ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ପଣ୍ଡାଙ୍କ ସଠିକ ନିର୍ବାଚନ ପରିଚାଳନା ପାଇଁ ଦିଲ୍ଲୀରେ ବିଜେପି କ୍ଷମତାକୁ ଆସିଛି । ଅପରପକ୍ଷରେ ୨୭ ବର୍ଷ ପରେ ଦିଲ୍ଲୀରେ ବିଜେପି ସରକାର ଗଠନ କରିବାକୁ ଯାଉଛି । କିନ୍ତୁ ଏ ବିଜୟ ବିଜେପି ପାଇଁ ଏତେ ସହଜ ନଥିଲା। ଦଳର ନେତା ଓ କର୍ମୀମାନଙ୍କ କଠିନ ପରିଶ୍ରମ ହିଁ ବିଜେପିକୁ ସଫଳତା ଦେଇଛି ବୋଲି ସେ କହିଥିଲେ।

### ବିଧାନସଭାରେ ଉଠିବ ବାରବାଟୀ ପାସ୍ ପ୍ରସଙ୍ଗ

# ଶ୍ୱେତପତ୍ର ଜାରି କରିବାକୁ କଂଗ୍ରେସର ଦାବି

## କଳାବଜାରୀ ହୋଇଥିବା ବିଜେଡିର ଅଭିଯୋଗ

ଭୁବନେଶ୍ୱର, ୧୦/୨ ନ୍ୟୁଜ ବ୍ୟୁରୋ

ବାରବାଟୀ ମ୍ୟାଚ୍ ପାଇଁ ହଜାର ହଜାର କ୍ରିକେଟ ପ୍ରେମୀ ଟିକେଟ ଖଣ୍ଡିଏ ନପାଇ ନିରାଶ ହୋଇଥିବାବେଳେ ୩୦ ହଜାରରୁ ଅଧିକ ପାସ ବଣ୍ଟାଯାଇଥିବା ଚର୍ଚ୍ଚା ହେଉଛି। ଯାହାକୁ ନେଇ ଜନ ଅସନ୍ତୋଷ ଲାଗି ରହିଥିବାବେଳେ ଏହି ଘଟଣା ରାଜନୈତିକ ପ୍ରସଙ୍ଗ ପାଲଟିଛି। ଓସିଏ ଓ କ୍ରୀଡା ବିଭାଗର ଏଭଳି କାର୍ଯ୍ୟକୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ କଡା ସମାଲୋଚନା କରିଛନ୍ତି। ଏପଟେ ଏହି ଘଟଣାରେ, ଆଉ ପାଦେ ଆଗକୁ ଯାଇ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ପାସ୍ ବଣ୍ଟାଯିବା ପ୍ରସଙ୍ଗ ବିଧାନସଭାରେ ଉଠିବ। ଏଥିସହ କାହାକୁ ୩୦ ହଜାର ପାସ୍ ବଣ୍ଟାଗଲା ସେ ନେଇ ଶ୍ୱେତପତ୍ର ଜାରି କରିବାକୁ ଦାବି କରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏହି ପ୍ରସଙ୍ଗକୁ ଗୁରୁତର ସହ ନେଇ ଏହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଅନ୍ୟପଟେ ପାସ୍ ଜାଲିଆତିକୁ ନେଇ ବିରୋଧୀଙ୍କ ତୁମ୍ଭିତୋଫାନ ଭିତରେ ସଫେଇ ରଖିଛନ୍ତି କ୍ରୀଡ଼ା ମନ୍ତ୍ରୀ। ସେ କହିଛନ୍ତି ଯେ, ଟିକେଟ୍ ବ୍ଲାକ୍ କିମ୍ବା କଳାବଜାରୀ ଗ୍ରହଣୀୟ ନୁହେଁ। ହେଲେ ଏତେ ସଂଖ୍ୟାରେ ପାସ୍ କାହିଁକି ଓ କାହାକୁ ବଣ୍ଟାଗଲା ସେ ନେଇ ସ୍ପଷ୍ଟ ଉତ୍ତର ଦେଇନାହାନ୍ତି ମନ୍ତ୍ରୀ। ସୂଚନାଯୋଗ୍ୟ ଯେ, ବାରବାଟୀ ଷ୍ଟାଡିୟମରେ ୪୫ ହଜାର ଦର୍ଶକ ବସିବାର କ୍ଷମତା ରହିଛି। କିନ୍ତୁ ବିଡମ୍ବନାର ବିଷୟ ମାତ୍ର ୧୫ ହଜାର ଟିକେଟ ବିକ୍ରି ହୋଇଥିଲା। ଅବଶିଷ୍ଟ ୩୦ ହଜାର ଟିକେଟକୁ ପାସ ଆକାରରେ ବାଣ୍ଟି ଦିଆଯାଇଥିଲା। ହେଲେ ଏତେ ପାସ କିଏ ନେଲା ତାହା ଅସ୍ପଷ୍ଟ ରହିଛି।

# ୯୦ ଦିନରେ ୬୯ ଦୁର୍ଘଟଣା କରିଛି ମୋ ବସ୍ : ଚକା ତଳେ ଗଲାଣି ଏକାଧିକ ଜୀବନ



ଭୁବନେଶ୍ୱର, ୧୦/୨ ନ୍ୟୁଜ ବ୍ୟୁରୋ

୩ ମାସରେ ୬୯ଟି ଦୁର୍ଘଟଣା ଘଟାଇଲାଣି ମୋ ବସ୍। ୨୮ଟି ଗୁରୁତର ଦୁର୍ଘଟଣା ସହ ଏକାଧିକ ଲୋକଙ୍କ ଜୀବନ ଗଲାଣି ଚକା ତଳେ। ବାରମ୍ବାର ମୋ-ବସ୍ ମୃତ୍ୟୁର ଦୂତ ସାଜିବାପରେ ଏବେ ଚିନ୍ତାରେ କ୍ରୁଟ୍ ସଂସ୍ଥା। କେମିତି ଗାଡି ଚଳାଇଲେ ହେବନି ଦୁର୍ଘଟଣା, ମୋ-ବସ୍ ଡ୍ରାଇଭରଙ୍କୁ ବିଭାଗ ଓ କମିଶନରେଟ୍ ପୋଲିସ ତରଫରୁ ଦିଆଯାଇଛି ଟ୍ରେନିଂ। କେତେବେଳେ ଡ୍ରାଇଭରର ବେପରୁଆପଣ, କେତେବେଳେ ସ୍ପିଡ୍ ଡ୍ରାଇଭ୍। ବାରମ୍ବାର ଦୁର୍ଘଟଣା ଘଟାଉଥିବା ମୋ-ବସ୍‌କୁ ନେଇ କ୍ରୁଟର ବଢିଛି ଚିନ୍ତା। କେତେବେଳେ ଛୋଟପିଲା ଉପରେ ଚଢିଗଲାଣି ତ ପୁଣି କେତେବେଳେ ରାସ୍ତାରେ ପଥଚାରୀକୁ ଧକ୍କା ଦେଲାଣି। ରାଜ୍ୟରେ ଏବେ ମୋ-ବସ୍ ସେବା ଚାଲୁଛି ଅଳ୍ପ କିନ୍ତୁ ଦୁର୍ଘଟଣା ଘଟାଉଛି ବେଶୀ। ଗତ ନଭେମ୍ବରରୁ ଆଜି ପର୍ଯ୍ୟନ୍ତ ୩ ମାସରେ ୬୯ଟି ଦୁର୍ଘଟଣା ଘଟାଇଛି ମୋ ବସ୍। ଯେଉଁଥିରେ ୨୮ଟି ଗୁରୁତର ଦୁର୍ଘଟଣା ଥିବାବେଳେ ଚକାତଳେ ଜୀବନ ଯାଇଛି ଏକାଧିକ। ଏନେଇ କ୍ରୁଟ୍ ପକ୍ଷରୁ ଆରମ୍ଭ ହୋଇଛି କାର୍ଯ୍ୟାନୁଷ୍ଠାନ। ସମସ୍ତ ଡ୍ରାଇଭରଙ୍କ ଚେକିଂ ସହ ୧୦ ହଜାର ଟେଷ୍ଟିଂ ସରିଛି। ସ୍ପିଡ୍ ଲିମିଟ୍ ରଖାଯିବା ସହ ଦୁର୍ଘଟଣା ଘଟିବା ପରେ ଆକ୍ସିଡେଣ୍ଟ କମିଟି ଗଠନ କରାଯାଇଛି। ଯେଉଁଥିରେ ୧୭ ଜଣଙ୍କୁ ଚାକିରୀରୁ ବାହାର କରାଯାଇଛି। ତେଣେ ଦୁର୍ଘଟଣା ମୁକ୍ତ ମୋ-ବସ୍ ସେବା ପାଇଁ ବିଭାଗ ପକ୍ଷରୁ ଡ୍ରାଇଭରଙ୍କୁ ତାଲିମ୍ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। କ୍ରୁଟ୍ ପକ୍ଷରୁ ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲା ଭଳି ୬ଟି ସହରରେ ଚାଲିଛି ମୋ ବସ ସେବା। ୫୨୦ଟି ବସ୍ ପାଇଁ ଅଛନ୍ତି ୨ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ। ପ୍ରତିଦିନ ଯାତାୟାତ କରୁଛନ୍ତି ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ। ତେଣେ ମୋ ବସ୍ ଚଳାଇବା ସମୟରେ ଡ୍ରାଇଭରଙ୍କ ଅବସ୍ଥା, ଗାଡିର ସ୍ଥିତି ସହ କିଭଳି ଦୁର୍ଘଟଣାମୁକ୍ତ ବସ୍ ସେବା ଲୋକଙ୍କୁ ମିଳିବ,ସେନେଇ ଆଲୋଚନା କରାଯାଇଥିବା ସୂଚନା ଦେଇଛନ୍ତି ପୋଲିସ କମିଶନର।

# ପଥରରେ ଛେଚି ଯୁବକଙ୍କୁ ବିଭସ୍ ହତ୍ୟା

ଦିଗପହଣ୍ଡି,୧୦।୨ ନ୍ୟୁଜ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପଟିଗୁଡ଼ା ପଞ୍ଚାୟତ ଡୋଳବ ଗାଁ ନିକଟ ରାସ୍ତାକଡ ଚାଷଜମିରୁ ଜଣେ ଯୁବକଙ୍କ ମୃତଦେହକୁ ସୋମବାର ସକାଳେ ପାଟପୁର ପୋଲିସ ଜବତ କରିଛି। ମୃତକ ଜଣକ ହେଲେ ପୋଡ଼ାମାରି ଗ୍ରାମ ଢ଼ିମିରା ସାହିର ରଜତ ଗୌଡ଼(୨୫)। ରଜତଙ୍କ ମୁଣ୍ଡକୁ ପଥରରେ ଛେଚି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଖବର ପାଇ ପାଟପୁର ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯିବା ପରେ ଜବତ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ରଜତଙ୍କ ମୃତଦେହଟି ଚାଷଜମିର ହିଡ଼ ପାର୍ଶ୍ୱରେ ପଡ଼ିଥିବା ବେଳେ ପ୍ରାୟ ୧୦ ଫୁଟ ଦୂରରେ ଏକ ବାଇକ୍ ରାସ୍ତା ଉପରେ ପଡ଼ିଥିଲା। ଭୋରରେ ସମ୍ପୃକ୍ତ ଅଞ୍ଚଳରେ ପ୍ରବଳ କୁହୁଡି ହୋଇଥିଲା। କିଛି ଗ୍ରାମବାସୀ ପ୍ରଥମେ ବାଇକ୍‌ଟିକୁ ଦେଖି କୁହୁଡି ଯୋଗୁ ଦୁର୍ଘଟଣା ଘଟିଥିବା ଅନୁମାନ କରିଥିଲେ। ପରେ କିଛି ଦୂରରେ ଥିବା ଜମିରେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଛି। ରଜତ ହାଇଦ୍ରାବାଦର ଏକ ହୋଟେଲରେ କାମ କରୁଥିଲେ। ଗତ କିଛିଦିନ ହେଲା ସେ ଗ୍ରାମକୁ ଆସିଥିଲେ। ସନ୍ଧ୍ୟାରେ କାମ ଅଛି କହି ଘରୁ ଯାଇଥିଲେ। ବିଳମ୍ବିତ ରାତି ଯାଏ ଘରକୁ ଫେରି ନ ଥିଲେ। ଘର ଲୋକେ ତାଙ୍କ ମୋବାଇଲକୁ ଫୋନ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ପରିବାର ଲୋକେ ଗ୍ରାମର ବିଭିନ୍ନ ସ୍ଥାନକୁ ଯାଇ ତାଙ୍କୁ ଖୋଜିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ରଜତଙ୍କ ମୃତ୍ୟୁର କାରଣ ସଡ଼କ ଦୁର୍ଘଟଣା ନା ହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି।

### ଗାଡି ଚେକିଂ ଜୋରଦାର

# ପ୍ରଥମ ଦିନରେ ୯୫ ହଜାର ଟଙ୍କା ଜରିମାନା ଦେଲେ ଅମାନିଆ

ଭୁବନେଶ୍ୱର, ୧୦/୨ ନ୍ୟୁଜ ବ୍ୟୁରୋ

ଗାଡି ଚେକିଂର ପ୍ରଥମ ଦିନରୁ ୯୫ ହଜାର ଟଙ୍କା ଜୋରିମାନା ଆଦାୟ କରିଛି କମିଶନରେଟ୍ ପୁଲିସ । ୧୦ ତାରିଖରୁ ଚେକିଂ ଜୋରଦାର ହେବ ବୋଲି ପୂର୍ବରୁ ସୂଚନା ଦେଇଥିବାବେଳେ ସୋମବାର ପ୍ରଥମ ଦିନରେ କମିଶନରେଟ୍ ପୁଲିସ ଟ୍ୱିନସିଟିର ୫ଟି ସ୍ଥାନରେ ଚେକିଂ କରି ୯୫ ହଜାର ଟଙ୍କା ଜରିମାନା ଆଦାୟ କରିଛି । ୧୯ଟି ଗାଡିର ବ୍ଲାକ ଫିଲ୍ମ ଖୋଲାଯାଇଥିବାବେଳେ ବିକଟାଳ ହର୍ଣ୍ଣ ଲାଗିଥିବା ୨୫ଟି ଗାଡି ସିଜ୍ କରାଯାଇଛି। ମଙ୍ଗଳବାରଠୁ ଜୋରଦାର ଚେକିଂ ହେବ ବୋଲି ଟ୍ରାଫିକ୍ ଡିସିପି ତପନ ମହାନ୍ତି ସୂଚନା ଦେଇଛନ୍ତି ।








ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ସାରା ଦେଶରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ଥିବା କେସ୍‌ରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ

ନୂଆଦିଲ୍ଲୀ, ୧୦/୨

ଯେଉଁ ସାଂସଦ ଓ ବିଧାୟକମାନଙ୍କ ବିରୋଧରେ ବିଭିନ୍ନ ପ୍ରକାରର କେସ୍ ରହିଛି, ସେଗୁଡିକର ଶୁଣାଣି ଶୀଘ୍ର କରାଯିବ। ସାଧାରଣତଃ ଏହି କେଶ୍ ଗୁଡିକର ବିଚାରରେ ବିଳମ୍ବ ହେଉଛି । ସାଂସଦ ଓ ବିଧାୟକମାନେ ପ୍ରଭାବଶାଳୀ ହୋଇଥିବାରୁ ମାମଲାଗୁଡିକର ଶୀଘ୍ର ବିଚାର ହୋଇପାରୁନାହିଁ । ତାରିଖ ପରେ ତାରିଖ ଗଡୁଛି । ଏ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି । କ'ଣ କରାଗଲେ ତ୍ୱରିତ ବିଚାର ହୋଇପାରିବ, ସେ ସଂପର୍କରେ ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି ଆମିକସ୍ କ୍ୟୁରି ତଥା ବରିଷ୍ଠ ଆଇନଜୀବୀ ବିଜୟ ହଂସାରିଆ। ଏମିତି ହେଲେ ଆଉ ଖସିପାରିବେନି ପ୍ରଭାବଶାଳୀ ନେତା । ମନିଟର୍ କରିବେ ହାଇକୋର୍ଟ । କଠୋର ହୋଇପାରନ୍ତି ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟରେ ଏ ସଂପର୍କରେ ଏକ ସଦ୍ୟତମ ରିପୋର୍ଟ ସେ ଦାଖଲ କରିଛନ୍ତି। ଏଡିଆର ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ରିପୋର୍ଟ ମଧ୍ୟ ସେ ସୁପ୍ରିମକୋର୍ଟଙ୍କ ଦୃଷ୍ଟିକୁ ଆଣିଛନ୍ତି । ଲୋକସଭାର ୨୫୧ ଜଣ ସାଂସଦ ବିଭିନ୍ନ ମାମଲାରେ ଛନ୍ଦି ହୋଇଛନ୍ତି। ଏହି ୨୫୧ ଜଣଙ୍କ ମଧ୍ୟରୁ ଓଡ଼ିଶାର ୧୬ ଜଣ ସାଂସଦଙ୍କ ବିରୋଧରେ



ରହିଛି ମାମଲା। ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ବିରୋଧରେ ରହିଛି ଗୁରୁତର ମାମଲା। ଓଡ଼ିଶାର ୪୫୭ଟି କେସ୍ ମଧ୍ୟରୁ ୨୦୬ଟି କେସ୍ ୧୦ ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ଥିବା ବେଳେ ୧୬୧ଟି କେସ୍ ୫ ବର୍ଷରୁ ୧୦ ବର୍ଷ ହେଲା ଚାଲିଛି । ୯୦ଟି ମାମଲା ୫ ବର୍ଷ ଭିତରେ ରହିଛି । ଓଡ଼ିଶାରେ ୨୦୨୪ରେ ୪୨ଟି ନୂଆ ମାମଲା ରୁଜୁ ହୋଇଥିଲା ବେଳେ ଫଇସଲା ହୋଇଛି ୪୨ଟି ମାମଲା। କଟକରେ ଏକ ମାମଲା ୧୯୯୧ ମସିହାରୁ ବିଚାରାଧୀନ ଥିବା ରିପୋର୍ଟରେ ଦର୍ଶାଯାଇଛି । ଆମିକସ୍ କ୍ୟୁରି ବିଜୟ ହଂସାରିଆ ସୁପ୍ରିମକୋର୍ଟରେ କହିଛନ୍ତି ଯେ, ଅନେକ ମାମଲାରେ ଅଭିଯୁକ୍ତମାନେ ନିର୍ଦ୍ଧାରିତ ତାରିଖରେ କୋର୍ଟରେ ହାଜର ହେଉନାହାନ୍ତି । ବାରମ୍ବାର ତାରିଖ ଗଡାଉଛନ୍ତି । ତଳ କୋର୍ଟ ମଧ୍ୟ କୋହଳ ମନୋଭାବ ପୋଷଣ କରି ସମୟ ଦେଇ ଚାଲିଛନ୍ତି । ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ କେତେକ କୋର୍ଟରେ ମାମଲାର ବିଚାର ମନ୍ଥର ଗତିରେ ଚାଲିଛି । ତେଣୁ ତ୍ୱରିତ ବିଚାର ପାଇଁ ପୁଣି ଥରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଆବଶ୍ୟକତା ଥିବା ସେ କହିଛନ୍ତି । ସ୍ୱତନ୍ତ୍ର କୋର୍ଟଗୁଡିକ ଏହି ମାମଲାର ବିଚାର ପରେ ଅନ୍ୟ ମାମଲାର ଶୁଣାଣି କଲେ ଠିକ୍ ହେବ ଓ ମାମଲାଗୁଡିକର ଶୀଘ୍ର ବିଚାର ହୋଇପାରିବ ବୋଲି ସେ ଦର୍ଶାଇଛନ୍ତି । ୩ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ମାମଲା ଗୁଡିକର ଶୁଣାଣି ପ୍ରତିଦିନ କରିବା ପାଇଁ ସେ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଏପରିକି ଜଣେ ଅଭିଯୁକ୍ତ ଯଦି ଦୁଇଟି ତାରିଖରେ ହାଜର ହେଉନାହାନ୍ତି, ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଉ। ସାଂସଦ ଓ ବିଧାୟକଙ୍କ ବିରୋଧରେ ଚାଲିଥିବା ମାମଲା ସଂପର୍କରେ ସାଧାରଣ ଲୋକ ବା ଭୋଟରମାନଙ୍କର ଜାଣିବାର ଅଧିକାର ରହିଛି। ତେଣୁ ଏ ମାମଲାଗୁଡିକର ତଥ୍ୟ ଜାଣିବା ପାଇଁ ହାଇକୋର୍ଟ ୱେବସାଇଟରେ ଏକ ପ୍ରମୁଖ ଟାବ୍ ରଖାଯାଉ । ବର୍ଷ ବର୍ଷ ଧରି କୋର୍ଟରେ ମାମଲା ପଡିରହିଥିବା ଘଟଣା ଦର୍ଶାଉଛି ଯେ, କେସ୍‌ର ତଦନ୍ତ ଓ ଶୁଣାଣି ଉପରେ ସାଂସଦ ଓ ବିଧାୟକମାନଙ୍କ ପ୍ରଭାବ ରହୁଥିବାରୁ କେସ୍ ଶୀଘ୍ର ସରୁନାହିଁ। କେବଳ ବିଶେଷ ପରିସ୍ଥିତିରେ ଶୁଣାଣି ଘୁଞ୍ଚାଯାଉ । ଏହା ଆମିକସ୍ କ୍ୟୁରି ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି । ସାଂସଦ ଓ ବିଧାୟକଙ୍କ ବିରୋଧରେ ଚାଲିଥିବା ମାମଲାଗୁଡିକୁ ମନିଟର କରିବାକୁ ଏକ ସ୍ୱତନ୍ତ୍ର ବେଞ୍ଚ ଗଠନ କରିବାକୁ ୨୦୨୩ ନଭେମ୍ବରରେ ସୁପ୍ରିମକୋର୍ଟ ଦେଶର ସବୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକ, ସାଂସଦ, ପୂର୍ବତନ ବିଧାୟକ ଓ ପୂର୍ବତନ ସାଂସଦମାନଙ୍କ ନାଁରେ ସମଗ୍ର ଦେଶରେ ବିଚାରାଧୀନ ରହିଛି ୪୭୩୨ଟି ଫୌଜଦାରୀ ମାମଲା । ଏହି ମାମଲା ଗୁଡିକର ତ୍ୱରିତ ବିଚାର ହୋଇପାରୁ ନଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବାରମ୍ବାର ତାଗିଦ ସତ୍ତ୍ୱେ ବି ଦୀର୍ଘ ଦିନ ଧରି ପଡିରହୁଛି ମାମଲା । ସବୁ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟ ବିଧାୟକ ଓ ସାଂସଦମାନଙ୍କ ବିରୋଧରେ ଥିବା ମାମଲାର ବିଚାର ଶୀଘ୍ର କରିବା ପାଇଁ ପୂର୍ବରୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶାରେ ଏବେ ୪୫୭ଟି ଏହି ଧରଣର ମାମଲା ବିଭିନ୍ନ କୋର୍ଟରେ ଚାଲିଥିଲା ବେଳେ ବର୍ତ୍ତମାନର ସାଂସଦ ଓ ବିଧାୟକଙ୍କ ବିରୋଧରେ ରହିଛି ୧୧୭ଟି ମାମଲା । ତେବେ ଉଦ୍‌ବେଗର ବିଷୟ ହେଉଛି, ସାରା ଦେଶରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ଥିବା କେସ୍‌ରେ ଓଡ଼ିଶାର ସ୍ଥାନ ରହିଛି ଦ୍ୱିତୀୟ। ଓଡ଼ିଶାରେ ୪୫୭ଟି କେସ୍ ଚାଲିଛି । ତେବେ ପ୍ରଥମ ସ୍ଥାନରେ ରହିଛି ଉତ୍ତର ପ୍ରଦେଶ । ଏହି ରାଜ୍ୟରେ ସାଂସଦ, ବିଧାୟକ, ପୂର୍ବତନ ସାଂସଦ ଓ ପୂର୍ବତନ ବିଧାୟକଙ୍କ ବିରୋଧରେ ୧୧୭୧ଟି ମାମଲା ଚାଲିଛି । ଓଡ଼ିଶା ତଳକୁ ରହିଛି ମହାରାଷ୍ଟ୍ର । ମହାରାଷ୍ଟ୍ରରେ ଏହି ସଂଖ୍ୟା ୪୪୨। ତେବେ ଓଡ଼ିଶା ଭଳି ଏକ ଛୋଟ ରାଜ୍ୟରେ ଏହି ସଂଖ୍ୟା ଅଧିକ ରହିବା ଚର୍ଚ୍ଚାର ବିଷୟ ହୋଇଛି ।